



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-90 ◆TUESDAY ◆23 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୯୦ ◆ମଙ୍ଗଳବାର ◆୨୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





# ୨ କୋଟି ହିତାଧିକାରୀ ପାଇନାହାନ୍ତି ଆୟୁଷ୍ମାନ କାର୍ଡ

## ବିଏସ୍‌କେୱାଇରେ ବର୍ଷକ ଖର୍ଚ୍ଚ ୩୮୨୭ କୋଟି, ଆୟୁଷ୍ମାନରେ ମାତ୍ର ୧୧୧୯ କୋଟି

■ ୩.୪୭ କୋଟି ହିତାଧିକାରୀଙ୍କ ମଧ୍ୟରୁ କାର୍ଡ ପାଇଛନ୍ତି ମାତ୍ର ୧.୪୭ କୋଟି
■ କାର୍ଡ ଛପା, କଭର ଓ ବିତରଣ ପାଇଁ ୧୬ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ

ଭୁବନେଶ୍ୱର,୨୨।୯ (ସମିସ): ନବୀନ ସରକାରଙ୍କ ସ୍ୱାସ୍ଥ୍ୟ ସଞ୍ଜିବନୀ ବିଏସ୍‌କେୱାଇ ବନ୍ଦ କରି ରାଜ୍ୟ ସରକାର ଆୟୁଷ୍ମାନ କାର୍ଡ ପ୍ରଚଳନ କଲେ। ମାତ୍ର ୧୫ ମାସ ପରେ ବି ରାଜ୍ୟର ୨ କୋଟି ଲୋକ ଏଯାଏ ଆୟୁଷ୍ମାନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । କୌତୂହଳର କଥା ହେଉଛି ପୂର୍ବ ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ବର୍ଷକୁ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ୩୮୨୭ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଆୟୁଷ୍ମାନ ଯୋଜନାରେ ଏଯାଏ ରାଜ୍ୟ ସରକାର ଏହାର ଏକ ତୃତୀୟାଂଶରୁ କମ୍ ଅର୍ଥାତ୍ ମାତ୍ର ୧୧୧୯ କୋଟି ଟଙ୍କା ବ୍ୟୟ କରିବାକୁ ସକ୍ଷମ ହୋଇଛନ୍ତି । ବିଧାନସଭାରେ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଏହି ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବ ଯୋଜନାରେ ବିଏସ୍‌କେୱାଇ କାର୍ଡକୁ ଅଚଳ କରିବାର ମୂଲ୍ୟ ବାବଦରେ ରାଜକୋଷରୁ ରାଜ୍ୟ ସରକାର ପ୍ରାୟ ୧୬.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଆୟୁଷ୍ମାନ୍ କାର୍ଡ ଛପା ଏବଂ ବିତରଣ ପାଇଁ ୬ କୋଟି ୨୬ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାସହିତ କାର୍ଡ କଭର କିଟ୍ ପାଇଁ ୧୦ କୋଟି ୨୫ ଲକ୍ଷ ୯୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ମୋଟ୍ ଅର୍ଥକୁ ମିଶାଇଲେ ଏବାବଦକୁ ବର୍ତ୍ତମାନ ସୁଦ୍ଧା ୧୬ କୋଟି ୫୨ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ବିଡ଼ମ୍ବନା ହେଉଛି ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୩.୪୭ କୋଟି ହିତାଧିକାରୀଙ୍କ ମଧ୍ୟରୁ ୧.୪୭ କୋଟି ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି ଓ ଅବଶିଷ୍ଟ ପ୍ରାୟ ୨ କୋଟି ଲୋକଙ୍କୁ କାର୍ଡ ବଣ୍ଟନ କାର୍ଯ୍ୟ ଏବେ ବି ଜାରି ରହିଛି।

ମନ୍ତ୍ରୀଙ୍କ ଏହି ଉତ୍ତର ପରେ ଆୟୁଷ୍ମାନ କାର୍ଡ ବାବଦକୁ କିପରି ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି, ତାହା ପଦାକୁ ଆସିଛି। ପୂର୍ବରୁ ବିଏସ୍‌କେୱାଇ ଯୋଜନାର ସ୍ମାର୍ଟ କାର୍ଡ ପ୍ରତି ଲୋକଙ୍କ ନିକଟରେ ରହିଥିଲା। ସରକାର ଏହି ଯୋଜନାର ନାମ ପରିବର୍ତ୍ତନ କରିଥିଲେ ବି ସେହି କାର୍ଡକୁ ମଧ୍ୟ ଆୟୁଷ୍ମାନ କାର୍ଡକୁ ପରିବର୍ତ୍ତନ କରାଯାଇ ପାରିଥାଆନ୍ତା ଓ ଚିପ୍ ଲଗା କାର୍ଡଗୁଡ଼ିକ ଅଚଳ ହୋଇ ନ ଥାନ୍ତା। ମାତ୍ର ରାଜ୍ୟ ସରକାର ନୂତନ କାର୍ଡ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ପାଇଁ ରାଜ୍ୟ ରାଜକୋଷ ଉପରେ ବିପୁଳ ବୋଝ ପଡ଼ିଥିଲେ ହେଁ ଏହା ଏଯାଏ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ ।

ଅନ୍ୟପକ୍ଷରେ ଆୟୁଷ୍ମାନ କାର୍ଡ ବଣ୍ଟନ ପରଠାରୁ ପ୍ରତି ମାସରେ ଘରୋଇ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କାର ବିଲ୍ ପୈଠ କରିଛନ୍ତି ଓ ସରକାର ୨୦୨୩-୨୦୨୪ରେ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କା ବିଲ୍ ପ୍ରଦାନ କରିଛନ୍ତି ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ରାଜ୍ୟବାସୀଙ୍କୁ ନିରାଶ କରିଛି। ଆୟୁଷ୍ମାନ କାର୍ଡ ବଣ୍ଟନ ଆରମ୍ଭ ହେବାଠାରୁ ସରକାର ୪୦୫୦୪୪ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ଅଦ୍ୟାବଧି ୧୧୧୯ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନୁରୂପ ଭାବରେ ତତ୍କାଳୀନ ବିଜେଡି ସରକାର ସମୟରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ବାବଦରେ ରାଜ୍ୟ ସରକାର ୨୦୨୩-୨୪ରେ ୨୭୮୨ କୋଟି ଟଙ୍କା ଓ ୨୦୨୪-୨୫ରେ ୩୮୨୭ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ସହ ରାଜ୍ୟ ବାହାରେ ଥିବା ପଞ୍ଜିକୃତ ଚିକିତ୍ସାଳୟରେ ୨୧ ହଜାର ୩୯୪ ହିତାଧିକାରୀ ଚିକିତ୍ସା ସୁବିଧା ବାବଦକୁ ୫୫ କୋଟି ୫୫ ଲକ୍ଷ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରୀ ତଥ୍ୟ ପ୍ରଦାନ କରିଛନ୍ତି ।

# ଆଜି ରତ୍ନଭଣ୍ଡାରକୁ ଫେରିବ ମହାପ୍ରଭୁଙ୍କ ଅଳଙ୍କାର

## ଦିଅଁ ଦର୍ଶନ ବନ୍ଦ; ଆନନ୍ଦବଜାର ଖୋଲା

ପୁରୀ, ୨୨।୯ (ସମିସ): ଦୀର୍ଘ ୧୪ ମାସ ପରେ ଆସନ୍ତାକାଲି (ମଙ୍ଗଳବାର) ସ୍ଥାନାନ୍ତର ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର। ଅସ୍ଥାୟୀ ରତ୍ନଭଣ୍ଡାରରୁ ସ୍ଥାୟୀ ରତ୍ନଭଣ୍ଡାରକୁ ନିଆଯିବ। ଏଥିପାଇଁ ପୂର୍ବାହ୍ନ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ଶୋଧ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ। ସ୍ଥାନାନ୍ତର ସମୟରେ ଆନନ୍ଦବଜାର କିନ୍ତୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱାଭାବିକ ରହିବ। ମହାପ୍ରସାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ।

ଅନ୍ୟପକ୍ଷରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହି ମାର୍ଗଦର୍ଶିକାକୁ ଅନୁପାଳନ କରିବା ନେଇ ସୋମବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରଶାସନ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌ରୁ (ଖଟଶେଯ ଓ ଚାଙ୍ଗଡ଼ା ଘର) ରତ୍ନ ଅଳଙ୍କାରଗୁଡ଼ିକ ସୁରକ୍ଷିତ ଭାବେ ସ୍ଥାନାନ୍ତର ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଧିକୃତ ୧୧ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍-କମିଟି ସଦସ୍ୟ ଗଣେଶ ଦାସମହାପାତ୍ର, ଦେଉଳକରଣ, ତଢ଼ଉକରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ ବିଶ୍ୱନାଥ ରଥ ଓ ସୁଦର୍ଶନ ପଟ୍ଟନାୟକ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ରହିଛନ୍ତି। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସାମିଲ ହେବେ। ମାର୍ଗଦର୍ଶିକା ଆଧାରରେ ପୂର୍ବାହ୍ନ ୧୦ଟାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବା ସହ ଅମୃତ ବେଳା ଅନୁସାରେ ସକାଳ ୭ଟା ୧୭ରୁ ପୂର୍ବାହ୍ଣ ୧୧ଟା ୧୭ ମଧ୍ୟରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଭିତରକୁ ଯାଇ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିବେ।

# ଦୁର୍ଘଟଣାରେ ବାପ-ପୁଅ ମୃତ

ଭବାନୀପାଟଣା, ୨୨।୯ (ସମିସ): ନର୍ଲା ଥାନା ଅଧୀନ ଦେହେଲି ଛକ ନିକଟରେ ଏକ ବାଇକ୍ ଓ ପିକ୍-ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ତେର୍ଲୋ ଗ୍ରାମର ଗୋଟିଏ ପରିବାରର ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବୁଦ୍ଧ ବାରିକ (୩୫) ଓ ତାଙ୍କ ପୁଅ ଅର୍ଣ୍ଣବ (୧୦) ।

ସୂଚନାନୁସାରେ, ସକାଳ ପ୍ରାୟ ୯ଟାରେ ସମସ୍ତେ ଏକ ବାଇକ୍‌ରେ ନର୍ଲା ଆସୁଥିଲେ। ଦେହେଲି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ବୁଦ୍ଧ ଓ ଅର୍ଣ୍ଣବଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ମା'-ଝିଅଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ଦୁଇଜଣଙ୍କ ଅବସ୍ଥା ସ୍ଥିର ଅଛି ବୋଲି ସିଡିଏମ୍‌ଓ ଡା. ନୀହାରେନ୍ଦ୍ର ପଣ୍ଡା କହିଛନ୍ତି। ଅନ୍ୟପଟେ, ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଗାଡ଼ି ମାଲିକ ସେଠାରେ ପହଞ୍ଚି ନଥିବା ବେଳେ ନର୍ଲା ତହସିଲଦାର ଲୋକଙ୍କୁ ବୁଝାସୁଝା କରୁଛନ୍ତି।

# କାନ୍ଥ ପଡ଼ି ବାପା-ମା' ମୃତ, ଝିଅ ଗୁରୁତର

ବସ୍ତା ବ୍ଲକ, ୨୨।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡ଼ା ପଞ୍ଚାୟତ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ କାନ୍ଥ ପଡ଼ି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ନାବାଳିକା ଝିଅ ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଗ୍ରାମର ପିଥ ମୁର୍ମୁ (୩୯) ଓ ତାଙ୍କ ସ୍ତ୍ରୀ ମିନତି ମୁର୍ମୁ (୩୫)। ତାଙ୍କ ଝିଅ ଲକ୍ଷ୍ମୀକୁ ବାଲେଶ୍ୱର



ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତରାତିରେ ସମସ୍ତେ ଖାଇପିଇ ଶୋଇଥିବାବେଳେ ଘରର ଗୋଟିଏ ପଟ କାନ୍ଥ ହଠାତ୍ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଚିତ୍କାର ଶୁଣି ପଡ଼ୋଶୀ ସେମାନଙ୍କୁ ମାଟି ତଳୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ପିଥ ଓ ମିନତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଝିଅ ଲକ୍ଷ୍ମୀକୁ ଡାକ୍ତରଙ୍କ ପରାମର୍ଶକ୍ରମେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା; ୩ ଅଟକ

## ନାଳରୁ ଉଦ୍ଧାର ହେଲା ଗଳିତ ମୃତଦେହ

ତେଲକୋଇ, ୨୨।୯ (ସମିସ): ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ୍ ରାଣୀବେଡ଼ା ସଂରକ୍ଷିତ ଜଙ୍ଗଲରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆଜି ସ୍ଥାନୀୟ କାଉବସା ନାଳ ନିକଟରୁ ବନ ବିଭାଗ ଉକ୍ତ ମାଈ




ହାତୀର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ହାତୀଟିର ବୟସ ୮ରୁ ୧୦ବର୍ଷ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗୋକୁଳ ଜୁଆଙ୍ଗ (୪୨) ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ୨ଅଭିଯୁକ୍ତ ଇନ୍ଦ୍ରମଣି ଜୁଆଙ୍ଗ (୫୬) ଓ ଗଣେଶ ଜୁଆଙ୍ଗ(୨୫)କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଛି। ସମସ୍ତଙ୍କ ଘର ଟାଙ୍ଗିରୀ ଗ୍ରାମ ଦୁବନାଳୀ ସାହିରେ। ଅପରପକ୍ଷେ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ଉକ୍ତ ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଛି। ବନ ବିଭାଗ କହିଛି, ସୋଲାର୍ ବାଡ଼ ସ୍ଥାନରେ କରେଣ୍ଟ ସଂଯୋଗ କରାଯାଇଥିବାରୁ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଛି।

# ରାଜେନ୍ଦ୍ର ଢୋଲକିଆଙ୍କୁ ନବୀନଙ୍କ ଗଭୀର ଶ୍ରଦ୍ଧାଞ୍ଜଳି

## ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ସ୍ମରଣୀୟ ହୋଇ ରହିବେ ରାଜେନ୍ଦ୍ର

ଭୁବନେଶ୍ୱର,୨୨।୯ (ସମିସ): ଲୋକପ୍ରିୟ ରାଜନେତା ରାଜେନ୍ଦ୍ର ଢୋଲକିଆ ବିଜେଡିର ଏକ ସ୍ତମ୍ଭ ଥିଲେ। ଦଳକୁ ମଜଭୁତ କରିବାରେ ତାଙ୍କର ବିଶେଷ ଅବଦାନ ଥିଲା। ସେ ସବୁବେଳେ ତୃଣମୂଳସ୍ତରର ଲୋକଙ୍କ ସହ ଯୋଡ଼ି ହୋଇ ରହିବା ସହ ସେମାନଙ୍କ ସୁଖ ଦୁଃଖର ସାଥୀ ଥିଲେ। ନୂଆପଡ଼ାର ବିକାଶ କ୍ଷେତ୍ରରେ ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସବୁଦିନ ମନେ ରହିବେ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସ୍ୱର୍ଗତଃ ଢୋଲକିଆଙ୍କ ବିୟୋଗରେ ନୂଆପଡାରେ ଆୟୋଜିତ ଶୋକ ସଭାରେ ଶ୍ରୀ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତଃ ଢୋଲକିଆ ବାବୁଙ୍କ ଅଧୁରା କାମକୁ ପୁରା କରିବାକୁ ତାଙ୍କ ପରିବାର ସହ ବିଜେଡି ଓ ସେ ନିଜେ ସମସ୍ତେ ଏକାଠି କାମ କରିବେ ବୋଲି ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।



ନୂଆପଡାର ବିକାଶରେ ସ୍ୱର୍ଗତ ଢୋଲକିଆଙ୍କ ଅବଦାନ ବିଷୟରେ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଭିତ୍ତିଭୂମି ବିକାଶ ବିଶେଷ କରି ନୂଆପଡାରେ ବିଜୁ ଏକ୍ସପ୍ରେସ ୱେ, ପିଇବା ପାଣି ଓ ଜଳସେଚନ କ୍ଷେତ୍ରରେ ସ୍ୱର୍ଗତ ଢୋଲକିଆ ବହୁତ ଭଲ କାମ କରିଥିଲେ। ଜନଜାତି ଭାଇ ଭଉଣୀମାନଙ୍କ କଲ୍ୟାଣ ସହ ନୂଆପଡାରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ଢୋଲକିଆ ବାବୁଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ସେହିପରି ସମାଜସେବା କ୍ଷେତ୍ରରେ ମଧ୍ୟ ଢୋଲକିଆ ବାବୁଙ୍କ ବିଶେଷ ପରିଚୟ ଥିଲା। ଗରିବ ଲୋକଙ୍କ ବିବାହ ହେଉ ବା ଚକ୍ଷୁ ଚିକିତ୍ସା ଶିବିର ଓ ଭିନ୍ନକ୍ଷମମାନଙ୍କ ପାଇଁ ଶିବିର ଆୟୋଜନ କରି ସେ ଲୋକଙ୍କ ସେବା ଜାରି ରଖିଥିଲେ। ତାଙ୍କର ଶାନ୍ତ ସରଳ ଅମାୟିକ ଓ ନିରହଂକାର ଗୁଣ ଯୋଗୁଁ ସେ ସମସ୍ତଙ୍କର ଆଦରଣୀୟ ଥିଲେ। ସ୍ୱର୍ଗତ ଢୋଲକିଆ ଆଜି ଆମ ଭିତରେ ନାହାନ୍ତି; କିନ୍ତୁ ନୂଆପଡାର ବିକାଶ ଓ ଲୋକଙ୍କ କଲ୍ୟାଣ ପାଇଁ ତାଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ସେ ଲୋକଙ୍କ ପ୍ରିୟ ଥିଲେ ଏବଂ ସବୁବେଳେ ପ୍ରିୟ ହୋଇ ରହିଥିବେ ବୋଲି ନବୀନ ମତବ୍ୟକ୍ତ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୨୨।୯ (ସମିସ): ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏକାଡେମୀର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ପରିଷଦ କାର୍ଯ୍ୟକାଳ ଗତ ୨୦୨୩ ଜୁଲାଇ ୧୯ ପରଠାରୁ ଶେଷ ହୋଇଛି। ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ୫ ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା। ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୭କୁ ଧାର୍ଯ୍ୟ କରାଯାଇଛି।

# ଜୁଆରେ ଉଡ଼ାଇ ଦେଲେ ୫୫ ଲକ୍ଷ ସରକାରୀ ଅନୁଦାନ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୂର୍ବ ଅଧ୍ୟକ୍ଷ ଗିରଫ

ଭୁବନେଶ୍ୱର,୨୨।୯ (ସମିସ): ସ୍କୁଲକୁ ଆସିଥିବା ଅନୁଦାନ ଅର୍ଥରେ ଅନଲାଇନ ଜୁଆ ଖେଳି ଗିରଫ ହୋଇଛନ୍ତି ପୂର୍ବତନ ଅଧ୍ୟକ୍ଷ। ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୌମ୍ୟରଞ୍ଜନ କ୍ଷେତିଙ୍କୁ ସୋମବାର ଗିରଫ କରିଛି ଭିଜିଲାନ୍ସ। ବିଭିନ୍ନ କାର୍ଯ୍ୟ ପାଇଁ ସ୍କୁଲକୁ ଆସିଥିବା ପ୍ରାୟ ୫୫ ଲକ୍ଷ ଟଙ୍କାକୁ କ୍ଷେତି ଆତ୍ମସାତ କରିଥିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ କରି ତାଙ୍କୁ ଗିରଫ କରାଯାଇଛି। ୨୦୨୧ ସେପ୍ଟେମ୍ବର ୨୯ରେ କ୍ଷେତିଙ୍କୁ ବିନିକା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୧ରୁ ୨୦୨୫ ମଧ୍ୟରେ ସ୍କୁଲର ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ ଅଭିଯାନ ଏବଂ ଛାତ୍ରୀନିବାସ ପାଣ୍ଠିକୁ ୫୫ ଲକ୍ଷ ୨୬୧୦ ଟଙ୍କା ଆସିଥିଲା। କିନ୍ତୁ ସେ ଏସବୁ ଅର୍ଥକୁ ହରିଲୁଟ କରିନେଇଛନ୍ତି। ତନ୍ମଧ୍ୟରୁ ପ୍ରାୟ ୧୧ ଲକ୍ଷ ଟଙ୍କା ସେ ତିନ୍ ପତି ଅନଲାଇନ ବେଟିଂ ଆପରେ ବିନିଯୋଗ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରି ଗିରଫ କରିଛି।

# ୨୭ ସୁଦ୍ଧା ଜିଲ୍ଲା କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

## ପ୍ରତି ଜିଲ୍ଲାରେ ନିଯୁକ୍ତି ହେବେ କାର୍ଯ୍ୟକାରୀ ସଭାପତି

ଭୁବନେଶ୍ୱର,୨୨।୯ (ସମିସ): ଆସନ୍ତା ୨୭ ତାରିଖ ସୁଦ୍ଧା ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଘୋଷଣା କରିବ କଂଗ୍ରେସ। ସଂଗଠନ ସୃଜନ ପ୍ରକ୍ରିୟାରେ କଂଗ୍ରେସ ଜିଲ୍ଲାସଭାପତି ପାଇଁ ଏଆଇସିସି ପର୍ଯ୍ୟବେକ୍ଷକମାନେ ଯେଉଁ ୩ଟି ଲେଖାଏ ନାମ ସୁପାରିସ କରିଛନ୍ତି, ସେଥିରୁ ଗୋଟିଏ ନାମରେ ମୋହର ମାରିବେ ଏଆଇସିସି କର୍ତ୍ତୃପକ୍ଷ। ସୋମବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନଠାରେ ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକ, ପିସିସି ସଭାପତି ଓ ଓଡ଼ିଶା ପ୍ରଭାରୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ ଏହି ଆଲୋଚନାରେ ଓଡ଼ିଶା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଆବଣ୍ଟିତ ଜିଲ୍ଲାର ଦଳୀୟ ପଦାଧିକାରୀ ଓ ସାମାଜିକ ଗୋଷ୍ଠୀଙ୍କ ସହିତ ଆଲୋଚନା ପରେ ସେମାନେ ପ୍ରସ୍ତୁତ କରିଥିବା ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ସେମାନେ ବିଭିନ୍ନ ଜିଲ୍ଲାର ସାମାଜିକ-ରାଜନୈତିକ ଦୃଶ୍ୟପଟ ଏବଂ ଜିଲ୍ଲାର କଂଗ୍ରେସ ସ୍ଥିତି ଆଦିର ବିଶ୍ଳେଷଣ କରି ତଥ୍ୟ ରଖିଛନ୍ତି। ଏଗୁଡ଼ିକୁ ଆଧାର କରି ଜିଲ୍ଲାସଭାପତିଙ୍କ ନାଁ ଉପରେ ମୋହର ବାଜିବ । ସମ୍ଭବତଃ ତାଲିକା ପ୍ରଥମ ସ୍ଥାନରେ ଯାହା ନାମ ସୁପାରିସ୍ କରାଯାଇଛି, ତାଙ୍କୁ ଜିଲ୍ଲାସଭାପତି ଭାବେ ଦାୟିତ୍ୱ ମିଳିବ। ଏହାସହିତ ଅନ୍ୟ ଯେଉଁ ଦୁଇ ଜଣଙ୍କ ନାଁ ତାଲିକାରେ ରହିଛି, ଯଦି ପିସିସି ସଭାପତି ଚାହିଁବେ ସେମାନଙ୍କୁ ସମ୍ପୃକ୍ତ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇପାରିବେ।

ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଛନ୍ତି। ଏବେ ଏଆଇସିସି ଉକ୍ତ ତାଲିକାରୁ ଯୋଗ୍ୟ ବ୍ୟକ୍ତିଙ୍କ ନାମରେ ମୋହର ମାରିବା ସହ କେବଳ ଘୋଷଣା କରିବାକୁ ବାକି ରହିଛି।

# ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକାନଗିରି, ୨୨।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ମାଓଗଡ଼ ଭାବେ ପରିଚିତ ଦୁର୍ଗମ ଅବୁଝମାଡ଼ ଜଙ୍ଗଲରେ ଡିଆରଜି, ଏସଟିଏଫ ଓ କୋବ୍ରା ବାହିନୀ ପକ୍ଷରୁ କମ୍ବିଂ ଅପରେସନ୍ ଚାଲିଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଯବାନଙ୍କ ପକ୍ଷରୁ ମଧ୍ୟ ଏହାର ପାଲଟା ଜବାବ ଦିଆଯାଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ପରେ ଅଞ୍ଚଳରେ ପୁନଃ ତଲାସି ବେଳେ ଯବାନମାନେ ଦୁଇ ମାଓବାଦୀଙ୍କ ମରଶରୀର, ଏକେ-୪୭ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛନ୍ତି।

## ୧୪ ମାସରେ ୩୭,୬୧୧ ନାରୀ ନିର୍ଯାତନା ମାମଲା

# ଦେଢ଼ବର୍ଷରେ ୪୫୪୪ ମହିଳା ଦୁଷ୍କର୍ମର ଶିକାର

ଭୁବନେଶ୍ୱର,୨୨।୯ (ସମିସ): ଗତ ୧୪ ମାସରେ ରାଜ୍ୟରେ ୩୭ ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ଏଥିରେ ୯୧୮୧ଟି ଅସଦାଚରଣ ମାମଲା ରହିଛି। ସେହିପରି ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ୪୫୪୪



ଜଣ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଓ ବିଧାୟକ ଅରୁଣ ସାହୁଙ୍କ ଭିନ୍ନଭିନ୍ନ ପ୍ରଶ୍ନରେ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଏହି ଅବଧି ମଧ୍ୟରେ ରାଜ୍ୟରେ ୨୯୩୩ଟି ଦୁଷ୍କର୍ମ, ୧୨୭୮ଟି ଯୌନ ନିର୍ଯାତନା, ୮୨୨୭ଟି ଅପହରଣ ମାମଲା ରୁଜୁ ହୋଇଛି। ସେହିପରି ୫୪୬୪ଟି ଯୌତୁକ ନିର୍ଯାତନା ମାମଲା ବିଭିନ୍ନ ଥାନାରେ ମଧ୍ୟ ରୁଜୁ କରାଯାଇଛି। ୪୫୪୪ଟି ଦୁଷ୍କର୍ମ ଘଟଣାରେ ୩୮୦୫ ଜଣ ପୁରୁଷ ଏବଂ ୫୭ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯୪ ଜଣଙ୍କୁ ଦଣ୍ଡବିଧାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ ଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ମହିଳା ଅସଦାଚରଣ ମାମଲା ବୃଦ୍ଧି ପାଇଛି। ୪୪ଟି ଯୌତୁକ ଜନିତ ଆତ୍ମହତ୍ୟା, ୨୧୬୧ଟି ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର, ୧୨୭୮ ଯୌନ ନିର୍ଯାତନା, ୨୨୪ ଶାରିରୀକ ସମ୍ପର୍କ ରଖି ବିବାହ ନ କରିବା ଆଦି ମାମଲା ରୁଜୁ ହୋଇଛି ।

# ୧୫ ମାସରେ ୧୫ ଆତ୍ମାହୁତି

ଭୁବନେଶ୍ୱର, ୨୨।୯ (ସମିସ): ରାଜ୍ୟରେ ମହିଳାବିରୋଧୀ ଅପରାଧ ବୃଦ୍ଧି ପାଉଥିବା ବେଳେ ଆତ୍ମାହୁତି ଘଟଣା ମଧ୍ୟ ଢେର୍ ବଢ଼ିଛି। କିଏ ନିର୍ଯାତନା ସହି ନପାରି ଆତ୍ମାହୁତି ଦେଇଛି ତ ଆଉ କିଏ ପାରିବାରିକ କଳହରୁ ଏଭଳି ଚରମ ନିଷ୍ପତ୍ତି ନେଇଛି। ବିଶେଷକରି, ଗତ ୧୫ମାସରେ ରାଜ୍ୟରେ ୧୫ଜଣ ଯୁବତୀ ଓ ମହିଳା ଆତ୍ମାହୁତି ଦେଇଛନ୍ତି। ରାଜ୍ୟରେ ପାରିବାରିକ କଳହଠାରୁ ଆରମ୍ଭ କରି ଯୌତୁକ ଓ ମାନସିକ ନିର୍ଯାତନା ମାମଲା ବଢ଼ିଛି। ଏସବୁର ଶିକାର ହେଉଥିବା ଛାତ୍ରୀ ଓ ମହିଳାମାନେ ନିଜକୁ ଜାଳିଦେବା ଭଳି ଚରମ ପଦକ୍ଷେପ ନେଇଛନ୍ତି। ବିଗତ ଦିନରେ ବାଲେଶ୍ୱର, ବଲାଙ୍ଗୀର, ଜଟଣୀ,



ଜଗତପୁର, ରରୁଆଁ, ବ୍ରହ୍ମପୁର ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ, ଖଇରା, ରାଉରକେଲା, ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୋଟ ୧୫ଜଣ ଛାତ୍ରୀ ଓ ମହିଳା ଏଥିରେ ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ ୯ଟି ଧର୍ତ୍ତବ୍ୟ ଓ ୬ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୩ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୧୦ଟି ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ଏଥିସହ ୨ଟି ମାମଲା ଫାଇନାଲ୍ ରିପୋର୍ଟ ମିଷ୍ଟେକ୍-ଅଫ୍-ଫ୍ୟାକ୍ଟ କରାଯାଇଛି। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି।

# ଜୀବନ ହାରିଛନ୍ତି ୨୨ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୨।୯ (ସମିସ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ଗତ ୧୫ ମାସ ମଧ୍ୟରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ଏଭଳି ଉଦବେଗଜନକ ତଥ୍ୟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନ ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ, ରାଜ୍ୟର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଏସବୁ ଆତ୍ମହତ୍ୟା ଘଟଣା ଘଟିଛି। ରାୟଗଡ଼ାରେ ସର୍ବାଧିକ ୪ ଛାତ୍ର ଆତ୍ମହତ୍ୟା କରିଥିବାବେଳେ ଭୁବନେଶ୍ୱରର ଏକ ବିଶ୍ୱବିଦ୍ୟାଳୟରେ ୨ ଜଣ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।





অবসররু ଡି କକ୍‌ଙ୍କ ୟୁ-ଟର୍ନ

▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-90 ◆TUESDAY ◆23 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୦ ◆ମଙ୍ଗଳବାର ◆୨୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




## ଘାରିଛି ରାଜସ୍ୱ ଚିନ୍ତା

# ବିକ୍ରିହେବ ସରକାରୀ ଉଦ୍ୟୋଗ ଅଂଶଧନ

### ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୭ହଜାର କୋଟି ସଂଗ୍ରହ ଲକ୍ଷ୍ୟ

### ଆଇଡିବିଆଇ ଓ ୟୁକୋ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ଚୂଡ଼ାନ୍ତ

### ଜାରିହେବ ଓଏନ୍‌ଜିସି, ଓଏଚ୍‌ପିସି ଓ ଏଲ୍‌ଆଇସିର ଆଇପିଓ



■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କିଛି ସରକାରୀ ଉଦ୍ୟୋଗ ବିକ୍ରି ହେବ, କିଛି ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ହେବ। ଅନୁରୂପ ଭାବରେ ଏଲ୍‌ଆଇସି, ଓଏନ୍‌ଜିସି ଓ ଓଏଚ୍‌ପିସି ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଆଇପିଓ ଜାରି କରି ସରକାର ଅର୍ଥ ସଂଗ୍ରହ କରିବେ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ଜରିଆରେ ୪୭ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି ଓ ଏହା ୧.୨ ଲକ୍ଷ କୋଟି ଟଙ୍କା ଯାଏ ହୋଇପାରେ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର ସଚିବ ଅରୁଣିଶ ଚାୱାଲା ଦେଇଛନ୍ତି ଏହି ସୂଚନା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରାୟ ଅଧଡ଼ଜନେ ସରକାରୀ କମ୍ପାନୀ ଓ ଉଦ୍ୟୋଗରୁ ଅଂଶଧନ ବା ସେୟାର ବିକ୍ରି ପାଇଁ ଯୋଜନା ରହିଥିବା ସେ ଇଙ୍ଗିତ ଦେଇଛନ୍ତି।

ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁସାରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏହା ସହ ସରକାର ଖୁବ୍ କିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଫର ଫର ସେଲ୍ (ଓଏଫ୍‌ଏସ୍) ଘୋଷଣା କରିବେ ଓ କିଛି କମ୍ପାନୀର ଆଇପିଓ ଜାରି କରାଯିବ। ପୁଞ୍ଜି ପ୍ରତ୍ୟାହାର କରାଯିବାକୁ ଥିବା କମ୍ପାନୀ ମଧ୍ୟରେ ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି) ଏବଂ ଜାତୀୟ ଜଳ ବିଦ୍ୟୁତ ନିଗମ(ଏନ୍‌ଏଚ୍‌ପିସି) ଭଳି ରାଷ୍ଟ୍ରାୟତ୍ତ କମ୍ପାନୀ ରହିଛି। ଅନୁରୂପ ଭାବରେ ୟୁକୋ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଥିବା ସରକାରୀ ଅଂଶଧନ ବିକ୍ରି ହୋଇପାରେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି। ସରକାରୀ ରାଜସ୍ୱ ବୃଦ୍ଧି କରିବା ଓ ବଜାରରେ ନିବେଶକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଉଛି।

ପ୍ରାକୃତିକ ସମ୍ପଦ କ୍ଷେତ୍ରର ଏକ ସରକାରୀ କମ୍ପାନୀ କିମ୍ବା ଏହାର ସହାୟକ କମ୍ପାନୀର ଚଳିତ ଆର୍ଥିକବର୍ଷରେ ସରକାର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ଆଣିବା ଯୋଜନାରେ ରହିଛନ୍ତି ବୋଲି ଶ୍ରୀ ଚାୱାଲା କହିଛନ୍ତି। ଯଦିଓ ସେ କୌଣସି କମ୍ପାନୀର ନାମ ଘୋଷଣା କରିନାହାନ୍ତି, ତଥାପି ସବୁଜ ଶକ୍ତିର ଉତ୍ସ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିବା ଓଏନ୍‌ଜିସି ବା ଏନ୍‌ଏଚ୍‌ପିସିର ଗ୍ରୀନ୍ ଏନର୍ଜି କମ୍ପାନୀକୁ ଏହା ଇଙ୍ଗିତ କରିଛି। ଉଭୟ କମ୍ପାନୀ ସେମାନଙ୍କର ସବୁଜ ଶକ୍ତି ୟୁନିଟ୍ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବାକୁ ଯୋଜନା କରୁଛନ୍ତି।

ଚଳିତ ବର୍ଷ ପ୍ରାରମ୍ଭରେ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ କିଛି ▶ପୃଷ୍ଠା-୭

## ୧୦ ବର୍ଷର ତଥ୍ୟ ଆଧାରିତ ସିଏଜି ରିପୋର୍ଟ

# ୨୦୨୨-୨୩ରେ ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି

■ **ଭୁବନେଶ୍ୱର,୨୨।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ଦେଶବ୍ୟାପୀ ବିଭିନ୍ନ ସମୟରେ ପ୍ରଶଂସା କରାଯାଇଛି। ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟରୁ ଓଡ଼ିଶାକୁ ରାଜସ୍ୱ ବଳକା ରାଜ୍ୟରେ ରୂପାନ୍ତରିତ କରିବା ପଛରେ ନବୀନଙ୍କ ନେତୃତ୍ୱ ଏବଂ ପ୍ରଭାବୀ ଶାସନ ପ୍ରଣାଳୀ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ନବୀନଙ୍କ ଏହି ଆର୍ଥିକ ସୁପରିଚାଳନା ଉପରେ ମୋହର ମାରିଛନ୍ତି ସିଏଜି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ଦେଶରେ ଶ୍ରେଷ୍ଠ ୩ ରାଜସ୍ୱ ବଳକା ରାଜ୍ୟରେ ସାମିଲ ହୋଇଛି ଓଡ଼ିଶା। ୨୦୧୩-୧୪ରୁ ୧୦ ବର୍ଷର ନବୀନ ସରକାରଙ୍କ ଆର୍ଥିକ ପରିଚାଳନାକୁ ଅନୁଶୀଳନ କରି ଏଭଳି ରିପୋର୍ଟ ପ୍ରକାଶ କରିଛନ୍ତି ମହାଲେଖାକାର। ସିଏଜିଙ୍କ ଉପରୋକ୍ତ ରିପୋର୍ଟକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଖୁସିବ୍ୟକ୍ତ କରିଛନ୍ତି ନବୀନ।



**ନବୀନଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ସିଏଜିର ମୋହର**

**ଖୁସି ବ୍ୟକ୍ତ ସହ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଲେ ନବୀନ**

ସିଏଜିଙ୍କ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ରାଜ୍ୟର ବଳକା ରାଜସ୍ୱ ୧୯,୪୫୬ କୋଟି ଥିଲା। ଯାହା ସମଗ୍ର ଦେଶରେ ତୃତୀୟ । ୨୦୦୦ ମସିହାରେ ନବୀନ ଓଡ଼ିଶାର ଦାୟିତ୍ୱ ନେବା ସମୟରେ ଓଡ଼ିଶା ଏକ ଅଭାବୀ ତଥା ଆର୍ଥିକ ନିଅଣ୍ଟିଆ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କର୍ମଚାରୀଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଅର୍ଥ ନ ଥିବା ବେଳେ ରାଜ୍ୟର ଆର୍ଥିକ ସ୍ଥିତି ବେଶ୍ ଚିନ୍ତାଜନକ ରହିଥିଲା। ମାତ୍ର ନେତୃତ୍ୱ ନେବାର କିଛିବର୍ଷ ମଧ୍ୟରେ ନବୀନ ଓଡ଼ିଶାର ଅର୍ଥନୀତିକୁ ସବଳ, ସୁସ୍ଥ ଭାବେ ଗଢ଼ି ତୋଳିଥିଲେ। ଫଳସ୍ୱରୂପ ବ୍ୟାପକ ସଂସ୍କାର ଫଳରେ ୨୦୦୬ ମସିହା ପରଠାରୁ ଓଡ଼ିଶା କ୍ରମାଗତ ଭାବେ ନିଜର ଆର୍ଥିକ ବଳକା ସ୍ଥିତି ବଜାୟ ରଖି ଆସୁଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସୁଚିନ୍ତିତ ଯୋଜନା, ଆର୍ଥିକ ▶ପୃଷ୍ଠା-୭

## ଦୁଇ ଲଘୁଚାପ ଆଣୁଛି ବଡ଼ ବର୍ଷା

# ଏଥର ଫିକା ପଡ଼ିବ ପାର୍ବଣ !

■ **ଭୁବନେଶ୍ୱର, ୨୨।୯ (ସମିସ):** ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବାବେଳେ ତା' ପଛକୁ ଦାନା ବାନ୍ଧୁଛି ଆଉ ଗୋଟିଏ ଲଘୁଚାପ। ଏହା ଆସନ୍ତା ୨୫ ତାରିଖରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସମ୍ଭାବ୍ୟ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାଦ୍ୱାରା ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେଣୁ ଏଥର ପାର୍ବଣ ଫିକା ପଡ଼ିବାର ଆଶଙ୍କା ରହିଛି।

ସୋମବାର ସକାଳେ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା କୋରାପୁଟରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ ଓ ସମ୍ବଲପୁରରେ ୩୯ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି। ▶ପୃଷ୍ଠା-୭

## ବିଧାନସଭାରେ ଗର୍ଜିଲା ବିଜେଡି

# ଗୃହ ଚାଲିଲା ୭ ମିନିଟ୍

## ଧୋଇଗଲା ପ୍ରଥମାର୍ଦ୍ଧ

### 'ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ଚଳିବ ନାହିଁ' ନାରାରେ କମ୍ପିଲା ଗୃହ

■ **ଭୁବନେଶ୍ୱର, ୨୨।୯ (ସମିସ):** ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଥିବା ଅଭିଯୋଗ କରି ସୋମବାର ପ୍ରଥମାର୍ଦ୍ଧ ଅଚଳ କରିଛି ମୁଖ୍ୟ ବିରୋଧୀ ଦଳ ବିଜେଡି। ପଞ୍ଚାୟତିରାଜ ବ୍ୟବସ୍ଥାରେ ରାଜ୍ୟ ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରି ବାବୁରାଜକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ବିଜେଡି ବିଧାୟକମାନେ ଗୃହରେ ପ୍ରବଳ ନାରାବାଜି କରିଥିଲେ। ଫଳରେ ମାତ୍ର ୭ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ।

ସୋମବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହର



**ଗୃହ ବାହାରେ ବିଜେଡିର ପ୍ରତିକ୍ରିୟା, ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି ସରକାର**

ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ହାତରେ ପ୍ଲାକାର୍ଡ, ପୋଷ୍ଟର ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ନାରାବାଜି କରିଥିଲେ ବିଜେଡି ବିଧାୟକ। ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ଚଳିବ ନାହିଁ, ଡବଲ ଇଞ୍ଜିନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ, ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଏହି ସମୟରେ ସନାତନ ବିଜୁଳିଙ୍କର ଏକ ତାରକା ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖୁଥିବା ବେଳେ ବିଜେଡି ସଦସ୍ୟଙ୍କ ନାରାବାଜି ଯୋଗୁଁ ଏହା ଶୁଣାଯାଉ ନ ଥିଲା। ଏପଟରେ ଗୃହ ନ ଚାଲିବା ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ାହୋଇ ପୋଷ୍ଟର ଦେଖାଇ ପ୍ରତିବାଦ କରିଥିଲେ। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଜେଡି ସଦସ୍ୟ ନିଜ ନିଜ ଆସନକୁ ନ ଫେରିବାରୁ ବାଚସ୍ପତି ଗୃହକୁ ୧୦ଟା ୩୭ ▶ପୃଷ୍ଠା-୭

# କଂଗ୍ରେସର ଅନାସ୍ଥା ନୋଟିସ ଅଗ୍ରାହ୍ୟ

### ଗୃହତ୍ୟାଗ କରି ଗାନ୍ଧିମୂର୍ତ୍ତି ତଳେ କଂଗ୍ରେସ ସଦସ୍ୟଙ୍କ ଧାରଣା



■ **ଭୁବନେଶ୍ୱର, ୨୨।୯ (ସମିସ):** ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ସୋମବାର ଅପରାହ୍ଣରେ ଏ ସଂକ୍ରାନ୍ତରେ ରୁଲିଂ ଦେଇ

**ବାଚସ୍ପତିଙ୍କ ଜରିଆରେ ଶାସକ ଦଳ ଗଣତନ୍ତ୍ରକୁ ହତ୍ୟା କରିଛି**

ବାଚସ୍ପତି କହିଛନ୍ତି ଯେ ଅନାସ୍ଥା ନୋଟିସ୍ ହସ୍ତଗତ ହେବାର ପରଦିନ ଏହାକୁ ଗୃହକୁ ଆଣିବାକୁ ନିର୍ଦ୍ଦେଶ ▶ପୃଷ୍ଠା-୭

## ଉପାନ୍ତରେ ବର୍ଷା ବିପ୍ଳାତ

# ବିପଦରେ ବଣ୍ଡା, କଳିଙ୍ଗା ଘାଟି

■ **ଖଇରପୁଟ, ୨୨।୯ (ସମିସ):** ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଅଞ୍ଚଳକୁ ଯାତାୟାତ କରିବା ବିପଦମୟ

**ବଣ୍ଡାଘାଟି ରାଜପଥ ତଳୁ ଧସିଲା ମାଟି**



ହୋଇପଡ଼ିଛି। ଜିଲ୍ଲାର ଖଇରପୁଟ ବ୍ଲକ ସଦର ମହକୁମାରୁ ବଣ୍ଡାଘାଟିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମାଙ୍କଡ଼ଝୋଲା ନିକଟରେ ରାସ୍ତା ତଳୁ ମାଟି ଖସିବା ଫଳରେ ଯାତାୟାତ ବିପଦପୂର୍ଣ୍ଣ ହୋଇ ପଡିଛି। ଗତ କିଛି ଦିନ ଧରି ଅବିରତ ପ୍ରବଳ ବର୍ଷା ପାଇଁ ପାହାଡ଼ରୁ ଆସୁଥିବା ବର୍ଷାଜଳ ସିଧାସଳଖ ରାସ୍ତା ଉପରେ ପଡ଼ିଥିବାରୁ ରାସ୍ତାର ▶ପୃଷ୍ଠା-୭

■ **ଜି.ଉଦୟଗିରି, ୨୨।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟି ରାସ୍ତା ଆଜି ପୁଣି ଧୋଇଯାଇଛି। ମଙ୍ଗଳବାର ହୋଇଥିବା ଭୂ-ସ୍ଖଳନରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ, ପ୍ରବଳ ବର୍ଷା ଯୋଗୁଁ ଆଜି ପାହାଡ଼ରୁ ବଡ଼ବଡ଼ ପଥର ଖସିବା ସହ ମାଟି ଅତଡ଼ା ଧସିଥିଲା।



**କଳିଙ୍ଗା ଘାଟିରୁ ପୁଣି ଖସିଲା ପଥର**

ଏହାସହ ପାହାଡ଼ ଉପରୁ ଅତି ଜୋର୍‌ରେ ପାଣିସ୍ରୋତ ଆସିବାରୁ ସେଠାରେ କାମ କରୁଥିବା ଶ୍ରମିକମାନେ ଭୟରେ ଦୌଡ଼ି ପଳାଇଥିଲେ। ଏଥିରେ, ▶ପୃଷ୍ଠା-୭

## ସତର୍କ କଲା ଗୁଇନ୍ଦା ବିଭାଗ

# ଓଡ଼ିଶାରେ ଛତିଶଗଡ଼ୀ ମାଓବାଦୀ

◆ ସଂଗଠନ ମଜଭୁତ କରୁଛନ୍ତି ୧୦ ମାଓନେତା
◆ ମାଓବାଦୀ ପ୍ରତିଷ୍ଠା ସପ୍ତାହରେ ହିଂସା ଆଶଙ୍କା
◆ ରାତିଟ୍ରେନରେ ସୁରକ୍ଷା ବଢ଼ାଇବାକୁ ପରାମର୍ଶ



■ **ଭୁବନେଶ୍ୱର, ୨୨।୯ (ସମିସ):** ଛତିଶଗଡ଼ରେ ଯବାନଙ୍କ ଘନଘନ ସର୍ଚ୍ଚ ଅପରେସନ୍‌ରେ ମାଓବାଦୀମାନେ ଧରାଶାୟୀ । ତେଣୁ ସଙ୍ଗଠନ ବଞ୍ଚାଇ ରଖିବା ପାଇଁ ସେମାନେ ଓଡ଼ିଶାରେ ପ୍ରବେଶ କରିଛନ୍ତି। ବିଶେଷ କରି କନ୍ଧମାଳ, କୋରାପୁଟ, ମାଲକାନଗିରିରେ ମାଓବାଦୀମାନେ ନିଜର ଆଡ୍ଡା ଜମାଉଛନ୍ତି ଓ ୧୦ ମାଓନେତା ସଙ୍ଗଠନକୁ ସୁଦୃଢ଼ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ମାଓ ପ୍ରତିଷ୍ଠା ସପ୍ତାହରେ ହିଂସାକାଣ୍ଡ ବୃଦ୍ଧି ଆଶଙ୍କା ରହିଛି ବୋଲି ଓଡ଼ିଶା ପୁଲିସକୁ ସତର୍କ କରିଛି ଗୁଇନ୍ଦା ବିଭଗ । ଏହା ସହ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରାଯିବା ଓ ରାତିରେ ଚଳାଚଳ କରୁଥିବା ଟ୍ରେନ୍‌ରେ ଆର୍‌ପିଏଫ୍‌ଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଗୁଇନ୍ଦା ବିଭାଗ ପରାମର୍ଶ ଦେଇଛି।

ବର୍ତ୍ତମାନ ଏକ ସପ୍ତାହ ଧରି ମାଓବାଦୀ ପ୍ରତିଷ୍ଠା ଦିବସ ସପ୍ତାହ ପାଳନ କରାଯାଉଛି। ଏହା ସେପ୍ଟେମ୍ବର ୨୧ ତାରିଖରୁ ସେପ୍ଟେମ୍ବର ଶେଷ ଯାଏ ଚାଲିବ। ଏହି ସମୟରେ ମାଓବାଦୀମାନେ ସେମାନଙ୍କର ଉପସ୍ଥିତି ଜାହିର ପାଇଁ ହିଂସାକାଣ୍ଡ ଘଟାଇବାର ଆଶଙ୍କା ରହିଛି। ଛତିଶଗଡ଼ରେ ନିଜର ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ବେଳେ ଓଡ଼ିଶାରେ ନିଜର ସଂଗଠନକୁ ବଢାଇବା ପାଇଁ ସେମାନେ ଉଦ୍ୟମ ଚଳାଇଛନ୍ତି। ତେଣୁ ଚକ୍ରଧରପୁର ଡିଭିଜନର ସୋନୁଆ, ଟୁନିଆ, ଜରେଇକେଲା, ଭାଲୁଲତା ଓ ବିଶ୍ରା ଭଳି ନକ୍ସଲ ପ୍ରଭାବିତ ଷ୍ଟେସନରେ ରେଳ ପ୍ରଶାସନ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବଢାଇବାକୁ କୁହାଯାଇଛି। ବିଶେଷ କରି ରାତ୍ରିକାଳୀନ ଟ୍ରେନଗୁଡ଼ିକରେ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ସହ ମାଓ ପ୍ରଭାବିତ ଅଞ୍ଚଳରେ ରାତିରେ ଧୀରେ ଯାତ୍ରା କରିବାକୁ ଟ୍ରେନ୍ ଚାଳକମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନକ୍ସଲ ସଂଗଠନରେ ପୂର୍ବରୁ ରାଜ୍ୟ ରାଜ୍ୟ ମଧ୍ୟରେ ଥିବା କମିଟିଗୁଡ଼ିକରେ ତାଳମେଳ ▶ପୃଷ୍ଠା-୭

# ଲୋଭ ଦେଖାଇ ଲୁଟିନେଲା ଏମ୍‌ଏସ୍‌କ୍ୟୁ କମ୍ପାନୀ

## ଶତାଧିକ ବିନିଯୋଗକାରୀ ଏସ୍‌ପି, ସାଇବର ଥାନାର ଦ୍ୱାରସ୍ଥ

ରାଉରକେଲା,୨୨।୯ (ସମିସ):





ଏମ୍‌ଏସ୍‌କ୍ୟୁ ନାମକ ଏକ ଅନଲାଇନ୍ ଆପ୍ କମ୍ପାନୀ ଲୋଭ ଦେଖାଇ ଶତାଧିକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଲୁଟି ନେଇଛି। ଏନେଇ ସୋମବାର ଉକ୍ତ ଆପ୍ ମାଧ୍ୟମରେ ଟଙ୍କା ବିନିଯୋଗ କରିଥିବା ଶତାଧିକ ବିନିଯୋଗକାରୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏମ୍‌ଏସ୍‌କ୍ୟୁ ନାମକ ଏକ ଅନ୍‌ଲାଇନ୍ ଡେଟିଂ ଆପ୍ ମାଧ୍ୟମରେ ଝିରପାଣି ଅଞ୍ଚଳର ଜଣେ ଯୁବକ ଅଧିକ ଟଙ୍କା ମିଳିବାର ଲୋଭ ଦେଖାଇ ବିଗତ ୩ ମାସ ଭିତରେ କୋଟି କୋଟି ଟଙ୍କା ଲୁଟି ନେଇଥିବା ନେଇ ରାଉରକେଲା ସାଇବର ଥାନାରେ ବିନିଯୋଗକାରୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଝିରପାଣିଠାରେ ଅଶୋକ ବଡାଇକ ନାମକ ଜଣେ ବ୍ୟକ୍ତି ଏମ୍‌ଏସ୍‌କ୍ୟୁ ଆପ୍ କାର୍ଯ୍ୟାଳୟ ଖୋଲିବା ସହିତ ରାଉରକେଲାର ଭଞ୍ଜଭବନ, ପୁରୁଣାପାଣି ଏବଂ ଅନ୍ୟାନ୍ୟ ସ୍ଥାନରେ ମିଟିଂ କରି ଲୋକମାନଙ୍କୁ ସେଥିରେ ଅତିକମ୍‌ରେ ୧୭୫୦ ଟଙ୍କା ବିନିଯୋଗ କରିବାକୁ କହିଥିଲେ। ଏହାପରେ ସ୍ମାର୍ଟଫୋନ୍ ମୋବାଇଲରେ ୧୫ଟି କମ୍ପାନୀର ବିଜ୍ଞାପନ ଦେଖିଲେ ଦୈନିକ ୫୦ ଟଙ୍କା ଲେଖାଏଁ ୱାଲେଟ ମାଧ୍ୟମରେ ମିଳିବ; ଅନଲାଇନ୍ ମାଧ୍ୟମରେ ୧୭୫୦ ଟଙ୍କା ବିନିଯୋଗ କରିଥିବା ବିନିଯୋଗକାରୀ ନିଜର ବ୍ୟବସାୟକୁ ବଢାଇବା ପାଇଁ ତଳକୁ ତଳ ଡାଉନ୍ ଲାଇନ୍ ଯୋଗ କରାଇଲେ ସେଥିରୁ ମଧ୍ୟ କମିଶନ ହିସାବରେ ଲାଭ ପାଇପାରିବେ ବୋଲି କମ୍ପାନୀ କରିଥିବା ଆଶୋକ କହିଥିଲେ। ଏମ୍‌ଏସ୍‌କ୍ୟୁ କମ୍ପାନୀ କଥାରେ ପ୍ରଲୋଭିତ ହୋଇ ବିନିଯୋଗକାରୀ ୧୭,୫୦୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା, ୪୦ ହଜାର ଟଙ୍କା ସହିତ ନିଜେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ସେମାନଙ୍କ ତଳେ ବିନିଯୋଗକାରୀଙ୍କୁ ଯୋଗ କରାଇ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଇଥିଲେ। ତେବେ ୩ ମାସ ଏହି ଅନ୍‌ଲାଇନ୍ ଆପ୍ କାର୍ଯ୍ୟକ୍ଷମ ହୋଇଥିଲା। କୋଟି କୋଟି ଟଙ୍କା ଲୁଟି ନେବା ପରେ ଉକ୍ତ ଏମ୍‌ଏସ୍‌କ୍ୟୁ ଆପ୍ ସାଇଟରୁ ହଠାତ୍ କୁଆଡେ ଉଭାନ୍ ହୋଇଯାଇଥିଲା। ପ୍ରଥମେ ଏହି ଆପ୍ ଜରିଆରେ କିଛି ଲୋକ କିଛି ଅର୍ଥ ଫେରସ୍ତ ପାଇଥିବାବେଳେ ଟଙ୍କା ଉଠାଇବା ପୂର୍ବରୁ ଆଉ କିଛି ବିନିଯୋଗକାରୀଙ୍କ ବ୍ୟାଙ୍କ ଖାତାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଫ୍ରିଜ୍ କରି ଦେଇଛନ୍ତି ବୋଲି ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ଅଶୋକ ବଡାଇକ ହିଁ ଏଭଳି ବେଟିଂ ଆପର ପ୍ରମୋଶନ କରୁଥିଲେ ବୋଲି ରାଉରକେଲାର ବିନିଯୋଗକାରୀମାନେ କହିଛନ୍ତି। ଏମ୍‌ଏସ୍‌କ୍ୟୁ ବେଟିଂ ଆପ୍ ମାଧ୍ୟମରେ ଠକେଇ କରିଥିବା ଅଶୋକ ବଡାଇକଙ୍କ ବିରୋଧରେ ଆଜି ସାରନଗରୀ, ଝିରପାଣି ଅଞ୍ଚଳର ଶହ ଶହ ସଂଖ୍ୟାରେ ବିନିଯୋଗକାରୀ ରାଉରକେଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ଠକ ଅଶୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଖବରପାଇ ଜୋନାଲ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ, ଉଦିତନଗର ଥାନା ଅଧିକାରୀ ସେଠାରେ ପହଞ୍ଚିଥିଲେ। ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯିବା ପରେ ସେମାନେ ସାଇବର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଆର୍‌ଏସ୍‌ପିରେ 'ଆମ ବଗିଚା' ଉଦ୍‌ଘାଟିତ



ରାଉରକେଲା,୨୨।୯ (ସମିସ): ସେଲ ଆରଏସପିର ଉତ୍ପାଦନ, ଯୋଜନା ଏବଂ ନିୟନ୍ତ୍ରଣ ବିଭାଗର ୱେ ବ୍ରିଜ୍ ସେଣ୍ଟ୍ରାଲ୍ ସିଫ୍ଟ ଅଫିସରେ ଏକ ନୂତନ ରୂପେ ବିକଶିତ ଉଦ୍ୟାନ "ଆମ ବଗିଚା' କୁ ପିପି ଆଣ୍ଡ ସି ବିଭାଗର ସିଜିଏମ୍ ସୁନିତା ସିଂହ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପିପି ଆଣ୍ଡ ସି ବିଭାଗର ଜିଏମ୍ ସିଦ୍ଧାର୍ଥ ଆଚାର୍ଯ୍ୟ ଓ ନୀଳାମ୍ବର ମହାଳିକ, ଅନ୍ୟ ବରିଷ୍ଠ ଅଧିକାରୀ ତଥା ପିପି ଆଣ୍ଡ ସି ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ସିଂହ ଏହି ଅବସରରେ ଏକ ଚାରା ରୋପଣ କରିଥିଲେ। ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉଦ୍ୟାନରେ ଚାରାରୋପଣ କରିଥିଲେ। ଫୁଲଗଛ ଏବଂ ବିଭିନ୍ନ ଅଳଙ୍କାରିକ ଗଛର ଚାରା ରୋପଣ କରାଯାଇ ବଗିଚାର ସବୁଜିମା ବୃଦ୍ଧି କରାଯାଇଛି। ଯାହା ଏକ ମନୋରମ ଏବଂ ସତେଜ କାର୍ଯ୍ୟ ପରିବେଶ ସୃଷ୍ଟି କରିଛି। ଏଥିସହ ପରିସରରେ ଏକ ନୂତନ ଗେଟ୍ ସ୍ଥାପନ କରାଯାଇଛି। ଏହି ଗେଟ୍ କେବଳ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରୁ ନାହିଁ ବରଂ କର୍ମଚାରୀମାନଙ୍କ ପାଇଁ ଉନ୍ନତ ସୁବିଧା ଓ ଉନ୍ନତ କାର୍ଯ୍ୟ ପରିବେଶରେ ମଧ୍ୟ ଯୋଗଦାନ ଦେଉଛି।

## 'ୱାନ୍ ଡେ ଚେୟାରମ୍ୟାନ୍' ପୁରସ୍କାର ବିଜେତା ସମ୍ବର୍ଦ୍ଧିତ

ରାଉରକେଲା,୨୨।୯ (ସମିସ): ରାଉରକେଲା ଇସ୍ପାତ କାରଖାନାର ଡିଆଇସିଙ୍କ କାର୍ଯ୍ୟାଳୟରେ ଥିବା ମନ୍ଥନ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଅଧ୍ୟକ୍ଷତା କରି ବ୍ଲାଷ୍ଟ ଫର୍ଣ୍ଣେସେସ୍ (ମେକାନିକାଲ) ବିଭାଗର ସିନିୟର ମ୍ୟାନେଜର ଆଲେନ୍ ଜାକବ୍ ଜନ୍ ଏବଂ ନୂତନ ପ୍ଲେଟ୍ ମିଲ୍ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଦୀପିକା ଅଗ୍ରୱାଲଙ୍କୁ ସେଲ୍ ଦ୍ୱାରା ଆୟୋଜିତ 'ୱାନ ଡେ' ଚେୟାରମ୍ୟାନ୍ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର୍ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି, ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସ ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ନୂତନ ପ୍ଲେଟ ମିଲ ଓ ଏସ୍‌ପିପି ବିଭାଗର ସିଜିଏମ୍ ଆରକେ ବିସାରେ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ ସୁମିତ କୁମାର ଉପସ୍ଥିତ ଥିଲେ।



ସୂଚନାଯୋଗ୍ୟ, ଲିଡର ଏବଂ ପରିବର୍ତ୍ତନର ବାହକ ଭାବରେ କର୍ମଚାରୀମାନଙ୍କ ସାମର୍ଥ୍ୟକୁ ବୁଝିବା ଲକ୍ଷ୍ୟରେ ସେଲ୍ କର୍ପୋରେଟ୍ ବ୍ୟାପାର ବିଭାଗ ଦ୍ୱାରା 'ଏକ ଦିବସର ଅଧ୍ୟକ୍ଷ' ତଥା ୱାନ୍ ଡେ ଚେୟାରମ୍ୟାନ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପର ଅଂଶ ସ୍ୱରୂପ ସମଗ୍ର ସେଲରୁ ୭୫୬ଟି ଏଣ୍ଟ୍ରି ଗ୍ରହଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ଟି ଶ୍ରେଷ୍ଠ ପ୍ରବେଶିକାକୁ ବିଜେତା ଭାବରେ ମନୋନୀତ କରାଯାଇଥିଲା। ବିଜେତାମାନଙ୍କୁ ସାର୍ଟିଫିକେଟ ଓ ୫୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଡିଆଇସି ଶ୍ରୀ ବର୍ମା ଶ୍ରୀ ଆଲେନଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ସୁଶ୍ରୀ ଦୀପିକାଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରଶଂସାପତ୍ର ଶ୍ରୀ ବିଶାରେ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଯୁବ କୃତିତ୍ୱ ହାସଲକାରୀଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ବର୍ମା ଏହି ସମ୍ମାନ ସେମାନଙ୍କର ଅଭିନବ ଚିନ୍ତାଧାରା ଓ ନେତୃତ୍ୱ କ୍ଷମତାକୁ ପ୍ରତିଫଳିତ କରିଛି ବୋଲି କହିଥିଲେ।

## ୭ ଦିନିଆ ଏନ୍‌ଏସ୍‌ଏସ୍ ଶିବିରର ଉଦ୍‌ଘାଟିତ

ବଣାଇଁ,୨୨।୯ (ସମିସ) :ବଣାଇଁଗଡ ମହାବିଦ୍ୟାଳୟର ପୂଜା ବିଶେଷ ୭ ଦିନିଆ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଶିବିର ସୋମବାର ଶୁଣ୍ଡିକୋଣଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇ ଯୁବମାନଙ୍କର ରାଷ୍ଟ୍ର ଗଠନରେ ଭୂମିକା ଉପରେ କହିବା ସହ ଜାତୀୟ ସେବକମାନଙ୍କୁ ସ୍ୱଚ୍ଛତା, ସେବା ଓ ସମାଜ ଉନ୍ନତି କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନାମଣି ସାହୁ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ। ଡ଼. ସତ୍ୟବ୍ରତ ନନ୍ଦ, ପ୍ରୋଗ୍ରାମ ଅଧିକାରୀ ବିଜୟ ବେହେରା, ସହାୟକ ପ୍ରୋଗ୍ରାମ ଅଧିକାରୀ ଜୟନ୍ତ ବେହେରା ଓ ଗଣିତ ବିଭାଗ ଅଧ୍ୟାପକ ଶ୍ରୀକୃଷ୍ଣ ଚନ୍ଦ୍ର ପଟେଲ ଯୋଗଦେଇଥିଲେ। ଏହି ବର୍ଷ ଶିବିରର ମୁଖ୍ୟ ଥିମ୍ 'ସ୍ୱଚ୍ଛତା ହି ସେବା' ରହିଥିବା ବେଳେ ଏହି ଶିବିରରେ ୭ ଦିନ ଧରି ସେବକମାନେ ସ୍ୱଚ୍ଛତା ଅଭିଯାନ, ସଚେତନତା କାର୍ଯ୍ୟକ୍ରମ, ସାଂସ୍କୃତିକ ପ୍ରସ୍ତୁତି ଓ ସମାଜ ସେବା କାର୍ଯ୍ୟକଳାପ ସହିତ କରିବେ। ଶିବିରଟି ବଣାଇଁଗଡ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଦ୍ୱାରା ଆୟୋଜିତ ହୋଇଛି।




## ଅଯୌକ୍ତିକ ଫର୍ମୁଲା ଆଧାରରେ ଦିଆଯାଉଛି ପୂଜା ବୋନସ୍: ରମେଶ

ରାଉରକେଲା,୨୨।୯ (ସମିସ): ଏଆଇଟିୟୁସି ସହ ବନ୍ଧିତ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍‌ର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ସେଲ୍ କର୍ମଚାରୀଙ୍କ ପୂଜା ବୋନସକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଆନୁଆଲ ସେଲ ପରଫର୍ମାନ୍ସ ଲିଙ୍କ ଇନ୍‌ସେଣ୍ଟିଭ ସ୍କିମ (ଏଏସପିଏଲଆଇଏସ) ଫର୍ମୁଲା ବାତିଲ କରିବାକୁ ଦାବି କରିଛନ୍ତି। ସେ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ଇସ୍ପାତ ଶ୍ରମିକ ନିଜର ଲହୁକୁ ପାଣି କରି ଉତ୍ପାଦନ ବଢ଼ାଇ କମ୍ପାନୀକୁ ଲାଭ କରାଇବାରେ ପ୍ରମୁଖ ଭୂମିକା ନିଭାଉଥିବା ବେଳେ ଇସ୍ପାତ କର୍ତ୍ତୃପକ୍ଷ ଅଯୌକ୍ତିକ ଫର୍ମୁଲା ଆଧାରରେ ବାର୍ଷିକ ଦୁର୍ଗା ପୂଜା ବୋନସ ପ୍ରଦାନ ପାଇଁ ଜିଦ୍‌ରେ ଅଟଳ ରହିଛନ୍ତି। ମହାରତ୍ନ କମ୍ପାନୀ ଭାବେ ପରିଗଣିତ ସେଲ ଖ୍ୟାତି ଅର୍ଜନ କରିଥିବା ବେଳେ ଇସ୍ପାତ ଶିଳ୍ପର ଶ୍ରମିକ ଶ୍ରେଣୀ ଆଜି ଅବହେଳିତ ହୋଇପଡ଼ିଛି। ବାର୍ଷିକ ଉତ୍ପାଦନ ବଢୁଛି, ଲାଭ ମଧ୍ୟ ହେଉଛି, ହେଲେ ଶ୍ରମିକ ଶ୍ରେଣୀ ତାର ହକ ପାଇବାରୁ ବଞ୍ଚିତ ହେଉଛନ୍ତି। ଶ୍ରମିକର ମନବଳ ବଢ଼ାଇବା ପାଇଁ ଏବଂ ପୂଜାରେ ପରିବାରକୁ ଖୁସି ଦେବା ପାଇଁ ପ୍ରତିବର୍ଷ ସମ୍ମାନଜନକ ବୋନସ କମ୍ପାନୀ ପ୍ରଦାନ କରି ଆସିଥାଏ। କିନ୍ତୁ ବିଗତ ବର୍ଷରୁ ଏକ ଅଯୌକ୍ତିକ ଫର୍ମୁଲା ଆଧାରରେ ବାର୍ଷିକ ବୋନସ ପ୍ରଦାନ କରାଯାଉଛି, ଯାହାକୁ ଶ୍ରମିକ ଶ୍ରେଣୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଯେଉଁ ଫର୍ମୁଲା ଆଧାରରେ ବାର୍ଷିକ ବୋନସ ପ୍ରଦାନ କରାଯାଉଛି, ତାକୁ ବାତିଲ କରି ସେଲ କର୍ତ୍ତୃପକ୍ଷ ୪୦,୫୦୦ ଟଙ୍କା ଏକ ସମ୍ମାନଜନକ ବୋନସ ରାଶି ପ୍ରଦାନ କରିବାକୁ ଶ୍ରୀ ସେଠୀ ଦାବି କରିଛନ୍ତି। ଯାହା ଦ୍ୱାରା ଶ୍ରମିକ ଶ୍ରେଣୀର ମନୋବଳ ବୃଦ୍ଧି ହେବା ସହ ଉତ୍ପାଦନ ବଢିବ ଓ ଲାଭାନ୍ୱିତ ହେବ ବୋଲି ସେ ପ୍ରେସ୍ ବିବୃତ୍ତିରେ ଦର୍ଶାଇଛନ୍ତି।

**ଏଏସ୍‌ପିଏଲଆଇଏସ୍ ଫର୍ମୁଲାକୁ ତୁରନ୍ତ ବାତିଲ କରାଯାଉ**

## ମୋବାଇଲ ଚୋର ଗିରଫ

ରାଉରକେଲା,୨୨।୯ (ସମିସ): ମୋବାଇଲ ଚୋରି କରିବା ଅଭିଯୋଗରେ ଜିଆରପି ଥାନା ପୁଲିସ ଗୋପବନ୍ଧୁପାଲି ବସ୍ତିର ଯାଭେଦ ଖାନ (୨୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ଠାରୁ ପୁଲିସ ଗୋଟିଏ ମୋବାଇଲ ଜବତ କରିଛି। ରବିବାର ରେଲୱେ ଷ୍ଟେସନ ପ୍ଲାଟ୍ ଫର୍ମ ନଂ ୧ରୁ ଜଣେ ଯାତ୍ରୀଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗର କିଛି ସମୟ ପରେ ଆରପିଏଫ ଦୁର୍ବୃତ୍ତକୁ ଧରିବାରେ ସକ୍ଷମ ହୋଇଥିଲା। ପରେ ଆରପିଏଫ୍ ଦୁର୍ବୃତ୍ତଙ୍କୁ ଥାନାକୁ ମୋବାଇଲ ସହ ହସ୍ତାନ୍ତର କରିଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି



ବଣାଇଁ,୨୨।୯ (ସମିସ):ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହଠାରେ ସୁନ୍ଦରଗଡ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୯୧ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୩୨ ଗୋଟି ଅଭିଯୋଗ ଥିବା ବେଳେ ଦଳଗତ ଭାବେ ମୋଟ ୫୯ ଗୋଟି ଅଭିଯୋଗ ଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଏସିଏଫ୍ ରବିକାନ୍ତ ମୀନା, ବିଡିଓ ହାବିଲ ଖାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଜେଲ୍

ରାଉରକେଲା,୨୨।୯ (ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପୋକ୍ସୋ ଅଦାଲତର ବିଚାରପତି ଦୁଷ୍କର୍ମକାରୀକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୁଷ୍କର୍ମକାରୀ ହେଲେ ଲକେଡଝରନ ଗାଁର ପିଣ୍ଟୁ ଆଢେ(୨୪)। ଜରିମାନା ଅନାଦେୟ ସ୍ଥଳେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ହେମଗିରି ଥାନା ଅଞ୍ଚଳର ଜଣେ ୧୭ ବର୍ଷିଆ ନାବାଳିକାଙ୍କୁ ଅଭିଯୁକ୍ତ ପିଣ୍ଟୁ ଆଢେ(୨୪) ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସଂପର୍କ ରଖିଥିଲା। ନାବାଳିକା ଜଣଙ୍କ ୬ ମାସର ଗର୍ଭବତୀ ହେବା ପରେ ସେ ବିବାହ କରିବାକୁ ମନା କରିଥିଲା। ନାବାଳିକାଙ୍କ ପରିବାର ପକ୍ଷରୁ ଗତ ୨୦୨୪ ମାର୍ଚ୍ଚ ୪ ତାରିଖରେ ଏନେଇ ଅଭିଯୋଗ ହେବା ପରେ ହେମଗିରି ଥାନା ପୁଲିସ ପିଣ୍ଟୁ ଆଢେକୁ ଗିରଫ କରି ପୋକ୍ସୋ ଧାରା ଲଗାଇ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାରଣା କରି ୧୪ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଆଜି ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତ ପିଣ୍ଟୁ ଆଢେକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ପୀଡ଼ିତା ପରିବାରକୁ ୭ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଦେବାଶିଷ ମିଶ୍ର ପରିଚାଳନା କରୁଥିଲେ।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ରାଉରକେଲା,୨୨।୯ (ସମିସ): 'ସେବା ପର୍ବ' ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ପକ୍ଷରୁ ଦିନିକିଆ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସୁନ୍ଦରଗଡ ସ୍ଥିତ ସଂସ୍କୃତି ଭବନଠାରେ 'ବିକଶିତ ଭାରତ- ୨୦୪୭' ବିଷୟ ବସ୍ତୁକୁ ଆଧାର କରି ୩ଟି ବିଭାଗରେ ଆୟୋଜିତ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ମହାବିଦ୍ୟାଳୟସ୍ତର ଓ ବୃତ୍ତିଗତ ବା ଯୁବ ଚିତ୍ରକାରମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ବିଭାଗ ସହାୟତାରେ ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସେଣ୍ଟ ଟେରେସା ଇଂରାଜୀ ବିଦ୍ୟାଳୟର ଛାତ୍ରୀ ଅସ୍ମିତା ନାୟକ ପ୍ରଥମ, ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଅନୁଷ୍କା ପଟେଲ ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସୁନ୍ଦରଗଡ଼ର ଛାତ୍ର ପୀୟୂଷ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କଳାୟତନ ମହାବିଦ୍ୟାଳୟ, ସୁନ୍ଦରଗଡର ପୁରୁଷୋତ୍ତମ ବିଶି ପ୍ରଥମ, ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଶିଶିର କୁମାର ଅଙ୍ଗି ଦ୍ୱିତୀୟ ଓ ଆଞ୍ଚଳିକ ସହଯୋଗ ମହାବିଦ୍ୟାଳୟ, ସବଡେଗାର ଛାତ୍ରୀ ମୌସୁମୀ ଦାନୀ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବୃତ୍ତିଗତ/ଯୁବ ଚିତ୍ରକାରମାନଙ୍କ ପ୍ରତିଯୋଗିତାରେ ଅନିରୁଦ୍ଧ ସାହୁ ପ୍ରଥମ, ପ୍ରତାପ କୁମାର ପଟ୍ଟନାୟକ ଦ୍ୱିତୀୟ ଏବଂ ସସ୍ମିତା ପଟ୍ଟନାୟକ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରକାଶ ଥାଉ କି, ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କ ଚିତ୍ରାଙ୍କନ ଗୁଡ଼ିକ ଚଳିତ ୨୫ ସେପ୍ଟେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନ କରାଯିବ। ବିଚାରକମାନଙ୍କ ଦ୍ୱାରା ଏହି ଚିତ୍ରାଙ୍କନ ଗୁଡ଼ିକର ମୂଲ୍ୟାଙ୍କନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ଚୟନ କରାଯିବ।

## 'ମୋ ବନ ମୋ ଜୀବନ' ସଚେତନତା ଶୋଭାଯାତ୍ରା



ବଣାଇଁ,୨୨।୯ (ସମିସ): ବଣାଇଁ ବନଖଣ୍ଡ ଅନ୍ତର୍ଗତ ଜର୍ଡା ରେଞ୍ଜ ତରଫରୁ ସୋମବାର ମଜୁରଡିମାଠାରୁ ସିଂକେଲା ଟୁଙ୍ଗୁରାପଡ଼ା ପର୍ଯ୍ୟନ୍ତ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ନିମନ୍ତେ ଏକ ସଚେତନତା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଜୁରଡିମା ବନପାଳ ପ୍ରତାପ ସାହୁଙ୍କ ନେତୃତ୍ୱରେ ଆୟୋଜିତ ରାଲିରେ ଜର୍ଡା ରେଞ୍ଜ ଅଧିକାରୀ କୈଳାସ କିସାନ, ଗୁରୁଣ୍ଡିଆ ବ୍ଲକ୍ ବିଜେଡି ସଭାପତି ରାମ୍ବାଲ ଓରାମ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବାଇକ୍ ଶୋଭାଯାତ୍ରା ମଜୁରଡିମା ଠାରୁ ବାହାରି ଜର୍ଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ସଚେତନ କରାଯାଇଥିଲା। ଏହି ଅବସରରେ ବନ ବିଭାଗ ପକ୍ଷରୁ ଏକ ଚାରି ଦିନିଆ ହକି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ କୁଞ୍ଜାର ଓ ଝିରିପିଟା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମଜୁରଡିମା ବନ ସୁରକ୍ଷା ସମିତିର ସଭାପତି ସହଦେବ ନାଏକ, ସୁପିଆନ ଲାକ୍ରା, ସୋମିଲ ଭୁକ୍ତା, ପ୍ରଦୀପ ଲୁଗୁନଙ୍କ ସମେତ ବନ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଡିସେମ୍ବର ୨୧ରୁ 'ଅଲ୍ ଚିକି ଲିପି'ର ଶତବାର୍ଷିକୀ ଉତ୍ସବ

ରାଉରକେଲା,୨୨।୯ (ସମିସ):

- ଯୋଗ ଦେବେ ରାଷ୍ଟ୍ରପତି
- ଅନାବରଣ ହେବ ରଘୁନାଥ ମୁର୍ମୁଙ୍କ ବ୍ରୋଞ୍ଜ୍ ପ୍ରତିମା



ଆସନ୍ତା ଡିସେମ୍ବର ୨୧ ରୁ ୨୩ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ହେବ ଅଲ ଚିକି ଲିପି ଏବଂ ସାନ୍ତାଳୀ ଭାଷା ବିଜୟ ଦିବସର ଶତବାର୍ଷିକୀ ଉତ୍ସବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ନିମନ୍ତ୍ରଣ କରିଥିବା ଜଣାପଡିଛି। ଏହି ଉପଲକ୍ଷେ ଉକ୍ତ ଦିନ ଏକ ବିଶାଳ ଶୋଭାଯାତ୍ରା ସେକ୍ଟର-୨ ବସ୍‌ଷ୍ଟାଣ୍ଡ ଛକରୁ ଆରମ୍ଭ ହୋଇ ରିଙ୍ଗ ରୋଡ଼ ଦେଇ ସେକ୍ଟର-୧୩ ମେଲଣ ପଡିଆ ଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏକ ବିଶାଳ ଶୋଭାଯାତ୍ରାରେ ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର ତୁମଦାଃ, ଟାମାକ୍, ଚଲଚୁଳି, ଘୁଲି ଓ କୋର୍ତାଲ୍ ଇତ୍ୟାଦିରେ ସ୍ୱର ଗୁଞ୍ଜିତ ହେବ। ଏହାପରେ ସେଠାରେ କେନ୍ଦ୍ରୀୟ ସଭା ଆୟୋଜିତ ହେବ। ସମ୍ଭାବ୍ୟ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଥମେ ରାଉରକେଲା ସେକ୍ଟର-୧୯ର ସାର୍ନା ଜାହେର ଗାଲ୍‌ରେ ପୂଜା ଅର୍ପଣ କରିବେ। ପରେ ସେକ୍ଟର-୧୩ ମେଲଣ ପଡିଆରୁ ଭର୍ଚ୍ଚୁଆଲ୍ ମାଧ୍ୟମରେ ରାଉରକେଲାର ନୟାଡେରା ସ୍ଥିତ ଅସୁରଛପଲ୍ ସ୍ଥିତ ଗୁରୁ ଗୋମକେ ସାନ୍ତାଳୀ ବିଦ୍ୟାଳୟ ପରିସରରେ ନିର୍ମିତ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୦ ଫୁଟ୍ ଉଚ୍ଚର ଏକ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ୍ ପ୍ରତିମାକୁ ଅନାବରଣ କରିବେ। ଏହାସହ ରାଉରକେଲା ପାନପୋଷରେ ନବ ନିର୍ମିତ ଆଦିବାସୀ ସଂଗ୍ରହାଳୟରକୁ ମଧ୍ୟ ସେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସଂଗ୍ରହାଳୟକୁ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ନାମକରଣ କରିବାକୁ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କୁ ଅଲ୍ ଚିକି ସେଣ୍ଟେନାରୀ ସେଲିବ୍ରେସନ୍ କମିଟି ପକ୍ଷରୁ ନିବେଦନ କରାଯାଇଛି। ଅଲ୍ ଚିକି ଲିପି ଶତାବ୍ଦୀ ପାଳନର ଅଂଶରୂପେ ସାରା ଦେଶରୁ ସମାଜସେବା, ଶିକ୍ଷା, ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ଅସାଧାରଣ ଅବଦାନ ରଖିଥିବା ୧୦୦ ଜଣ ବିଶିଷ୍ଟ ସାଧକଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜନ କମିଟି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ସାନ୍ତାଳୀ ସମ୍ପ୍ରଦାୟର ଲିଖିତ ଲିପି ତଥା ଅଲ୍ ଚିକି ଲିପି ର ୨୦୨୫ ବର୍ଷରେ ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ଏହି କମିଟି ତିନି ଦିନିଆ ଉତ୍ସବର ସଫଳ ଆୟୋଜନ ନିମନ୍ତେ ଗୁରୁ ଗୋମକେ ସାନ୍ତାଳୀ ବିଦ୍ୟାଳୟ ନୟାଡେରା, ଗୁରୁ ଗୋମକେ ସାଂସ୍କୃତିକ ସଂଘ ରାଉରକେଲା, ରାଉରକେଲାର ୩୨ଟି ସାନ୍ତାଳୀ ଗ୍ରାମ, ଦିଶୋମ ଜାହେର ସାରନା ଗୟୋନ ଲାହା, ସାନ୍ତାଳୀ ଇଞ୍ଜିନିୟର୍ସ କଲ୍ୟାଣ ସଂଘ, ସାନ୍ତାଳୀ ଡାକ୍ତର ସଂଘ ଏବଂ ଅଖିଳ ଭାରତୀୟ ଆଦିବାସୀ ବୁଦ୍ଧିଜୀବୀ ସଂଘ ସମେତ ପ୍ରମୁଖ ସଂଗଠନଗୁଡିକ ନେଇ ଏକ ସ୍ୱାଗତ କମିଟି ଗଠନ କରାଯାଇଛି।

# ଗୋ-ଗ୍ରାମ ଯୋଜନା ପ୍ରମୁଖଙ୍କ କୋକସରା ଗସ୍ତ

**କୋକସରା, ୨୨।୯ (ସମିସ):** କେନ୍ଦ୍ରୀୟ ଗୋ-ଗ୍ରାମ ଯୋଜନା ପ୍ରମୁଖ ପ୍ରଦୀପ ସ୍ୱାଇଁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସଞ୍ଚ (ବ୍ଲକ) ପରିଦର୍ଶନ କରିଛନ୍ତି। ଏହି କ୍ରମରେ କୋକସରା ସଞ୍ଚ ସମିତି ଅଧ୍ୟକ୍ଷ କିଶନ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାଉଡୋଲାଠାରେ ଏକ ସଞ୍ଚ ସମିତି ବୈଠକ ଆୟୋଜନ ହୋଇଥିଲା। ବୈଠକରେ ଏକଲ ଅଭିଯାନ କେନ୍ଦ୍ରୀୟ ଗୋ- ଗ୍ରାମ ଯୋଜନା ପ୍ରମୁଖ ଶିକ୍ଷା, ଆରୋଗ୍ୟ, ଗ୍ରାମ ଉତ୍ଥାନ, ଜାଗରଣ, ସଂସ୍କାର ଭଳି ପଞ୍ଚମୁଖି ଶିକ୍ଷା ଉପରେ ବାର୍ତ୍ତା ବାଣ୍ଟିଥିଲେ। ଏଥିସହିତ ଆଗକୁ ହେବାକୁ ଥିବା ସୈନିକ ସମ୍ମାନ ଓ କୃଷକ ସମ୍ମାନ ଉପରେ ସମିତି ସହ ପୂର୍ବାଲୋଚନା କରିଥିଲେ। ସଞ୍ଚ ସମିତି ଅଧ୍ୟକ୍ଷ ସମିତି ତଥା ସଞ୍ଚ ଅଧୀନରେ ଥିବା ୨୩ଟି ବିଦ୍ୟାଳୟ ଗୁଡ଼ିକର ସୁପରିଚାଳନା ଓ ଭିତ୍ତିଭୂମିକୁ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କେନ୍ଦ୍ରୀୟ ଓ ଯୋଜନା ପ୍ରମୁଖ ସଞ୍ଚ ଅଧ୍ୟକ୍ଷ, ଭବାନୀପାଟଣା ଅଞ୍ଚଳ ଗତିବିଧି ପ୍ରମୁଖ ଘନଶ୍ୟାମ ଭାଟି ତଥା ଅନ୍ୟ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ କାଉଡୋଲା ଗ୍ରାମର ଗ୍ରାମ ବିକାଶ ପ୍ରମୁଖ ଭାବେ ଜନ୍ମେଜୟ ନାଏକ ଓ ଆରୋଗ୍ୟ ପ୍ରମୁଖ ଭାବେ ଦୁଷ୍ମନ୍ତ ପୂଝାରୀଙ୍କୁ ଚୟନ କରାଯାଇଥିଲା। ସଞ୍ଚ ପ୍ରମୁଖ ସୁରେନ୍ଦ୍ର ରାଉତ ରହିଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଓ ସହ ପ୍ରଧାନ ଆଚାର୍ଯ୍ୟ ସମେତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।



**ମୁକୁନ୍ଦପୁର ଛକରୁ ରାସ୍ତା ନିର୍ମାଣ ଦାବି**

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ






**ଲାଞ୍ଜିଗଡ଼, ୨୨।୯ (ସମିସ)**

ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ୧୭ ଖଣ୍ଡ ଗାଁର ଲୋକେ ରାସ୍ତା ପାଇଁ ଆଜି ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ପୋଖରୀବନ୍ଧ ଛକରେ ରାସ୍ତା ଅବରୋଧ ଯୋଗୁଁ ଆଜି ଅଖ ଚକ ଜାମ ହୋଇଯାଇଛି। ମୁକୁନ୍ଦପୁର ଭାୟା କନେର ମୁକୁନ୍ଦପୁର ରାସ୍ତା ନିର୍ମାଣ ଦାବିରେ ଲୋକେ ରାସ୍ତାରୋକ କରିଥିବାବେଳେ ଦୀର୍ଘ ୮ ଘଣ୍ଟା ଯାଏଁ ରାସ୍ତା ଅବରୋଧ ହୋଇ ରହିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଲୋକେ ନାହିଁନଥିବା ହଇରାଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ଅତିରିକ୍ତ ତହସିଲଦାର ସନ୍ଦୀପ ତିର୍କୀ, ବିଶ୍ୱନାଥପୁର ପୁଲିସ ପକ୍ଷରୁ ଥାନାଧିକାରୀ ତୁଳସୀରାମ ଶବର, ଏସ.ଆଇ ବୁଦ୍ଧିଶ୍ୟାମ ମାଝୀଙ୍କ ନେତୃତ୍ୱରେ ପୁଲିସ ବାହିନୀ ପହଞ୍ଚି ଲୋକଙ୍କୁ ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ। ତେବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଲିଖିତ ପ୍ରତିଶ୍ରୁତି ନ ଦେବାଯାଏଁ ଲୋକେ ଉଠିବୁ ନାହିଁ ବୋଲି ଜିଦ୍‌ରେ ଅଡ଼ି ବସିଥିଲେ। ଶେଷରେ ଘଟଣାସ୍ଥଳରେ ବିଭାଗୀୟ ଉପଖଣ୍ଡ ଅଧିକାରୀ ପି. ଏକ୍କା, ସହକାରୀ ଯନ୍ତ୍ରୀ ଭଗବାନ ଗଉଡ଼ ପ୍ରମୁଖ ପହଞ୍ଚିବା ପରେ ଲୋକଙ୍କ ଆକ୍ରୋଶ ଦେଖି ରାସ୍ତାକୁ ବୁଲି ଦେଖିବାକୁ ଯାଇଥିଲେ। ସେହିପରି ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ମଧ ରାସ୍ତା ପରିଦର୍ଶନ କରିବାପରେ ଆସି ଲୋକଙ୍କୁ ବୁଝାସୁଝା କରିବାକୁ ପହଞ୍ଚିଥିଲେ। ସେହିପରି କେସିଙ୍ଗା ଏସଡିପିଓ ଲୋକନାଥ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ୧୫ ଦିନ ମଧ୍ୟରେ ରାସ୍ତା ମରାମତି ଓ ଆସନ୍ତା ମାର୍ଚ୍ଚ ସୁଦ୍ଧା ରାସ୍ତା ଓ ପୋଲ ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନ ୨ଟା ସମୟରେ ପ୍ରାୟ ୮ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ଥିଲେ।

**ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି**

# ଭୋଟିଂ ମେସିନ୍, ଭିଭିପାଟର ତଦାରଖ

**ନୂଆପଡ଼ା, ୨୨।୯ (ସମିସ):** ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ୭୧ର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅସମୟରେ ଦେହାନ୍ତ ପରେ ଏଠାରେ ଉପ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ ଓ ଭିଭିପାଟ ଗୋଦାମ ଗୃହରେ ସଂରକ୍ଷିତ ଥିବା ୟୁନିଟ ଗୁଡିକର ପ୍ରଥମସ୍ତରୀୟ ତଦାରଖ ଆରମ୍ଭ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ, ଅତିରିକ୍ତ ଶାସନ ସଚିବ ତଥା ଇଭିଏମ ରାଜ୍ୟ ନୋଡାଲ ଅଧିକାରୀ ପ୍ରମୋଦ କୁମାର ସାହୁ, ଉପଶାସନ ସଚିବ ଜିତେନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ତଥା ଇଆରଓ ସୁର୍ମି ସୋରେନ, ନିର୍ବାଚନ ଡେପୁଟି କଲେକ୍ଟର ସେଖ ନସିମ, ଡିସି ହେମନ୍ତ ପୁଟା, ବିଡିଓ କୋମନା ସର୍ବେଶ୍ୱର ଜାଲ, ତହସିଲଦାର ନୂଆପଡ଼ା ପ୍ରଣବ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ନିଶାମୁକ୍ତ ଯୁବା ବିକଶିତ ଭାରତ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୨।୯ (ସମିସ):** ଲକ୍ଷ୍ମୀ ବିକାଶ ପ୍ରେକ୍ଷାଳୟଠାରେ ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ଓ ହାର୍ଟଫୁଲନେସ ସଂସ୍ଥା ଏବଂ ଏନଏସଏସକୋ ୟୁନିଟ, ବିକାଶର ମିଳିତ ଉଦ୍ୟମରେ ଯୋଗ ଓ ନିଶାମୁକ୍ତ ଭାରତ ପାଇଁ ଶପଥ ପାଠ ସମାରୋହ ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ.ଅନୁପ ଖେଲଗାଓଁକର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ.କୁଞ୍ଜବିହାରୀ ସାହୁ, ସଂଯୋଜକ ପି ରାମା ରାଓ, ପୋନ୍ନାପ୍ପା ବୈଭବ ବାସୁଦେବ ରେଡ୍ଡୀ ( ସ୍ଥାନୀୟ ସଂଗଠକ ), ଅଙ୍କିତ ସିଂହ ଯୁବ ସଂଗଠକ, ଡ.ଅବକାଶ ପୁଞ୍ଜି, ଡ.ଭଗବାନ ସାହୁ, ସନତ ବେହେରା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଡ.କମଲେଶ ଡି ପଟେଲ (ଦାଜୀ ) ଜୁମ୍ ଅନଲାଇନ ପ୍ଲାଟଫର୍ମରେ ଯୋଡିହୋଇ ନିଶାମୁକ୍ତି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ପରେ ନିଶାମୁକ୍ତ ସାମୁହିକ ଶପଥ ପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏନଏସଏସ ଅଫିସର ଅଶ୍ୱିନ କୁମାର ରାଉତ ପରିଚାଳନା କରିଥିଲେ।



# ୨ଦିନ ହେଲା ଯୁବକଙ୍କ ପତ୍ତା ମିଳୁନି

**କେସିଙ୍ଗା, ୨୨।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତର ଠେମରା ଠାରେ ଥିବା ଅମ୍ବାଜି ରକଆଣ୍ଡ ମିନେରାଲସ୍ ନାମକ ଗ୍ରାନାଇଟ ଫ୍ୟାକ୍ଟ୍ରିରେ ନୟାଗଡ଼ ଜିଲ୍ଲାର ଦୁଖାପାଲି ଗ୍ରାମର ସୁଦର୍ଶନ ସାହୁ (୪୭) ଦୁଇବର୍ଷ ହେଲା କାମ କରୁଥିଲେ। ରବିବାର ସୁଦର୍ଶନ ଗ୍ରାନାଇଟ ଫ୍ୟାକ୍ଟ୍ରିକୁ ଲାଗି ରହିଥିବା ବାଲିକଟା ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନାହାନ୍ତି। ବନ୍ଧ ପୀଠରେ ତାଙ୍କ ପେଣ୍ଟ ସାର୍ଟ ପଡ଼ି ରହିଥିବା ଥିବା ଦେଖିବାକୁ ମିଳିଥିବାବେଳେ କେସିଙ୍ଗାରୁ ଦମକଳ ବାହିନୀ ଓ ଉକ୍ରେଲା ଫାଣ୍ଡି ଅଧିକାରୀ ଆସି ପୋଖରୀ ଭିତରେ ଖୋଜା ଖୋଜି କରିଥିଲେ ମଧ ପାଇ ନଥିଲେ। ସୋମବାର ସକାଳୁ ପୁଣି ବାଲିକଟା ପୋଖରୀରେ ଦମକଳ ବାହିନୀ ଆସି ଖୋଜୁଛନ୍ତି ହେଲେ କୌଣସି ସନ୍ଧାନ ପାଇ ନାହାଁନ୍ତି। ସେପଟେ ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ ଲିଳିବାଳା ସାହୁ ଓ ତାଙ୍କ ପୁଅ ପହଞ୍ଚି ସ୍ୱାମୀର କିଛି ଖବର ନ ମିଳିଲେ ମୁଁ ଏହି ଗ୍ରାନାଇଟ ଫ୍ୟାକ୍ଟ୍ରି ସମ୍ମୁଖରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବି ବୋଲି କହିଛନ୍ତି। ଅନ୍ୟପଟେ ଉକ୍ରେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ କହିଛନ୍ତି ଯେ ରବିବାର ଦିନ ଅପରାହ୍ନରୁ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଦମକଳ ବାହିନୀ ର ସହାୟତାରେ ଏତେ ଖୋଜା ଖୋଜି କାଲା ପରେ ମଧ କୌଣସି ପତ୍ତା ମିଳିନାହିଁ। ମଙ୍ଗଳବାର ସକାଳୁ ପୁଣିଥରେ ଅପରେସନ ସନ୍ଧାନ ଆରମ୍ଭ କରାଯିବ।



# ରକ୍ତଦାନ ଶିବିର; ୭୫ ୟୁନିଟ୍ ସଂଗ୍ରହ

**କଳମପୁର, ୨୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଧାନସଭା ନିର୍ବାଚନୀ ମଣ୍ଡଳୀ କଳମପୁରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ହିତେଶ ରଞ୍ଜନ ପାତ୍ରଙ୍କ ଆହ୍ୱାନ କ୍ରମେ ଏଥିରେ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିବା ବେଳେ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଯୁବମୋର୍ଚ୍ଚା ସଭାପତି ବିଜୟ ସାହୁ, ଜୁନାଗଡ଼ ଏନଏସି ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, କଳମପୁର ସମିତି ଅଧ୍ୟକ୍ଷା ଜ୍ୟୋତି ନାଏକ, କଳମପୁର ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ସ୍ୱାଇଁ, ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, କଳମପୁର ମଣ୍ଡଳର ପୂର୍ବତନ ସଭାପତି କମଳ ବାଗ, ବିଜମରା ମଣ୍ଡଳ ସଭାନେତ୍ରୀ ସରିତା ସରାଫ, ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।



# ଲାଞ୍ଜିଗଡ଼ ବୈଦ୍ୟ ସଂଘର ପ୍ରସ୍ତୁତି

**ଲାଞ୍ଜିଗଡ଼, ୨୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ବୈଦ୍ୟ ସଂଘ ପକ୍ଷରୁ ରଘୁନାଥପୁର ସ୍କୁଲ ପରିସରରେ କାର୍ଯ୍ୟକାରୀ ସଭାପତି ସୋରଜ କୁମାର ମାଝୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଲାଞ୍ଜିଗଡ଼ ବ୍ଲକର କୋଣ ଅନୁକୋଣରୁ ୫୦ରୁ ଉର୍ଦ୍ଧ୍ୱ ବୈଦ୍ୟ ଯୋଗଦେଇଥିଲେ। ଏଥିରେ ନୂତନ ସଂଘ ଗଠନ ପାଇଁ ଆଲୋଚନା କରିଥିବା ସହିତ ସଂଘର ନାମକରଣ କରାଯାଇଥିଲା। ବୈଠକକୁ ତୁଳସୀ ରାମ ପ୍ରଧାନୀ ପରିଚାଳନା କରିଥିବାବେଳେ ନିମାଇଁ ଚରଣ ବିଶି, ତ୍ରିନାଥ ବନ୍ଦପାରିଆ, ଚନ୍ଦ୍ର ଦଳପତି, ମାନସ ରଞ୍ଜନ ମାଝୀ, ସନାତନ ଦଣ୍ଡସେନା, ପିତାମ୍ବର ଦଳେଇ, ମୁରଲୀ ଚଣ୍ଡୀ, ରାମଚନ୍ଦ୍ର ପ୍ରଧାନୀ, ତରୁଣ ଦଳପତି, ଯଶୋବନ୍ତ ଦଣ୍ଡସେନା, ତରୁଣୀ ଦଣ୍ଡସେନା, ଯୁଜେଷ୍ଟି ପ୍ରଧାନୀ, ସୁନୀଲ ପ୍ରଧାନୀ, କୃପା ନାୟକ, ସମେତ ସଂଘର ସମସ୍ତ ସଦ୍ୟସ ସହଯୋଗ କରିଥିଲେ।

# କୋମନାରେ ଅଭିଯୋଗ ଶୁଣାଣି ଶିବିର




**ନୂଆପଡ଼ା, ୨୨।୯ (ସମିସ):** କୋମନା ବ୍ଲକ ସଭାଗୃହଠାରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୧ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏଥିରୁ ୫୩ ଟି ବ୍ୟକ୍ତିଗତ ୮ ଟି ଗୋଷ୍ଠୀଗତ ଅଭିଯୋଗ ସମ୍ବନ୍ଧୀୟ ଥିଲା। ଏହିସବୁ ସମସ୍ୟାର ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବନଖଣ୍ଡ ଅଧିକାରୀ ଖଡ଼ିଆଲ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ସୋନିଆ ଶ୍ରୀ ମଲ୍ଲିକ, ଡେପୁଟି କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା। ଯେଉଁଠାରେ ବିଶେଷଜ୍ଞ ଡା. ରମେଶ ଚନ୍ଦ୍ର ପାଠକ, ଡା. ଭାବନା ନାଗପୁରି, ଡା. ଶିବାଙ୍ଗି ରଥ, ଡା. ପ୍ରଶାନ୍ତ କୁମାର ଦାଶ, ଡା. ଧନଞ୍ଜୟ ଭୋଇ, ମୀନା କୁମାର ବାଗ, ଏଏନଏମ୍ ପ୍ରମୁଖ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ।

# ଲକ୍ଷ୍ମୀ ବିକାଶ ସ୍ନାତକ ମହାବିଦ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ୍



**ଭବାନୀପାଟଣା, ୨୨।୯ (ସମିସ):** ଲକ୍ଷ୍ମୀ ବିକାଶ ସ୍ନାତକ ମହାବିଦ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଆଦିତ୍ୟ କୁମାର ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ କଳାହାଣ୍ଡିର ଜିଲ୍ଲା ସାଂସ୍କୃତିକ ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମ୍ମାନିତ ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କାରୁଣ୍ଡ କଳା ମଞ୍ଚର ଡିରେକ୍ଟର୍ ପ୍ରଦୀପ ଧଙ୍ଗଡ଼ାମାଝୀ ସମ୍ବୋଧନ କରିଥିଲେ। କହିଥିଲେ ଯେ, ଏହି ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାକୁ ବଢ଼ାଇଥାଏ ଏବଂ କଳାହାଣ୍ଡିର ଐତିହାସ୍ୟର ସଂରକ୍ଷଣରେ ସାହାଯ୍ୟ କରେ। ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ଓ ଡିରେକ୍ଟର୍ ଡି. ରାମ କୁମାର ଏବଂ ପରିଚାଳନା ସଦସ୍ୟା ଡି.ପଦ୍ମିନୀ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ କଥାରେ ପ୍ରୋତ୍ସାହନ କରିଥିଲେ। ପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର କଳାଦକ୍ଷତା ପ୍ରଦର୍ଶନ କରିଥିଲେ, ଯାହାରେ ସ୍ୱାଗତନୃତ୍ୟ, ଘୁମୁରା, ନାଟିକା, 'ବାଜା ସାଲ' ଏବଂ କାର୍ଯ୍ୟକ୍ରମରେ 'ହାସ୍ୟ କବି' ସୁଶାନ୍ତ ମିଶ୍ର ତାଙ୍କର କଳାଦକ୍ଷତା ପ୍ରଦର୍ଶନ କରିଥିଲେ। 'ଟିମ୍ ପ୍ରତିଭା' ମୋସ୍କୋ ଏବଂ 'ଟିମ୍ ଏମ.ଏସ.ଏ' ଜାପାନରେ ସମ୍ବଲପୁରୀ ନୃତ୍ୟର ଅଦ୍ଭୁତ ପ୍ରତିଭା ପ୍ରଦର୍ଶନ କରି ଜାତୀୟ ସାଂସ୍କୃତିକ ଗୌରବକୁ ବିଶ୍ୱମାନଚିତ୍ରରେ ଉଦ୍ଭାସିତ କରିଥିଲେ। ଲକ୍ଷ୍ମୀ ବିକାଶ ସ୍ନାତକ ମହାବିଦ୍ୟାଳୟ ଏକ ସ୍ୱତନ୍ତ୍ର ଶିକ୍ଷା ଏବଂ ସାଂସ୍କୃତିକ ପରିବେଶ ପ୍ରଦାନ କରୁଛି, ଯାହା ଛାତ୍ରଛାତ୍ରୀମାନେ ନିଜ କ୍ଷମତାର ସମ୍ପୂର୍ଣ୍ଣ ପ୍ରଦର୍ଶନ କରିପାରନ୍ତି। ଡା. ସୁଦୀପ୍ତ କୁମାର ଜାନା, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇ.ଟି. ଏବଂ ମ୍ୟାନେଜମେଣ୍ଟ, ସମସ୍ତ ଅତିଥିମାନଙ୍କୁ, ଶିକ୍ଷକମାନଙ୍କୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ।

# ୫୫୩ ପରୀକ୍ଷାର୍ଥୀ ଦେଲେ ବୃତ୍ତି ପରୀକ୍ଷା

**ଗୋଲାମୁଣ୍ଡା, ୨୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଆଜି ଦୁଇଟି ପରୀକ୍ଷା କେନ୍ଦ୍ରରେ ୫୫୩ ଜଣ ଛାତ୍ରଛାତ୍ରୀ ତୃତୀୟ ଓ ପଞ୍ଚମ ଶ୍ରେଣୀର ଛାତ୍ର ବୃତ୍ତି ପରୀକ୍ଷା ଦେଇଥିବା ଦେଖିବାକୁ ମିଳିଛି। ଗୋଲାମୁଣ୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମଶ୍ରେଣୀ ଛାତ୍ର ବୃତ୍ତି ପରୀକ୍ଷାରେ ୨୭୫ ଜଣଙ୍କ ପଞ୍ଜୀକରଣ ହୋଇଥିବାବେଳେ ୨୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୩୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସେହିଭଳି ଖଲିଆକାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀର ୩୭୧ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ ହୋଇଥିବାବେଳେ ୩୧୬ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ୫୫ ଜଣ ଅନୁପସ୍ଥିତ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ରାଜେଶ ନାୟକ କହିଛନ୍ତି। ଦୁଇଟି କେନ୍ଦ୍ରକୁ ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ସିଆର୍‌ସିସି ଛାତ୍ର ବୃତ୍ତି ପରୀକ୍ଷାକୁ ତଦାରଖ କରିଥିବା ଜଣାପଡ଼ିଛି।



# କଳାହାଣ୍ଡି କଳାକାର ସଂଘର ତିଳତର୍ପଣ




**ଭବାନୀପାଟଣା, ୨୨।୯ (ସମିସ):** କଳାହାଣ୍ଡି କଳାକାର ସଂଘପକ୍ଷରୁ ଆଜି ମହଳୟା ପୂଜା ଅବସରରେ ସ୍ଥାନୀୟ ମାଣିକେଶ୍ୱରୀ ଛକରେ ଥିବା ନାଟ୍ୟ ରଶ୍ମୀପ୍ରଫୁଲ୍ଲ ରଥଙ୍କ ପ୍ରତିମୂର୍ତ୍ତୀଠାରେ କଳାହାଣ୍ଡିର ଦିବଙ୍ଗତ କଳାକାରଙ୍କ ଆତ୍ମା ସାମୁହିକ ତିଳତର୍ପଣ ଅର୍ପଣ କରାଯାଇଛି। ଏଥିରେ ବିଶିଷ୍ଟ ମଞ୍ଚ କଳାକାର, ନାଟ୍ୟକାର ତଥା ସ୍ୱର୍ଗତ ନାଟ୍ୟରଶ୍ମୀ ପ୍ରଫୁଲ ରଥଙ୍କ ସୁପୁତ୍ର ପ୍ରବୋଧ ରଥ କହିଥିଲେ ଯେ ଦୀର୍ଘ ୨୦ବର୍ଷ ଧରି ଏଭଳି କଳାର ତପସ୍ୱୀ ଓ ସାଧକମାନଙ୍କ ଆତ୍ମାର ସଦ୍‌ଗତି କାମନାପୂର୍ବକ ତିଳ ତର୍ପଣ ଚାଲିଛି। କାରଣ କଳାହାଣ୍ଡିର ବହୁ କଳାକାର ସେହି ମହାନ ଆତ୍ମାଙ୍କ ସହ ଯୋଡି ରହି କଳା ମାଧ୍ୟମରେ ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କଳାହାଣ୍ଡି କଳାକାର ସଂଘର ସଭାପତି ପଦ୍ମନାଭ କୁମ୍ଭାର, ରଞ୍ଜିତ ସିଂ, ପ୍ରଭାସ ମିଶ୍ର, ଅଶୋକ ପାତ୍ର, ସତ୍ୟ ମିଶ୍ର, ମନୋଜ ଶର୍ମା, ନିମାଇଁଚରଣ ପାଣି, ଅବଦୁଲ କାଦିର ଖାନ, ରିଆଜ ଖାଁ, ପ୍ରବୀର ମିଶ୍ର ଶୁଭ୍ରାଂଶୁ ସାହୁ, ଜୟଶଙ୍କର ପଣ୍ଡା ପ୍ରମୁଖ କଳାକାର ଏବଂ ସଂଘର ସଦସ୍ୟ ଯୋଗ ଦେଇଥିଲେ।

**■ ଟ୍ରକ୍ ଚାପାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟଣା**

# ରାସ୍ତାରେ ଶବରଖି କ୍ଷତିପୂରଣ ଦାବି

**ଗୋଲାମୁଣ୍ଡା, ୨୨।୯ (ସମିସ)**




କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ନିକଟରେ ଟ୍ରକ୍ ଚାପାରେ ବାଇକ୍ ଆରୋହୀର ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ଗୋଲାମୁଣ୍ଡା ଗ୍ରାମର ମାଧବ ମାଝୀ (୪୦)। ମାଧବ ମାଝୀ ଗୋଲାମୁଣ୍ଡା ଥାନାକୁ କୌଣସି କାମରେ ଯାଇଥିଲେ। କାମସାରି ଥାନାରୁ ଘରକୁ ଫେରୁଥିବା ବେଳେ ବିଜୁ ଏକ୍ସପ୍ରେସ ୱେରେ ଧର୍ମଗଡ଼ ପଟୁ ଆସୁଥିବା ଗୋଟିଏ ଟ୍ରକ୍ ବାଇକ ଉପରେ ମାଡ଼ିଯାଇଥିଲା। ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ଗୋଲାମୁଣ୍ଡା ପୁଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଜନ ସଂଗ୍ରାମ ସମିତିର ସଭାପତି ସାଉଳ ମଙ୍ଗରାଜ ଏବଂ ସମ୍ପାଦକ ଅନିଲ ମଲ୍ଲିକଙ୍କ ନେତୃତ୍ୱରେ ମୃତକଙ୍କ ପରିବାର ଏବଂ ଶତାଧିକ ଜନସାଧାରଣ କ୍ଷୟକ୍ଷତି ପାଇଁ ଥାନାସାମ୍ନା ବିଜୁ ଏକ୍ସପ୍ରେସ ଫୋର୍‌ୱେ ରାସ୍ତା ମଝିରେ ଶବରଖି ରାସ୍ତା ଅବରୋଧ କରିଥିଲେ। ଯାହାଫଳରେ ଧର୍ମଗଡ଼ରୁ ସିନାପାଲି ରାସ୍ତା ଯାନବାହାନ ଚଳାଚଳ ବନ୍ଦ ଥିଲା। କିଛି ସମୟ ପାଇଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ଗୋଲାମୁଣ୍ଡା ପୁଲିସ ପହଞ୍ଚି ବୁଝାସୁଝା କରିଥିବା ବେଳେ ତହସିଲଦାର ଚନ୍ଦନ କୁମାର ନାଏକ ମଧ ପହଞ୍ଚି ରେଡ କ୍ରସ ପାଣ୍ଠିରୁ ଦଶହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଏବଂ ବିଡିଓ ତ୍ରିପୁରା ମହାନନ୍ଦ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ଫୋନ ଯୋଗେ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ହଟିଥିଲେ। ଏପଟେ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ମୃତକ ପରିବାର ବର୍ଗଙ୍କୁ ଦୁଇ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଫେରାର ହୋଇଥିବା ଟ୍ରକ୍ ଆସନ୍ତାକାଲି ସୁଦ୍ଧା ଥାନାକୁ ଆସିଯିବ ବୋଲି ଏସ୍‌ଆଇ ରାଜେଶ ପରିଡ଼ା ଆନ୍ଦୋଳନକାରୀଙ୍କୁ କହିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**


| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍‌ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 11.09.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ସ୍ୱାଧୀନତା ହେଉଛି ଆବଶ୍ୟକତାର ଚେତନା।
-କାଲମାର୍କସ୍

ସକାଳ
THE SAKALA

## ଯୋଗ୍ୟ ଓ ମେଧାଶକ୍ତିର ଅପଚୟ

ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ନାଗରିକଙ୍କ ମୌଳିକ ଆବଶ୍ୟକତା ପ୍ରତି ଉଚିତ ଧ୍ୟାନ ଦିଆଯାଇନଥିବାରୁ ରାଜ୍ୟର ଏହି ଦୁଇଟି କ୍ଷେତ୍ର ଅବହେଳିତ ଅବସ୍ଥାରେ ଅଛି। ଡାକ୍ତର ଅଭାବରୁ ରାଜ୍ୟର ଗ୍ରାମୀଣ ଜୀବନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସହ ବ୍ୟୟବହୁଳ କର୍ପୋରେଟ ହସ୍‌ପିଟାଲ ଉପରେ ନିର୍ଭର କରୁଛି। ନିକଟରେ ଏହି ସମସ୍ୟା ଓ ତା'ର ସମାଧାନ ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଏବେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହେଉଛି। ଆମ ରାଜ୍ୟର ଛାତ୍ରଛାତ୍ରୀ ସଠିକ ଶିକ୍ଷାଦାନରୁ ବଂଚିତ ହେଉଥିବାରୁ ଜାତୀୟ ସ୍ତରରେ ନିଜ ଦକ୍ଷତା ଓ ମେଧାଶକ୍ତି ପ୍ରଦର୍ଶନ କରିପାରୁନାହାନ୍ତି। ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଥିବାବେଳେ ଗୁଣାତ୍ମକ ମାନ ଦୃଷ୍ଟିରୁ ଜାତୀୟସ୍ତରରେ ପ୍ରତିଯୋଗୀକ୍ଷମ ହୋଇପାରୁନାହାନ୍ତି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରର ଏହି ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ଅଭିଭାବକମାନେ ନିଜ ପିଲାଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ପଠାଉଛନ୍ତି। ଅଧ୍ୟାପନା ପାଇଁ ଯଦି ବିଶ୍ୱବିଦ୍ୟାଳୟରେ କ୍ରମାଗତ ଶିକ୍ଷକ ଅଭାବ ବଳବତ୍ତର ରହିବ ତେବେ ଛାତ୍ରଛାତ୍ରୀଙ୍କ ନିକଟରେ ଅଧ୍ୟୟନ ଗୁରୁତ୍ୱ ହରାଇବ ଓ ସେମାନେ ସ୍ୱାଭାବିକ ଭାବେ ବିପଥଗାମୀ ହେବେ।

ଆମେ ଏଠାରେ ସରକାରୀ ତଥ୍ୟ ଆଧାରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ କ'ଣ ସେ ସଂପର୍କରେ କିଛି ମତାମତ ଦେବାକୁ ଉଚିତ୍ ମନେ କରୁଛୁ। ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଯେ ସରକାରୀ ବିଶ୍ୱବିଦ୍ୟାଳୟରେ ୧୪୦୪ ଅଧ୍ୟାପକ ପଦ ଖାଲିପଡ଼ିଛି। ଏହା ମୋଟ ସରକାରୀ ମଞ୍ଜୁରୀ ପ୍ରାପ୍ତ ଅଧ୍ୟାପକ ପଦର ୭୮ ପ୍ରତିଶତ। ସତରେ କି ବିଚିତ୍ର ପରିସ୍ଥିତି ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହେଉଥିବ। ଠିକା ନିଯୁକ୍ତି ଉପରେ ନିର୍ଭର କରି କର୍ତ୍ତୃପକ୍ଷ କୌଣସିପ୍ରକାରେ କାମଚଳା ବ୍ୟବସ୍ଥା ଜାରି ରଖିଛନ୍ତି। ଯେଉଁଠାରେ ବୌଦ୍ଧିକ ବିକାଶ ଓ ଗବେଷଣାର ସୁଯୋଗ ସୃଷ୍ଟି ହେବା କଥା ସେଠାରେ ଯଦି ଠିକା ଅଧ୍ୟାପନା ଉପରେ ବ୍ୟବସ୍ଥା ନିର୍ଭରଶୀଳ ହେବ ଆମ ରାଜ୍ୟର ବିଶ୍ୱବିଦ୍ୟାଳୟ ଜାତୀୟସ୍ତର ମାନକ ଅନୁରୂପ ହେବ କିପରି? ସଚେତନ ଅଭିଭାବକଙ୍କ ପାଇଁ ଏହା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ସତେଯେପରି ମନେ ହେଉଛି ସରକାର ଏହି ବିଶ୍ୱବିଦ୍ୟାଳୟ ଖୋଲିଛନ୍ତି କେବଳ ଡିଗ୍ରୀ ବାଣ୍ଟିବା ପାଇଁ, ଯାହା ସାଧାରଣ ଓ ସାମାଜିକ ଜୀବନରେ ଦିନକୁ ଦିନ ଅଲୋଡ଼ା ହୋଇପଡୁଛି।

ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟର ସର୍ବପ୍ରାଚୀନ ତଥା ଗର୍ବଗୌରବ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛି ଉତ୍କଳ ବିଶ୍ୱବିଦ୍ୟାଳୟ। ରେଭେନ୍ସାରେ ୧୬୧ ଅଧ୍ୟାପକ ପଦ ପୂରଣ ହୋଇପାରୁନି। ରାଜ୍ୟରେ ଖାଲିପଡ଼ିଥିବା ଏହି ପଦବୀ ମଧ୍ୟରେ ଅଛି ୨୬୦ ପ୍ରାଧ୍ୟାପକ, ୪୫୩ ସହଯୋଗୀ ପ୍ରାଧ୍ୟାପକ ଓ ୬୬୯ ସରକାରୀ ପ୍ରାଧ୍ୟାପକ ପଦ। ସେହିଭଳି ବିଶ୍ୱବିଦ୍ୟାଳୟ ପ୍ରଶାସନର ପ୍ରମୁଖ ଅଂଶ ୭୨ ପ୍ରତିଶତ ଅଣଶିକ୍ଷକ ପଦ ମଧ୍ୟ ଶୂନ୍ୟ ପଡ଼ିଛି। ବିଭାଗୀୟ ମନ୍ତ୍ରୀ ଏକଥା ବିଧାନସଭାରେ କହିଛନ୍ତି। ଏହି ପରିସ୍ଥିତି କେବଳ ବିଶ୍ୱବିଦ୍ୟାଳୟ ସ୍ତରରେ ସୀମିତ ରହିନାହିଁ। ସରକାରୀ ମହାବିଦ୍ୟାଳୟ ସ୍ଥିତି ମଧ୍ୟ ତଦ୍ରୂପ। ରାଜ୍ୟର ମୋଟ ୮୨ଟି ସରକାରୀ ମହାବିଦ୍ୟାଳୟରେ ୬୫୪ ଅଧ୍ୟାପକ ପଦ ଖାଲିପଡ଼ିଛି। କିନ୍ତୁ ଏହି ଅଭାବ ସତ୍ତ୍ୱେ ପାଠପଢ଼ା ଚାଲିଛି। ଯେତେଦୂର ମନେ ହୁଏ ଠିକା ବ୍ୟବସ୍ଥାରେ ଅପେକ୍ଷାକୃତ କମ ଖର୍ଚ୍ଚ ହେଉଥିବାରୁ ସରକାର ଅଧ୍ୟାପକ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାନ୍ତି। ଉଚ୍ଚ ଶିକ୍ଷା କ୍ଷେତ୍ର ମଧ୍ୟ କାମଚଳା ବ୍ୟବସ୍ଥାରେ ଚାଲିଛି। ଯୋଗ୍ୟ ଓ ମେଧା ଶକ୍ତିର ଅପଚୟ ପାଇଁ ଏହା ଏକ ଷଡ଼ଯନ୍ତ୍ର ନୁହେଁ ତ?

## ନିରର୍ଥକ ପ୍ରୟାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପୁଣି ଥରେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଯୁକ୍ତି ଦର୍ଶାଇଛନ୍ତି। ଭାରତ-ପାକିସ୍ତାନ ସମେତ ୬ଟି ଯୁଦ୍ଧକୁ ରୋକିବାରେ ତାଙ୍କର ବ୍ୟକ୍ତିଗତ ଉଦ୍ୟମରୁ ସଫଳତା ମିଳିଛି। ତାଙ୍କ ଦାବିର ଯଥାର୍ଥତାକୁ ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସାମରିକ ଉତ୍ତେଜନାକୁ ସେ ଯୁଦ୍ଧର ମାନ୍ୟତା ଦେଇ ବାଗାଡ଼ମ୍ବର କରିଛନ୍ତି। 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଏପର୍ଯ୍ୟନ୍ତ ଅସ୍ୱୀକାର କରି ଆସିଥିବା ବେଳେ ନିକଟରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ମଧ୍ୟ ତାହାକୁ ଖଣ୍ଡନ କରିଛନ୍ତି। ଅଥଚ ସେ ନିଜେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଥିବା ୭୦୦ ଦିନ ଧରି ଗାଜା ବିରୋଧରେ ଚାଲିଥିବା ଇସ୍ରାଏଲର ଆକ୍ରମଣ ଏବଂ ୧୩୦୦ ଦିନରୁ ଊର୍ଦ୍ଧ୍ୱକାଳ ଧରି ରୁଷିଆ – ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ବିଫଳତା ସଂପର୍କରେ ନିରବ ରହିଛନ୍ତି। ଗାଜାରେ ଗଣହତ୍ୟା ଏବଂ ୟୁକ୍ରେନରେ ଯୁଦ୍ଧ ବିଭୀଷିକା ଓ ବୀଭତ୍ସତାର କୌଣସି ପଟାନ୍ତର ନାହିଁ। ସମଗ୍ର ବିଶ୍ୱ ସମୁଦାୟ ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଦୃଢ଼ ମତ ପୋଷଣ କରୁଥିଲେ ହେଁ ଆମ ବ୍ୟବସ୍ଥା ଓ ଅହଂକାରୀ ନେତୃତ୍ୱଙ୍କ ପକ୍ଷପାତପୂର୍ଣ୍ଣ ଆଚରଣ ଏକ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି। ଆମେ ଏଠାରେ ବ୍ୟବସ୍ଥା କହିଲେ ମିଳିତ ଜାତିସଂଘର ଭୂମିକା କିଭଳି ନିରର୍ଥକ ଓ ନିଷ୍ପ୍ରୟୋଜନ ହୋଇପଡ଼ିଛି ତାହା ଦର୍ଶାଇଛୁ।

ଏଥିମଧ୍ୟରେ ମିଳିତ ଜାତିସଂଘ ପ୍ରତିଷ୍ଠା ୮୦ ବର୍ଷରେ ପଦାର୍ପଣ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆନ୍ତର୍ଜାତିକ ସ୍ତରରେ ଶାନ୍ତି, ସଦ୍‌ଭାବ ଓ ସୁରକ୍ଷା ଅତୁଟ ରଖିବା ସହ ଆବଶ୍ୟକ ସ୍ଥଳରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ଏହି ବିଶ୍ୱ ପଞ୍ଚାୟତ ଗଠନ ହୋଇଥିଲା। କିନ୍ତୁ ଅଧିକାଂଶ ପ୍ରସଙ୍ଗରେ ଏହା ନ୍ୟାୟ ପ୍ରଦାନ କରିବାକୁ ଅସମର୍ଥ ହୋଇଛି। ତାହାର ପୃଷ୍ଠଭାଗରେ ରହିଛି ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ହାସଲ କରିଥିବା ଆମେରିକା ରୁଷିଆ, ଚୀନ, ବ୍ରିଟେନ ଓ ଫ୍ରାନ୍ସର ଭୂମିକା। ଏମାନଙ୍କ ଭିଟୋ ପ୍ରୟୋଗ କ୍ଷମତା ପ୍ରସଙ୍ଗ ଭିତ୍ତିକ ବହୁମତକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ହୋଇଛି। ତେଣୁ ନିରାପତ୍ତା ପରିଷଦରେ ସଦସ୍ୟତା ବୃଦ୍ଧି ଓ ଆବଶ୍ୟକ ସଂସ୍କାର ଆଣିବା ସକାଶେ ଭାରତ, ଜର୍ମାନୀ, ଜାପାନ ଓ ବ୍ରାଜିଲ ପକ୍ଷରୁ ଦୁଇ ଦଶନ୍ଧି ଧରି ଦାବି କରାଯାଉଥିଲେ ମଧ୍ୟ ଏକ୍ଷେତ୍ରରେ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରିନାହିଁ। ସଂପ୍ରତି ସମଗ୍ର ବିଶ୍ୱ ଯୁଦ୍ଧ ଘନଘଟା ଓ ଆତଙ୍କବାଦୀଙ୍କ କାର୍ଯ୍ୟକଳାପରେ କ୍ଷତାକ୍ତ ଓ ପୀଡ଼ିତ। ଏହି ଦୁଇଟି ପ୍ରସଙ୍ଗରେ ଜାତିସଂଘର ଶୀର୍ଷ କ୍ଷମତାରେ ଥିବା ରାଷ୍ଟ୍ର ନିଜର ସ୍ୱାର୍ଥ ରକ୍ଷା ପାଇଁ ଚାପ ଓ ଭିଟୋ ପ୍ରୟୋଗ କରୁଥିବାରୁ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରୁନି। ଅନୁରୂପ ଭାବେ କୋଭିଡ ମହାମାରୀର ମୃତ୍ୟୁ ବିଭୀଷିକା ପାଇଁ କିଏ ଦାୟୀ ତାହା ନିର୍ଦ୍ଧାରଣ କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅସାମର୍ଥ୍ୟ ବାରି ହୋଇପଡୁଛି।

ଜାତିସଂଘ ସାଧାରଣ ଆସେମ୍ବ୍ଲି ଅଧିବେଶନ ଚାଲିଥିବା ବେଳେ କେତୋଟି ପ୍ରସଙ୍ଗ ଆମେ ଏଠାରେ ଉପସ୍ଥାପନ କରିବାକୁ ଉଚିତ ମନେ କରୁଛୁ। ପାଲେଷ୍ଟାଇନର ଗାଜାପଟିରେ ଇସ୍ରାଏଲ ନରସଂହାର ଜାରି ରଖିଛି ବୋଲି ମିଳିତ ଜାତିସଂଘର ନିରପେକ୍ଷ ତଦନ୍ତକାରୀ ଆୟୋଗ ରିପୋର୍ଟରେ ଦର୍ଶାଇଛନ୍ତି। ଗାଜାରେ ତୁରନ୍ତ ନିଃସର୍ତ୍ତ ସ୍ଥାୟୀ ଯୁଦ୍ଧ ବିରତି ଏବଂ ତୁରନ୍ତ ପଣବନ୍ଦୀ ଓ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଅଥଚ ୧୪-୧ ଭୋଟ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ସେହି ଗୋଟିଏ ଭୋଟ ହିଁ ଥିଲା ଆମେରିକାର ଭିଟୋ। ଏହି ପ୍ରସଙ୍ଗର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମଧ୍ୟପ୍ରାଚ୍ୟରେ ଆଗକୁ ବିସ୍ଫୋରଣାତ୍ମକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବାର ମନେ ହୁଏ। ସାଉଦୀ ଆରବ ସହ ପାକିସ୍ତାନ ପ୍ରତିରକ୍ଷା ଚୁକ୍ତି କରି ପାରମାଣବିକ ଆତଙ୍କ ସୃଷ୍ଟି କରିଛି। ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧ ନେଇ ଜାତିସଂଘର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପୋଲାଣ୍ଡରେ ରୁଷର ଡ୍ରୋନ ପ୍ରବେଶ ଓ ଇସ୍ତୋନିଆରେ ଯୁଦ୍ଧବିମାନ ବାୟୁସୀମା ଉଲ୍ଲଙ୍ଘନ ଘଟଣା ପରିସ୍ଥିତିକୁ ଭିନ୍ନ ମୋଡ଼ ଦେଇଛି। ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜାତିସଂଘରେ ଗୃହୀତ ପ୍ରସ୍ତାବ ଅର୍ଥହୀନ ହୋଇପଡୁଥିଲେ ମଧ୍ୟ ତାହାର କୌଣସି ବିକଳ୍ପ ପନ୍ଥା ଦୃଶ୍ୟମାନ ହେଉନାହିଁ।

# ଚାଷୀର ସ୍ୱଭାବ ଓ ସାରର ଅଭାବ

ଡ. ସୀତାକାନ୍ତ ତ୍ରିପାଠୀ

'ଚାଷ ଅଛି ଯାହାର, କି ଆନନ୍ଦ ତାହାର' - ପିଲାଦିନେ ଏହି ଶିଶୁ କବିତାଟି ଶୁଣି ଏବଂ ନିଜେ ଗାଇ ଆମଭଳି ପିଲାମାନେ ଚାଷ କାର୍ଯ୍ୟ ପ୍ରତି ବେଶ୍ ଆଗ୍ରହୀ ହୋଇଥିଲୁ। ସେ ସମୟରୁ ଏପର୍ଯ୍ୟନ୍ତ ଯେତେବେଳେ ଆମେ ଚାଷୀମାନଙ୍କ ସହିତ ଆଳାପ ଆଲୋଚନା କରୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପ୍ରଥମ ଉତ୍ତର ହେଲା ଆମେ ଗରିବ। ଚାଷ କାର୍ଯ୍ୟକୁ ଆଧାର କରି ବଞ୍ଚିବା କଷ୍ଟକର। ବରଂ ଚାକିରି କରି ମାସକୁ ମାସ ଦରମା ପାଇବ; କିନ୍ତୁ ଚାଷକୁ ଆଧାର କରି ଜୀବନଧାରଣ କରିବା କଷ୍ଟକର। ତା'ଛଡ଼ା ଆମ ସମାଜରେ ସେମାନଙ୍କୁ ପାଞ୍ଚଜଣରେ ଜଣେ ଗଣିବା ଦୂରେ ଥାଉ ସଠିକ ଆଦର କିମ୍ବା ସମ୍ମାନ ଦିଆଯାଏ ନାହିଁ।

ବିଭିନ୍ନ ସ୍ଥାନରେ ଚାଷୀ ଆତ୍ମହତ୍ୟା ହେଉଥିଲେ ମଧ୍ୟ ତା'କୁ ପ୍ରମାଣ କରିବା ଜଣେ ଗରିବ ଚାଷୀ ପରିବାର ପକ୍ଷେ କଷ୍ଟକର। ଆଜିକାଲି ଯଦିଓ କିଛି ହାତଗଣତି ଚାଷୀ ସରକାରୀ ସାହାଯ୍ୟ ସହଯୋଗ ଏବଂ ନିଜସ୍ୱ ପୁଞ୍ଜି ନିବେଶ କରି ଚାଷକୁ ଏକ ଲାଭଦାୟକ ଜୀବିକା କରିପାରିଛନ୍ତି, ତଥାପି ଅଧିକାଂଶ ଲୋକ ଏଥିରୁ ନିଜକୁ ନିବୃତ୍ତ କରି ଅନ୍ୟାନ୍ୟ ବୃତ୍ତି କିମ୍ବା ଚୁକ୍ତିଭିତ୍ତିକ ଚାଷ ବା ଭାଗ ଚାଷରେ ମନ ଦେଲେଣି। ପୂର୍ବରୁ ସୀମିତ ଚାହିଦା ଭିତରେ ଚାଷୀର ଜୀବନ ଯେନତେନ ପ୍ରକାର ଚଳିଯାଉଥିଲେ ମଧ୍ୟ ଅଭାବୀ ବିକ୍ରୀ, କୃଷିଜାତ ଦ୍ରବ୍ୟର ସଂରକ୍ଷଣର ଅସୁବିଧା, ଋତୁଭିତ୍ତିକ ଚାଷକାର୍ଯ୍ୟ, ଦୈବୀ ଦୁର୍ବିପାକ ଆଦି ବିଭିନ୍ନ କାରଣ ଯୋଗୁଁ ତା'ର ଜୀବନ ଦୁର୍ବିସହ ହୋଇ ପଡୁଛି। ଏ ସବୁ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସରକାରମାନେ ପଦକ୍ଷେପମାନ ନେଇ ଆସୁଛନ୍ତି। କିନ୍ତୁ ସେଗୁଡ଼ିକ ପ୍ରଭାବୀ ହୋଇପାରୁ ନ ଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ୟାଗୁଡ଼ିକ ଅସମାହିତ ଥିବା ଭଳି ମନେ ହୁଏ।

ବର୍ତ୍ତମାନର କୃଷି ବ୍ୟବସ୍ଥାରେ ଅଧିକାଂଶ ଭାଗଚାଷୀ। ଦୈବୀ ଦୁର୍ବିପାକ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଯଦି ଚାଷ କ୍ଷତିଗ୍ରସ୍ତ ହୁଏ, ତେବେ ଜମି ମାଲିକମାନଙ୍କର ସେମିତି କିଛି କ୍ଷତି ହୁଏନାହିଁ, ବରଂ ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସାହାଯ୍ୟ ସହଯୋଗ ପାଇବା ପାଇଁ ହକ୍‌ଦାର ହୋଇଥା'ନ୍ତି। କିନ୍ତୁ ଅଦ୍ୟାବଧି ଭାଗଚାଷୀ ଆଇନ୍ ସଠିକ୍ ଭାବେ ପ୍ରଣୟନ ହୋଇ ନ ପାରିବା କାରଣରୁ ସେମାନଙ୍କୁ ସାହାଯ୍ୟ କରିବା ଦୂରରେ ଥାଉ ଚିହ୍ନଟ କରିବା ମଧ୍ୟ କଷ୍ଟକର। ପୂର୍ବରୁ ଭାଗଚାଷୀମାନେ ସାଧାରଣ ଭାବେ ଜମିରୁ ଉତ୍ପାଦିତ ଫସଲକୁ ମାଲିକମାନଙ୍କ ସହିତ ଭାଗ କରୁଥିବା ବେଳେ ବର୍ତ୍ତମାନ ପ୍ରାୟତଃ ସେମାନେ ବର୍ଷକୁ ବର୍ଷ ଗୁଣ୍ଡପିଛା ଏକ ନିର୍ଦ୍ଦିଷ୍ଟ ରାଶି କର ହିସାବରେ ପ୍ରଦାନ କରୁଛନ୍ତି। ଯାହାଫଳରେ ସେମାନଙ୍କ ହାତରେ ଜମି ରହୁଛି। ତେଣୁ ସେଥିରୁ କେମିତି ଅଧିକରୁ ଅଧିକ ଉତ୍ପାଦନ କରିହେବ ସେଥିପାଇଁ ଅଧିକ ଅମଳକ୍ଷମ ବିହନ ସହିତ ଅତ୍ୟଧିକ କୃତ୍ରିମ ସାର ଓ କୀଟନାଶକ ଆଦି ପ୍ରୟୋଗ କରିବାରେ ବ୍ୟସ୍ତ। ଅନ୍ୟପକ୍ଷରେ ଆଜିକାଲି ଯଥେଷ୍ଟ ମାତ୍ରାରେ ଭାଗଚାଷୀ ମିଳୁ ନଥିବାରୁ ଜମି ମାଲିକମାନେ ଭାବୁଛନ୍ତି ଯାହାହେଉ ଜମି ପଡ଼ିଆ ପଡ଼ିବା କିମ୍ବା ଅଣାୟତ୍ତ ହୋଇଯିବାର ଭୟରୁ ଅନ୍ତତଃ ମୁକ୍ତି ମିଳିଯାଉଛି। କାରଣ କିଛି ଜମିମାଲିକ ନାମକୁ ମାତ୍ର ବର୍ଷକୁ ଥରେ ଦୁଇଥର ଗାଁକୁ ଯାଇ ବିଲବାଡ଼ିଆଡ଼େ ଆଖି ପକାଇ ଦେଇ ଭାଗଚାଷୀମାନଙ୍କଠାରୁ ଟଙ୍କା ଧରି ଫେରି ଆସିଥା'ନ୍ତି। ବେଳେବେଳେ ଭାଗଚାଷୀମାନେ ଜମି ମାଲିକମାନଙ୍କୁ କିଛି ପନିପରିବା, ଧାନ, ମୁଗ ଦେଇ ଖୁସି କରାଇବା ପାଇଁ ଚାହିଁଥା'ନ୍ତି। ପ୍ରକୃତପକ୍ଷେ ଚାଷର ଉନ୍ନତି ପାଇଁ ଜମି ମାଲିକ ଏବଂ ଭାଗଚାଷୀ ମଧ୍ୟରେ ଥିବା ସମନ୍ୱୟ ଅଭାବରୁ ଏହି ସମସ୍ୟା ବହୁଗୁଣିତ ହୋଇଥାଏ। ଅଧିକାଂଶ ସମୟରେ ଜମି ମାଲିକମାନେ ନିଜ ନିଜର ନାମ ପଞ୍ଜିକରଣ କରି ନ ଥିବାରୁ ଉତ୍ପାଦିତ ଧାନକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକିବା କଷ୍ଟକର ହୋଇଥାଏ। ତେଣୁ ଭାଗଚାଷୀମାନେ ବିଭିନ୍ନ ଲୋକଙ୍କ ନାଁ ନେଇ ଧାନ ବିଲ ଚାଷ କରିଥା'ନ୍ତି। ଯାହା ଫଳରେ ଉକ୍ତ ଧାନର ପ୍ରକୃତ ମୂଲ୍ୟ ପାଇବାରୁ ଏମାନେ ବଞ୍ଚିତ ହୁଅନ୍ତି।

ବର୍ତ୍ତମାନ ପରିପ୍ରେକ୍ଷୀରେ ସାରର ଅଭାବକୁ ନେଇ ରାଜ୍ୟସାରା ତୁମ୍ବିତୋଫାନ ଚାଲିଛି। ଏଥିପାଇଁ କିଛି ସ୍ଥାନରେ ଚାଷୀମାନେ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇଲେଣି। ତେବେ ପାରମ୍ପରିକ ବିହନ, କମ୍ପୋଷ୍ଟ ଖତ ଓ କୃଷି ପଦ୍ଧତି ଛାଡ଼ି ଆମେ ଯେତେବେଳେ ସଙ୍କରଜାତୀୟ ବିହନ, କୃତ୍ରିମ ସାର ଓ ବୈଜ୍ଞାନିକ କୃଷି ଯନ୍ତ୍ରପାତିର ବ୍ୟବହାର ଆରମ୍ଭ କରିଥିଲେ ସେତେବେଳେ ଆମ ଦେଶକୁ ଖାଦ୍ୟଶସ୍ୟର ବଳକା କରିବା ମୂଳଲକ୍ଷ୍ୟ ଥିଲା। ଯାହାଫଳରେ ମୁଖ୍ୟତଃ ଜଳସେଚିତ ଅଞ୍ଚଳମାନଙ୍କରେ ଧାନ ଓ ଗହମ ଚାଷକୁ ପ୍ରାଧାନ୍ୟ ଦିଆଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଏଥିଯୋଗୁଁ ପନିପରିବା, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ କ୍ଷତିଗ୍ରସ୍ତ ହେଲା। ତା' ଛଡ଼ା ଗାଁମାନଙ୍କରେ ଥିବା କୌଳିକ ବୃତ୍ତିଧାରୀ ଓ ଦିନମଜୁରିଆମାନଙ୍କର ଚାହିଦା କମିବାକୁ ଲଗିଲା। ଫଳରେ ସେମାନେ ବିଭିନ୍ନ ସ୍ଥାନକୁ ପ୍ରବାସୀ ଶ୍ରମିକ ବା ଦାଦନ ଶ୍ରମିକ ଭାବେ ଦେଶାନ୍ତର ହେବାକୁ ଲାଗିଲେ। ଏହାକୁ ଲକ୍ଷ୍ୟ କରି କେବଳ ଧାନ ଓ ଗହମ ଚାଷ ଉପରେ ପ୍ରାଧାନ୍ୟ ନ ଦେଇ ଚାଷୀମାନେ କିପରି ଅନ୍ୟାନ୍ୟ ଚାଷ ଓ ଉଦ୍ୟାନ କୃଷି ପାଇଁ ମନ ବଳାଇବେ ସେଥିପାଇଁ ସରକାରୀ ପ୍ରୟାସ ଆରମ୍ଭ ହେଲା। ଚାଷ କାର୍ଯ୍ୟରେ ଯାନ୍ତ୍ରିକ ବ୍ୟବହାର ହେତୁ ଚାଷୀମାନେ ଆଉ ଘରେ ବଳଦ ରଖୁ ନାହାନ୍ତି। ତା' ଛଡ଼ା ଗୋଚର ଜମିର କ୍ରମାଗତ ହ୍ରାସ, ଧାନ ଅମଳ ସମୟରେ ନଡ଼ାକୁ ଅଣଦେଖା କରିବା ହେତୁ ସେମାନେ ଆଉ ଗୋ-ପାଳନ ପ୍ରତି ମଧ୍ୟ ମନ ଦେଉନାହାନ୍ତି। ତେଣୁ ବାରିରେ ଥିବା ଖତଗଦା ଆଜିକାଲି କେବଳ ବହିରେ ପଢ଼ିବା କିମ୍ବା କାହାଣୀ ଶୁଣିବା ପ୍ରସଙ୍ଗ ପାଲଟି ଯାଉଛି। ଯଦିଓ ଜିଆଖତ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ ଦିଆଯାଇଛି, ତଥାପି ଏହା ଅଦ୍ୟାବଧି ଜନାଦୃତ ହୋଇପାରିନାହିଁ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଧାନର ସର୍ବନିମ୍ନ ସହାୟତା ରାଶି ସହିତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବା ଯୋଗୁଁ ତାହା ବର୍ତ୍ତମାନ କୁଇଣ୍ଟାଲ ପିଛା ଏକତିରିଶି ଶହ ଟଙ୍କାରେ ପହଞ୍ଚିଛି। ଯାହାଫଳରେ ଏବର୍ଷ ଚାଷୀ ଧାନଚାଷ ପାଇଁ ବିଶେଷ ଭାବେ ଆକୃଷ୍ଟ ହୋଇଛନ୍ତି। ତା'ସାଙ୍ଗକୁ ଅଦ୍ୟାବଧି ପ୍ରାୟତଃ ସନ୍ତୁଳିତ ବୃଷ୍ଟିପାତ ହେବା ଏହାକୁ ଆହୁରି ଅଧିକ ପ୍ରୋତ୍ସାହିତ କରିଆସିଛି, ଯାହାଫଳରେ ପୂର୍ବବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଅଧିକ ଜମିରେ ବ୍ୟାପକ ଭାବେ ଧାନଚାଷ ହୋଇଥିବା ଦାବି ହେଉଛି। ଏଥିଯୋଗୁଁ ସ୍ୱାଭାବିକ ଭାବେ ସାରର ଚାହିଦା ବଢ଼ିଛି। ଧାନରେ ଯେହେତୁ ୟୁରିଆ ଓ ଅନ୍ୟାନ୍ୟ ସାରର ବହୁଳ ବ୍ୟବହାର ହୁଏ, ଯୋଗାଣ ସୀମିତ ରହିବାରୁ ସାର ସଙ୍କଟ ଲାଗି ରହିଛି। ଯାହାକୁ ୟୁକ୍ରେନ-ରଷିଆ ଯୁଦ୍ଧ ମଧ୍ୟ ଆହୁରି ଅଧିକ ସଙ୍କଟାପନ୍ନ କରିଛି। ଏହାର ଫାଇଦା ନେଇଛନ୍ତି କଳାବଜାରୀ। ସରକାରୀ ନିୟନ୍ତ୍ରଣ ଅଭାବରୁ ସାର ସମସ୍ୟା ଉତ୍କଟ ହେବାରେ ଲାଗିଛି।

ଶେଷରେ ଏତିକି କୁହାଯାଇପାରେ ଚାଷୀମାନଙ୍କୁ ସାର ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। କିନ୍ତୁ ଚାଷୀମାନେ କିପରି ବହୁମୁଖୀ ଚାଷ ପାଇଁ ଆଗ୍ରହୀ ହେବେ ସେଥିପାଇଁ ମଧ୍ୟ ସରକାର ଚେଷ୍ଟିତ ହେବା ଜରୁରୀ। ତେଣୁ କେବଳ ଧାନ ନୁହେଁ, ବରଂ ଅନ୍ୟାନ୍ୟ ସବୁ ଚାଷ ପାଇଁ ସର୍ବନିମ୍ନ ସହାୟତା ରାଶି ଏବଂ ସହଜ ଓ ସରଳ ଋଣ ଯୋଗାଇବାର ଆବଶ୍ୟକତା ରହିଛି। ଫଳରେ ଏକ ସନ୍ତୁଳିତ କୃଷି ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହାଛଡ଼ା ପରିକଳ୍ପିତ ଯୋଜନା କେବଳ କାଗଜକଲମ, ଭାଷଣ, ଆକ୍ଷେପ ଓ ପ୍ରତ୍ୟାରୋପ ମଧ୍ୟରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ ରୂପାନ୍ତରିତ ହେବା ଜରୁରୀ। ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କୃଷି ଅଧିକାରୀମାନେ ପ୍ରକୃତରେ ଧାନଚାଷ ହୋଇଥିବା ଜମିର ପରିମାଣକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆକଳନ କରି ରିପୋର୍ଟ ଦେଇ ପାରିଲେ ତାହା ସାରର ଚାହିଦା ଓ ଯୋଗାଣ ମଧ୍ୟରେ ସମତୁଲତା ପ୍ରତିଷ୍ଠା ହୋଇପାରନ୍ତା। କେବଳ କାର୍ଯ୍ୟାଳୟରେ ବସିରହିଲେ କିମ୍ବା ଗାଁ ମୁଣ୍ଡରୁ ତଥ୍ୟ ଯୋଗାଡ଼ କରିଦେଲେ ଏହା ସମ୍ଭବ ହୋଇପାରିବ ନାହିଁ। ପ୍ରକୃତ ଚାଷୀମାନଙ୍କ ସହିତ ଯୋଗାଯୋଗ କରିବାର ସମୟ ଏବେ ଉପଗତ। ଏହାଫଳରେ ଚାଷୀମାନେ ଉପକୃତ ହେବା ସହିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ରୋକାଯାଇ ପାରିବ। ଯେହେତୁ ସରକାରୀ ନଥିପତ୍ରରେ ଥିବା କୃଷକମାନଙ୍କ ସଂଖ୍ୟା ଏବଂ ଜମିର ପରିମାଣ ପ୍ରକୃତ ଚାଷୀ ଓ ଜମିର ପରିମାଣ ଭିତରେ ଫରକ ରହୁଛି, ତେଣୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସାରର ସୁବଣ୍ଟନ ହୋଇ ପାରୁନାହିଁ। ମନେରଖିବା ଦରକାର ଚାଷୀର ପରିବର୍ତ୍ତିତ ସ୍ୱଭାବ ସହିତ ସାରର ଅଭାବ ଅଙ୍ଗାଙ୍ଗୀ ଭାବେ ଜଡ଼ିତ।

ଅର୍ଣ୍ଣପାଳ(ଭଦ୍ରକ),
ମୋ: ୯୭୭୮୭୬୪୩୯୪

# ଶରୀର ଦାନ: ଏକ ଆନ୍ଦୋଳନ

ସୁଧାଂଶୁ ଶେଖର ଧଡ଼ା

ରାଷ୍ଟ୍ରର ବିଭିନ୍ନ ସମ୍ବଳ ମଧ୍ୟରୁ ମାନବ ସମ୍ବଳ ହେଉଛି ପ୍ରଥମ ଆବଶ୍ୟକତା। ସେଥିପାଇଁ ରାଷ୍ଟ୍ରର ନାଗରିକ ସୁସ୍ଥ, ସବଳ ଓ ଦୀର୍ଘଜୀବୀ ହେବା ନିହାତି ଆବଶ୍ୟକ। ଏଥିରେ ଡାକ୍ତରୀ ସେବା ଓ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶ ସ୍ୱାଧୀନତା ହେବା ସମୟରୁ ଇତିମଧ୍ୟରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅନେକ ଉନ୍ନତି ଘଟିଥିଲେ ହେଁ ଜନସଂଖ୍ୟା ଓ ଡାକ୍ତର ଅନୁପାତରେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଧାର୍ଯ୍ୟ ମାନକଠାରୁ(୧୦୦୦:୧) ଯଥେଷ୍ଟ କମ୍ ରହିଛି। ଡାକ୍ତରୀ ଶିକ୍ଷା କ୍ଷେତ୍ର ଜଟିଳ। ସାଢ଼େ ପାଞ୍ଚବର୍ଷର ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମର ପ୍ରଥମ ବର୍ଷ ହିଁ ମାନବ ଶରୀର ସମ୍ପର୍କିତ ଅଧ୍ୟୟନ ଓ ବ୍ୟବଚ୍ଛେଦର ଶିକ୍ଷାଦାନ ହୋଇଥାଏ। ପ୍ରତି ୧୦୦ ଜଣ ଛାତ୍ରଛାତ୍ରୀଙ୍କ ନିମିତ୍ତ ପ୍ରଥମ ବର୍ଷ ଶରୀରତତ୍ତ୍ୱ ଶିକ୍ଷା ଓ ବ୍ୟବଚ୍ଛେଦ ନିମିତ୍ତ ଛଅଟି ମୃତଦେହ ଆବଶ୍ୟକ ପଡ଼େ। ତାହା ପୁଣି ପଚିଶଢ଼ି ନଷ୍ଟ ହୋଇଯାଇଥିବା ଶରୀର ନୁହେଁ। ବର୍ତ୍ତମାନ ରାଜ୍ୟର ମେଡିକାଲ କଲେଜ ସଂଖ୍ୟା ଦୃଷ୍ଟିରୁ ଏହି ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ପ୍ଲାଷ୍ଟିକ ଶରୀରରେ ପାଠପଢ଼ା ହେଉଛି। ଡାକ୍ତରଖାନାଗୁଡ଼ିକରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ଶରୀରକୁ ଆତ୍ମୀୟମାନେ ଧର୍ମବିଶ୍ୱାସ ଆଧାରରେ ସତ୍କାର କରିବାକୁ ନେଇଯା'ନ୍ତି। ଦାବିଦାର ନଥିବା ମର ଶରୀର ସତ୍କାର କଲେ ସ୍ଥାନୀୟ ପ୍ରଶାସନ ପ୍ରାୟ ୩ ହଜାର ଟଙ୍କା ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ଥିବାରୁ ସ୍ୱେଚ୍ଛାସେବୀ ସଂସ୍ଥା ସତ୍କାର ନିମିତ୍ତ ନେଇଯା'ନ୍ତି। ତେଣୁ ଡାକ୍ତର ହେବା ପାଇଁ ପ୍ରଥମ ଆବଶ୍ୟକତା ବ୍ୟବଚ୍ଛେଦ ନିମିତ୍ତ ମର ଶରୀରଟିଏ ସହଜରେ ମିଳେନାହିଁ।

ବର୍ତ୍ତମାନ ରାଜ୍ୟରେ ୧୫ ଟି ସରକାରୀ ମେଡିକାଲ କଲେଜ ଏବଂ ତିନୋଟି ଘରୋଇ ମେଡିକାଲ କଲେଜର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମିତ୍ତ ଆବଶ୍ୟକ ୧୦୮ ଟି ଆଇନସଙ୍ଗତ ସତେଜ ମରଶରୀର ଏକ ମୌଳିକ ଓ ପ୍ରାଥମିକ ଆବଶ୍ୟକତା। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କି ପ୍ରତିବନ୍ଧକ ଦୂର କରିବାକୁ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହି ରାୟ ଅନୁଯାୟୀ, 'ଦି ଓଡ଼ିଶା ଆନାଟୋମି ଆକ୍ଟ ୧୯୭୫'ର ସଂଶୋଧନ କରି 'ଦି ଓଡ଼ିଶା ଆନାଟୋମି (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୨'କୁ ରାଜ୍ୟ ସରକାର ୨୦୧୩ ମସିହାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନର ଧାରା ୫-କ(୧) କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ମେଡିକାଲ ଶିକ୍ଷା ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ଭାବରେ ନିଜର ମୃତ୍ୟୁ ପରେ ମର ଶରୀର ଦାନ ଏବଂ ଆବଶ୍ୟକ କରୁଥିବା ଅନ୍ୟବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ ନିମିତ୍ତ ଅଙ୍ଗଦାନ ଏକ ଆଇନସିଦ୍ଧ ଜନଆନ୍ଦୋଳନରେ ପରିଣତ ହୋଇପାରିଛି।

ଇତିମଧ୍ୟରେ ମାନସିକତା ପରିବର୍ତ୍ତନ ହୋଇଛି। ହଜାର ହଜାର ମହାନୁଭବୀ ବ୍ୟକ୍ତି ଆଜି ଚିକିତ୍ସା ବିଜ୍ଞାନର ପ୍ରଗତି ଓ ଉତ୍ତମ ଡାକ୍ତର ସୃଷ୍ଟି ଉଦ୍ଦେଶ୍ୟରେ ମୃତ୍ୟୁ ପରେ ଶରୀରଦାନ ଇଚ୍ଛାପତ୍ର ପାଇଁ ଆଗ୍ରହ ପ୍ରକାଶ କଲେଣି। ଗତ ପାଞ୍ଚବର୍ଷ ମଧ୍ୟରେ ଶତାଧିକ ମର ଶରୀର ରାଜ୍ୟର ବିଭିନ୍ନ ମେଡିକାଲ କଲେଜକୁ ଦାନ କରାଗଲାଣି। ଅନ୍ୟପକ୍ଷରେ ମୃତ୍ୟୁ ପରେ ଶରୀରରୁ ବିଭିନ୍ନ ରୋପଣଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗ ଦାନ ପାଇଁ ମଧ୍ୟ ଲୋକେ ଆଗ୍ରହ ପ୍ରକାଶ କଲେଣି। 'ଶରୀର ଦାନ' ଓ 'ଅଙ୍ଗଦାନ' ଭାବରେ ପୃଥକ ସାମାଜିକ ଆନ୍ଦୋଳନ ଏବେ ରାଜ୍ୟରେ ଲୋକପ୍ରିୟତା ଲାଭ କରୁଛି। ରାଜ୍ୟ ସରକାର ଅଙ୍ଗଦାନକାରୀଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦେବାର ବିଧି ଓ ପରମ୍ପରା ଆରମ୍ଭ କରିଛନ୍ତି।

ଭାରତରେ ମେଡିକାଲ କଲେଜଗୁଡ଼ିକ ନିମିତ୍ତ ଶରୀରଦାନର ଇଚ୍ଛାପତ୍ର ପ୍ରକାଶ କରିବାର ପରମ୍ପରା ବିଶ୍ୱବିଖ୍ୟାତ ହେତୁବାଦୀ ପ୍ରଫେସର ଆବ୍ରାହମ କଭୁର ଆରମ୍ଭ କରିଥିଲେ। ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଅଧ୍ୟାପନା ବୃତ୍ତିରୁ ଅବସରପରେ ବିଭିନ୍ନ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ଅଲୌକିକ ଅବଧାରଣା, ଆଧ୍ୟାତ୍ମିକତା ଆଦି ନାମରେ ସରଳବିଶ୍ୱାସୀ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ନିମିତ୍ତ ଅଲୌକିକତା ଅନାବରଣ ଅଭିଯାନ ଆରମ୍ଭ କରିଥିଲେ। ମୃତ୍ୟୁପରେ ମେଡିକାଲ କଲେଜଗୁଡ଼ିକୁ ମର ଶରୀର ଦାନ ତାଙ୍କଦ୍ୱାରା ଭାରତରେ ଆରମ୍ଭ କରାଯାଇଥିବା ଏକ ସାମାଜିକ ଆନ୍ଦୋଳନ। ତାଙ୍କ ଅନୁଗାମୀମାନେ ବିପୁଳ ସଂଖ୍ୟାରେ ଏଭଳି ଇଚ୍ଛାପତ୍ର ଲେଖିଥିଲେ। ପ୍ରଫେସର କଭୁର ନିଜେ ଏବଂ ତାଙ୍କ ପତ୍ନୀଙ୍କ ଶରୀରକୁ ମୃତ୍ୟୁ ପରେ ମେଡିକାଲ୍ ଶିକ୍ଷାର ବିକାଶ ପାଇଁ ଦାନ କରିବାକୁ ଇଚ୍ଛାପତ୍ର ଲେଖିଥିଲେ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ ସତୁରୀ ଦଶକରେ ଲେଖିଯାଇଥିବା ଆକଳନ ଆଜି ବାସ୍ତବ ରୂପ ନେଇସାରିଛି।

ମନୁଷ୍ୟ ଶରୀରର ବ୍ୟବଚ୍ଛେଦ ନିମିତ୍ତ ପ୍ରତିବନ୍ଧକ ମୁକ୍ତ ପରିବେଶ ଷୋଡ଼ଶ ଶତାବ୍ଦୀରେ ନଥିଲା। ୧୫୬୪ ଖ୍ରୀଷ୍ଟାବ୍ଦରେ ବେଲଜିୟମ ଜନ୍ମିତ ଚିକିତ୍ସକ ଆଣ୍ଡ୍ରିଏସ ଭିସାଲିଉସ ସର୍ବପ୍ରଥମେ ମନୁଷ୍ୟ ଶରୀର ବ୍ୟବଚ୍ଛେଦ କରି ଶରୀରତତ୍ତ୍ୱ ବିଜ୍ଞାନକୁ କେତେକ ନିର୍ଭୁଲ ତଥ୍ୟ ଦେଇଥିଲେ। ଭିସାଲିଉସ୍ ମନୁଷ୍ୟ ଶରୀରର ଜୈବିକ କ୍ରିୟା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ନିମିତ୍ତ କବର ଖୋଳି ପ୍ରଥମେ ପଚାଶଢ଼ା ଶବ ଗୋପନୀୟ ଭାବରେ ବ୍ୟବଚ୍ଛେଦ କରିଥିଲେ। ସେ ସମୟର ଧର୍ମଧାରଣା ଅନୁଯାୟୀ ଏହା ଅପରାଧ ଥିଲା। ଈଶ୍ୱରଙ୍କ ଦାନ 'ଶରୀର'ର ବ୍ୟବଚ୍ଛେଦ ମନୁଷ୍ୟ କରିବା ଅପରାଧ ହୋଇଥିବା ଅବଧାରଣାରୁ ତାଙ୍କୁ ଦଣ୍ଡ ସ୍ୱରୂପ ପ୍ରବଳ ତୁଷାରପାତ ସମୟରେ ଖାଲି ପାଦରେ ତୀର୍ଥଯାତ୍ରାରେ ଯିବାକୁ ବାଧ କରାଯିବା ଫଳରେ ସେ ମୃତ୍ୟୁମୁଖରେ ପଡ଼ିଲେ। ସେ ଆଉ କିଛି ବର୍ଷ ବଞ୍ଚିରହିଥିଲେ ଆଜି ଚିକିତ୍ସାବିଜ୍ଞାନ ଆହୁରି ଉନ୍ନତ ହୋଇପାରିଥା'ନ୍ତା। ସେ ପ୍ରଥମେ ମାନବ ଶରୀର ବ୍ୟବଚ୍ଛେଦ କରିଥିବାରୁ ତାଙ୍କୁ ବ୍ୟବଚ୍ଛେଦ ବିଜ୍ଞାନର ଜନକ କୁହାଯାଇଛି। ମାନବ ସମାଜର ସ୍ୱାସ୍ଥ୍ୟଗତ ପ୍ରଗତି ନିମିତ୍ତ ଚିକିତ୍ସାବିଜ୍ଞାନର ପ୍ରଗତି ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

# ଜଣେ ମା', ଦୁଇ ପ୍ରଜାତିର ଶିଶୁ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଜଣେ ମାତା ଦୁଇଟି ଭିନ୍ନ ଭିନ୍ନ ପ୍ରଜାତିର ଶିଶୁଙ୍କୁ ଜନ୍ମ ଦେବା କଥା ମନକୁ ଆଣିଥାଏ ପୌରାଣିକ କାହାଣୀଟିଏ, ଯେଉଁଥିରେ ଉଗ୍ରସେନଙ୍କ ପତ୍ନୀ ପଦ୍ମାବତୀ ଦାନବ କଂସାସୁର ଏବଂ ମାନବୀ ଦେବକୀଙ୍କୁ ଜନ୍ମ ଦେବା କଥା ଉଲ୍ଲେଖ ରହିଛି। ଏହା ଏବେ ବାସ୍ତବରେ ଦେଖାଯାଇଛି ଏକ ପ୍ରଜାତିର ପିମ୍ପୁଡ଼ିଠାରେ। ସାଧାରଣତଃ ଏକ ସଜୀବଠାରୁ ଜନ୍ମିତ ଶିଶୁଟି ତାହାରି ପ୍ରଜାତିର ହୋଇଥାଏ। ତେବେ ପିମ୍ପୁଡ଼ିମାନଙ୍କର 'ମେସର ଇବେରିକସ୍' ପ୍ରଜାତିଟି ଏହି ଧାରଣାକୁ ବଦଳାଇ ଦେଇଛି। ଏମାନଙ୍କର 'ରାଣୀ'ମାନେ 'ମେସର ଷ୍ଟ୍ରକ୍ଟର' ନାମକ ଭିନ୍ନ ଏକ ପ୍ରଜାତିର ଅଣ୍ଡିରା ପିମ୍ପୁଡ଼ିଙ୍କୁ ଜନ୍ମ ଦେଉଥିବା ଗବେଷକମାନେ ଜାଣିପାରିଛନ୍ତି।

ଏହି ଅଧ୍ୟୟନଟି କରାଯାଇଥିଲା ଫ୍ରାନସ, ଇଟାଲୀ, ବୁଲଗେରିଆ ଓ ଅଷ୍ଟ୍ରିଆର ବିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଏବଂ ଏହାର ଫଳାଫଳ ପ୍ରକାଶିତ ହୋଇଥିଲା ଗବେଷଣା ପତ୍ରିକା 'ନେଚର' (୩, ସେପ୍ଟେମ୍ବର ୨୦୨୫)ରେ। ଉକ୍ତ ଗବେଷଣାପତ୍ରର ଅନ୍ୟତମ ଲେଖକ ଫ୍ରାନସର 'ୟୁନିଭରସିଟି ଅଫ୍ ମଣ୍ଟପେଲିଏର'ର ଜୈବବିଜ୍ଞାନୀ ଜୋନାଥନ୍ ରୋମିଂଗୁଇର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଏହି ପ୍ରଜାତିର ପିମ୍ପୁଡ଼ିମାନଙ୍କ କଲୋନୀଗୁଡ଼ିକରେ 'ରାଣୀ'ମାନେ ସନ୍ତାନ ଜନ୍ମ ଦିଅନ୍ତି ଏବଂ ପୁରୁଷମାନେ ଏଥିପାଇଁ ଶୁକ୍ରାଣୁ ଯୋଗାଇଥା'ନ୍ତି। ସେମାନଙ୍କ ମଧ୍ୟରେ ଥା'ନ୍ତି ଅଧିକ ସଂଖ୍ୟକ ବନ୍ଧ୍ୟା ମହିଳା ଶ୍ରମିକ, ଯେଉଁମାନେ ବସାବାନ୍ଧିବା, ଶିଶୁମାନଙ୍କ ଯତ୍ନ ନେବା ଆଦି କାର୍ଯ୍ୟ କରନ୍ତି। କିନ୍ତୁ ଯେତେବେଳେ ରୋମିଂଗୁଇର ଏବଂ ତାଙ୍କ ସହଯୋଗୀମାନେ 'ମେସର ଇବେରିକସ୍' ପ୍ରଜାତିର ମହିଳା ଶ୍ରମିକମାନେ ସମସ୍ତେ ସଂକର(ହାଇବ୍ରିଡ୍) ହୋଇଥିବାର ଦେଖିଲେ ସେମାନେ ବିସ୍ମୟାବିଭୂତ ହୋଇପଡ଼ିଲେ। ଏଗୁଡ଼ିକଙ୍କଠାରେ ଥିବା ଅର୍ଦ୍ଧେକ ଡିଏନ୍ 'ମେସର ଷ୍ଟ୍ରକ୍ଟର୍'ଙ୍କ ସହିତ ମେଳ ଖାଉଥିଲା।

ଅବଶ୍ୟ ପିମ୍ପୁଡ଼ି ପ୍ରଜାତିମାନଙ୍କ ମଧ୍ୟରେ ଏପ୍ରକାର ସଂକରୀକରଣ ଅଜଣା ନୁହେଁ। କାରଣ ଅନେକ ରାଣୀ ପିମ୍ପୁଡ଼ି ଅନ୍ୟପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରି ସଂକର ଶ୍ରମିକ ସୃଷ୍ଟି କରିବାର ଦେଖାଯାଏ। କିନ୍ତୁ ଭୂମଧ୍ୟସାଗରୀୟ ଅଞ୍ଚଳରେ ବାସ କରୁଥିବା 'ମେସର ଇବେରିକସ'ଙ୍କ କଲୋନୀଗୁଡ଼ିକର ସଂପର୍କ ସ୍ଥାପନ କରିହେଲା ଭଳି ଦୂରତା ମଧ୍ୟରେ କୌଣସି 'ମେସର ଷ୍ଟ୍ରକ୍ଟର' କଲୋନୀ ନଥିଲା। ଅତଏବ ଏହି ରାଣୀମାନେ ସେ ପ୍ରଜାତିର ପୁରୁଷମାନଙ୍କ ସଂପର୍କରେ ଆସିଲେ କିପରି?

ଏହାର ଉତ୍ତରଟିଏ ପାଇବା ପାଇଁ ରୋମିଂ ଗୁଇରଙ୍କ ଟିମ୍ 'ମେସର ଇବେରିକସ' କଲୋନୀମାନଙ୍କରୁ ଡିଏନ୍‌ଏ ନମୁନାମାନ ସଂଗ୍ରହ କରିବାକୁ ଲାଗିଲେ। ସେମାନେ ଏଥିମଧ୍ୟରେ ଅନେକ 'ମେସର ଷ୍ଟ୍ରକ୍ଟର' ବାସ କରୁଥିବାର ଦେଖିବାକୁ ପାଇଲେ। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଲା ଯେ ଏଗୁଡ଼ିକର ଜୀବକୋଷସ୍ଥ ମିଟୋକୋଣ୍ଡ୍ରିଆରେ ଥିବା ଡିଏନ୍‌ଏ ଆସିଛି 'ମେସର ଇବେରିକସ'ଙ୍କଠାରୁ। ଏଭଳି ଡିଏନ୍‌ଏ କେବଳ ମା'ଠାରୁ ହିଁ ଆସିଥାଏ। ଅତଏବ ଏହାର ଅର୍ଥ ହେଲା ଯେ ଏବର 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କର ମା'ହେଲେ 'ମେସର ଇବେରିକସ୍' ପ୍ରଜାତିର ରାଣୀ। ତତ୍ପରେ ବୈଜ୍ଞାନିକମାନେ କିଛି 'ମେସର ଇବେରିକସ୍' 'ରାଣୀ'ମାନଙ୍କୁ ଅଲଗା ରଖି ସେମାନଙ୍କ ଅଣ୍ଡାଗୁଡ଼ିକୁ ପରୀକ୍ଷା କଲେ। ତହିଁରୁ ୧୦ ଶତାଂଶ ସଂପୂର୍ଣ୍ଣ ରୂପେ 'ମେସର ଷ୍ଟ୍ରକ୍ଟର' ଅନୁରୂପ ହୋଇଥିବାର ଜଣାପଡ଼ିଲା। ଏହା ତାଙ୍କୁ ବିସ୍ମୟକର ମନେ ହେଲା ସତେଯେପରି ମଣିଷର ଗର୍ଭାଶୟରେ ସିଂପାଞ୍ଜିର ଭ୍ରୂଣ ଭଳି।

ଏହି ଅଧ୍ୟୟନରୁ ବୈଜ୍ଞାନିକମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ 'ମେସର୍ ଇବେରିକସ୍' ପ୍ରଜାତିର ରାଣୀମାନେ ଦୁଇଟି ଅଲଗା ଅଲଗା ପ୍ରଜାତିକୁ ଜନ୍ମ ଦିଅନ୍ତି। ଏଥିପାଇଁ ସେମାନେ ପିଢ଼ି ପିଢ଼ି ଧରି ଜନ୍ମଗତ ଭାବେ 'ସ୍ପର୍ମାଥେକା' କୁହାଯାଉଥିବା ଏକ ବିଶେଷ ଧରଣର ଅଙ୍ଗରେ କ୍ଲୋନିଂ ମାଧ୍ୟମରେ ସଂଚୟ କରି ରଖିଥା'ନ୍ତି। 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କ ଶୁକ୍ରାଣୁର ଜିନୀୟ ପଦାର୍ଥ। ଏହି ଅଣ୍ଡାଗୁଡ଼ିକରେ କେବଳ 'ମିଟୋକୋଣ୍ଡ୍ରିଆ' ବ୍ୟତୀତ ଅନ୍ୟତ୍ର 'ମେସର ଇବେରିକସ' ଡିଏନଏ ନଥିଲା। ଦୁଇଟି ପ୍ରଜାତିର ପୁରୁଷ ସୃଷ୍ଟି କରିବା ଦ୍ୱାରା ରାଣୀମାନେ ନିଶ୍ଚିତ କରୁଥିଲେ ଯେ ସେମାନଙ୍କ କନ୍ୟାମାନେ ଯେତେବେଳେ ନୂତନ 'ରାଣୀ' ପାଲଟିବେ ସେମାନେ ଉଭୟ ପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରିବାର ସୁଯୋଗ ପାଇପାରିବେ। ନୂଆ 'ରାଣୀ' ଜନ୍ମଦେବାକୁ 'ମେସର ଇବେରିକସ' ପୁରୁଷଙ୍କ ଶୁକ୍ରାଣୁ ଏବଂ ମହିଳା ସଂକର ଶ୍ରମିକ ତଥା 'ମେସର ଷ୍ଟ୍ରକ୍ଟର' ପୁରୁଷ ପାଇଁ ସେହି ପ୍ରଜାତିର ଶୁକ୍ରାଣୁ ବ୍ୟବହାର କରିପାରିବେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ବିକ୍ରିହେବ ସରକାରୀ...

ଅଂଶଧନ ବିକ୍ରି କରିଥିଲେ, ମାତ୍ର ଏହା ଅସ୍ଥିର ବଜାରକୁ ସାମୟିକ ଆଶ୍ୱସ୍ତି ଦେଇଥିଲା। ବର୍ତ୍ତମାନ ବଜାର ସ୍ଥିର ହୋଇଥିବାରୁ, ସରକାର ପୁଣି ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ ବୋଲି କୁହାଯାଉଛି। ସରକାର ବୀମା, ପ୍ରତିରକ୍ଷା ଏବଂ ମହାକାଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ୱଳ୍ପ ଅଂଶଧନ ବିକ୍ରି କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଶ୍ରୀ ଚାୱଲା କହିଛନ୍ତି ଯେ ଏହି କ୍ଷେତ୍ରଗୁଡ଼ିକରେ ଅଂଶଧନ ବିକ୍ରି ମଧ୍ୟ ଷ୍ଟକ୍ ବଜାର ନିୟମାବଳୀ ଅନୁଯାୟୀ କରାଯିବ। ଲକ୍ଷ୍ୟ ହେଉଛି ନିବେଶକମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବା ଏବଂ ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ବୃଦ୍ଧି କରିବା। ସରକାର ଚଳିତ ବର୍ଷ ତାଙ୍କର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଅତିକ୍ରମ କରିବାକୁ ଆଶା ରଖିଛନ୍ତି। ଚଳିତବର୍ଷ ପାଇଁ ସରକାର ୪୭,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଚଳିତବର୍ଷ ୧.୨୦ ଲକ୍ଷ କୋଟିରୁ ଅଧିକ ଲାଭାଂଶ ଲକ୍ଷ୍ୟ ରଖିଛନ୍ତି।

### ୨୦୨୨-୨୩ରେ ଓଡ଼ିଶାର...

ସୁପରିଚାଳନା ଓ ୫-ଟି ନୀତିର ସଫଳ ପ୍ରଣୟନ କାରଣରୁ ଓଡ଼ିଶା ନିଜସ୍ୱ ଆର୍ଥିକ ସ୍ଥିତି ସୁଦୃଢ଼ କରିବାରେ ସଫଳତା ପାଇଥିଲା। ନିରନ୍ତର ଭାବେ ରାଜସ୍ୱ ଅଭିବୃଦ୍ଧି ଘଟିବା ସହ କେନ୍ଦ୍ର ଉପରେ ନିର୍ଭରଶୀଳତା ମଧ୍ୟ ଦ୍ରୁତ ହ୍ରାସ ପାଇଥିଲା। ଯାହାଫଳରେ ରାଜ୍ୟ ସରକାର ବହୁବିଧ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିପାରିଥିଲେ। ଏଥିରେ ବିଏସ୍‌କେୱାଇ, ମିଶନ ଶକ୍ତି, କାଳିଆ, ଦକ୍ଷତା ବିକାଶ, ୫-ଟି ସ୍କୁଲ, ଜନଜାତି ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ସୁବିଧା ଓ ଦାରିଦ୍ର୍ୟ ଦୂରୀକରଣ ଭଳି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ସେହିପରି ନିଜସ୍ୱ ପାଣ୍ଠିରେ ତତ୍କାଳୀନ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ। ଦୁଇ ଦଶନ୍ଧିରୁ ଅଧିକ ଏଭଳି ସଫଳତା ପାଇଁ ସାଢ଼େ ଚାରି କୋଟି ଓଡ଼ିଆଙ୍କର ନିରନ୍ତର ସମର୍ଥନ ବିନା ସମ୍ଭବପର ହୋଇପାରି ନ ଥାନ୍ତା। ଏଥିପାଇଁ ନବୀନ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଏଥର ଫିକା...

ଏହାସହିତ ଭଦ୍ରକ ୩୭, ବଲାଙ୍ଗିର ୨୪ ଓ ବୌଦ୍ଧରେ ୨୦ ମିମି ବର୍ଷା ରେକର୍ଡ ହୋଇଛି। ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ କିଛି ପରିମାଣରେ ବର୍ଷା ଜାରି ରହିବ। ମଙ୍ଗଳବାର ସୁନ୍ଦରଗଡ଼ ଓ ସମ୍ବଲପୁରରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଅନ୍ୟପଟେ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ, ସେପ୍ଟେମ୍ବର ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପୂର୍ବକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ସେପ୍ଟେମ୍ବର ୨୬ ତାରିଖ ପାଖାପାଖି ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଅବପାତରେ ପରିଣତ ହେବାର ଅଧିକ ସମ୍ଭାବନା ରହିଛି। ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଉଛି। ଏଥିପାଇଁ କିଛି ଜିଲ୍ଲା ପାଇଁ ପ୍ରବଳ ବର୍ଷା ଜନିତ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ କିଛି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜନିତ ଚେତାବନୀ ଜାରି ହୋଇଛି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

### ଗୃହ ଚାଲିଲା...

ମିନିଟରୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ବିଜେଡିର ପ୍ରତିବାଦ ସମ୍ପର୍କରେ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ। ପ୍ରତି ମୁହୂର୍ତ୍ତରେ ଗଣତନ୍ତ୍ରର ତଣ୍ଟି ଚିପି ଚାଲିଛନ୍ତି। କ୍ୟାବିନେଟରେ ନିଷ୍ପତ୍ତି ବଳରେ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଭୁଶୁଡ଼େଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇ ସାରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିବା ଆବଶ୍ୟକ। ଏନେଇ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି। ମାତ୍ର, ରାଜ୍ୟ ବିଜେପି ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି। ଏହା ଓଡ଼ିଶା ପାଇଁ 'କଳା ଦିନ' ବୋଲି ଶ୍ରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ପ୍ରସଙ୍ଗରେ ଆମେ ବିଧାନସଭାରେ ଆଲୋଚନା କରିବାକୁ ଚାହିଁଥିଲା ବେଳେ ବାଚସ୍ପତି ଏହାକୁ ଅନୁମୋଦନ ଦେଲେ ନାହିଁ। ଏହି ପ୍ରସଙ୍ଗ ସମ୍ପୂର୍ଣ୍ଣ ରାଜ୍ୟବାସୀଙ୍କ ପ୍ରସଙ୍ଗ ଅଟେ। ଯଦି ଜିଲ୍ଲା ପରିଷଦ ସଭ୍ୟ, ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷଙ୍କର କ୍ଷମତା ରହିବ ନାହିଁ, ସବୁଯାକ ଯଦି ବାବୁରାଜରେ ଚାଲିବ, ତା'ହେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି।

### କଂଗ୍ରେସର ଅନାସ୍ଥା...

ଦିଆଯାଇଥିଲା। ମାତ୍ର ଗୃହ ସ୍ୱାଭାବିକ ନ ଥିବାରୁ ଏହା ଗୃହକୁ ଆସି ପାରି ନ ଥିଲା। ଗୃହରେ ଅଚଳାବସ୍ଥା ଯୋଗୁଁ ନୋଟିସର ଅବଧି ସରିଯାଇଥିବାରୁ ଏହାକୁ ଅଗ୍ରାହ୍ୟ କରାଯାଇଛି ବୋଲି ବାଚସ୍ପତି କହିଛନ୍ତି।

ବାଚସ୍ପତି ଅନାସ୍ଥା ନୋଟିସ ଅଗ୍ରାହ୍ୟ କରାଯାଇଥିବା ଘୋଷଣାରେ ବିଧାନସଭା ଗୃହ ତ୍ୟାଗ କରିଛନ୍ତି କଂଗ୍ରେସ ବିଧାୟକ। ବିଧାନସଭା ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଧାୟକମାନେ ଧାରଣାରେ ବସିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଆମେ ସାଢ଼େ ୪ କୋଟି ଜନତାଙ୍କ କଥା ବିଧାନସଭାରେ କହିବାକୁ ଚାହୁଁଥିଲୁ; ଗଣତନ୍ତ୍ରକୁ ସୁରକ୍ଷା ଦେବା ବାଚସ୍ପତିଙ୍କ ଦାୟିତ୍ୱ। ବିଧିବ୍ୟବସ୍ଥା ଅନୁଯାୟୀ କଂଗ୍ରେସ ଅନାସ୍ଥା ନୋଟିସ୍ ଆଣିଥିଲା। କିନ୍ତୁ ଶାସକ ବିଜେପି ବାଚସ୍ପତିଙ୍କ ଜରିଆରେ ଗଣତନ୍ତ୍ରକୁ ହତ୍ୟା କରିଛି। କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ସରକାର ଭୟଭୀତ ହୋଇ ଏହି ନିଷ୍ପତ୍ତି ନେଇଛନ୍ତି। ଆମକୁ ସଂଖ୍ୟାହୀନ କହି ସେମାନେ ସମାଲୋଚନା କରୁଥିଲେ, ମାତ୍ର ଭୟ କରି ଅନାସ୍ଥା ନୋଟିସକୁ ଅଗ୍ରାହ୍ୟ କଲେ। ପିମ୍ପୁଡ଼ି ମଧ୍ୟ ହାତୀକୁ ନଚାଇବାକୁ ସମର୍ଥ । ନ୍ୟାୟ ପାଇଁ ଆମେ କକ୍ଷତ୍ୟାଗ କରିଛୁ। ଆଗକୁ ରଣକୌଶଳ ପ୍ରସ୍ତୁତ ହେବ ଓ କିପରି ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପୂର୍ବ ଘୋଷଣା ଅନୁଯାୟୀ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ଦଳର ୧୪ ବିଧାୟକଙ୍କ ସମେତ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମର୍ଥନରେ ମୋଟ୍ ୧୫ ଜଣ ବିଧାୟକଙ୍କ ଦସ୍ତଖତରେ କଂଗ୍ରେସ ଏହି ପ୍ରସ୍ତାବ ଆଣିଥିଲା। ଅନାସ୍ଥାରେ ସମର୍ଥନ ଦେବାକୁ କଂଗ୍ରେସ ବିଜେଡିର ସହଯୋଗ ଲୋଡ଼ିଥିବା ବେଳେ ଏନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ସପକ୍ଷରେ ସହଯୋଗ ଲୋଡ଼ିଥିଲେ। ମାତ୍ର ଏହା ଆଜି ଅଗ୍ରାହ୍ୟ ହୋଇଯିବା ପରେ କଂଗ୍ରେସ ଦଳକୁ କ୍ଷୁବ୍ଧ କରିଛି ।

### ବଣ୍ଡାଘାଟି ରାଜପଥ...

ତଳଭାଗ ଅତଡା ଖସିଯାଇଛି। ଫଳରେ ରାସ୍ତାର ଏକାଧିକ ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଯାତାୟାତ ସ୍ୱାଭାବିକ ରହିପାରୁନି। ସୂଚନା ପାଇ ବିଡିଓ ଉମାଶଙ୍କର କୋୟା ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନେଇ ଆଲୋଚନା କରିଛନ୍ତି। ଯଦି ବର୍ଷା ଏଭଳି ଜାରି ରୁହେ, ତେବେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବାର ସମ୍ଭାବନା ରହିଛି। ବିଗତ ବର୍ଷ ମଧ୍ୟ ଏହି ସ୍ଥାନରେ ମାଟି ଅତଡା ଖସିବା ଯୋଗୁଁ ଲମ୍ବା ସମୟ ପର୍ଯ୍ୟନ୍ତ ବଣ୍ଡାଘାଟି ଯାତାୟାତ ବାଧାଗ୍ରସ୍ତ ହୋଇଥିଲା। ପୁଣିଥରେ ସେଇ ପରିସ୍ଥିତି ପୁନରାବୃତ୍ତି ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସହିତ ଭୟର ପରିବେଶ ସୃଷ୍ଟି ହୋଇଛି।

### କଳିଙ୍ଗା ଘାଟିରୁ...

ରାସ୍ତାକାମ ପାଇଁ ଗଦା ହୋଇଥିବା ବାଲି, ଗୋଡ଼ି, ମାଟି ସବୁ ଧୋଇ ହୋଇଯାଇଥିଲା। ରାସ୍ତା କାମରେ ପ୍ରତିଦିନ ବର୍ଷା ପ୍ରତିବନ୍ଧକ ସାଜୁଥିବା ବେଳେ ଆଗକୁ ଲଘୁଚାପ ଥିବାରୁ ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଚିନ୍ତା ବଢ଼ିଛି।

ଅପରପକ୍ଷେ, ଭୂ-ସ୍ଖଳନକୁ ୭ ଦିନ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ଘାଟି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ଏଭଳି ସ୍ଥିତିରେ ଅସ୍ଥାୟୀ ରାସ୍ତା ବାହାର କରିବାକୁ ଆପ୍ରାଣ ଉଦ୍ୟମ ଜାରି ରହିଥିଲା। ଏବେ ପ୍ରତିଦିନ ବର୍ଷାରେ ୫୦ କି.ମି ବୁଲି ଚକାପାଦ ଘାଟିରେ ବଡ଼ବଡ଼ ଗାଡ଼ି ଆସିବା କଷ୍ଟକର ହୋଇଥିବା ବେଳେ ଅଧିକ ସମୟ ସହ ଅଧିକ ଯାତ୍ରୀ ଭଡ଼ା ଦେବାକୁ ପଡୁଛି। ଚକାପାଦ ରାସ୍ତାରେ ମଧ୍ୟ ବିଭିନ୍ନ ସ୍ଥାନରେ ଘାଟି ରାସ୍ତା ଦୁର୍ବଳ ଥିବା ଅଭିଯୋଗ ହେଉଛି।

### ଓଡ଼ିଶାରେ ଛତିଶଗଡ଼ୀ...

ରହୁ ନଥିଲା। ଏବେ ସେମାନେ ନିୟମିତ ଏକାଠି ହୋଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେଉଛନ୍ତି ଏବଂ କନ୍ଧମାଳ ଜିଲ୍ଲା ଏବେ ମାଓବାଦୀଙ୍କ ଫୋକସରେ ଥିବା ସୂଚନା ମିଳିଛି। କେନ୍ଦ୍ରୀୟ କମିଟିର ସଦସ୍ୟ ବାସବରାଜୁ, ଉଦୟ, ବାଲକ୍ରୀଷ୍ଣା, ଭାସ୍କରଙ୍କର ମୃତ୍ୟୁ ସଂଗଠନ ପାଇଁ ବଡ ଝଟକା ଦେଇଛି। ତେଣୁ ସେମାନଙ୍କ ଭଳି ସଦସ୍ୟଙ୍କୁ ଖୋଜିବାରେ ମାଓନେତା ଲାଗିପଡ଼ିଛନ୍ତି। ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଏବେ ପୁଣି କନ୍ଧମାଳ-ଗଞ୍ଜାମଜିଲ୍ଲା ସୀମାରେ ସକ୍ରିୟ ହୋଇଛନ୍ତି ମାଓବାଦୀ। ତେଣୁ କନ୍ଧମାଳ ଜିଲ୍ଲାରେ ମଧ୍ୟ ସର୍ଚ୍ଚ ଅପରେସନ୍‌କୁ ବଢାଇ ଦିଆଯାଇଛି। ଏହି ସମୟରେ ଗତକାଲି କନ୍ଧମାଳ ଜିଲ୍ଲା ରାଇକିଆ-ଦାରିଙ୍ଗିବାଡ଼ି ଏବଂ ଗଞ୍ଜାମ ସୀମାନ୍ତବର୍ତ୍ତୀ ରଣବା ମାଣିକେଶ୍ୱର ପଞ୍ଚାୟତର ଗେବିଙ୍ଗିଆ ଜଙ୍ଗଲରେ ମାଓବାଦୀମାନେ ସକ୍ରିୟ ଥିବା ଘଟଣା ପୁଲିସ ପାଇଁ ଶିରପୀଡ଼ା ହୋଇଛି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିପାରନ୍ତି। ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPSBPSIG-KAVACH-092025

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ୍ (JSGR)-ଏକ୍ସ-ସିଙ୍ଗାପୁର ରୋଡ୍ ଜଂକ୍ସନ (SPRD), ଏକ୍ସ-ଲାଖୋଲି (LAE)-ଟିଟିଲାଗଡ଼ (TIG) ଏବଂ ସମ୍ବଲପୁର ଜଂକ୍ସନ (SBP)-ଏକ୍ସ-କେରେଜଙ୍ଗା (KPJG) ସେକ୍ସନ ମଧ୍ୟରେ କବଚ ଉପକରଣଗୁଡ଼ିକର ସର୍ବେକ୍ଷଣ, ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।"

**ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 129,93,43,287.32, EMD (ଟଙ୍କାରେ): 66,46,700/-, କାର୍ଯ୍ୟ ଶେଷ ହେବା ଅବଧି : 30 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.11.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/କବଚ/ମୁଖ୍ୟାଳୟ/ଭୁବନେଶ୍ୱର

PR-111/CI/25-26


# ହନିଟ୍ରାପ୍ ଘଟଣାରେ ୩ ଗିରଫ

## ଜଣେ ଫେରାର, ୫ ମୋବାଇଲ ଜବତ

ନିଶ୍ଚିନ୍ତକୋଇଲି, ୨୨।୯ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଗତ କିଛି ବର୍ଷ ହେବ ଚାଲିଥିବା ବହୁଚର୍ଚ୍ଚିତ ହନିଟ୍ରାପ୍ ଘଟଣାରେ ସୋମବାର ଦିନ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଏହି ତିନି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପରେ ଥାନା କେଶ୍ ନଂ ୧୭୦/୨୫ରେ ମାମଲା ରୁଜୁ କରି ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଆସାମୀ ଫେରାର୍ ଥିବା ବେଳେ ତାଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଚଢ଼ଉ ଜାରି ରହିଛି। ସୂଚନାନୁଯାୟୀ, ଏ ଅଞ୍ଚଳର ଦୁଇ ସାଟେଲାଇଟ୍ ଟିଭି ଚ୍ୟାନେଲର ସାମ୍ବାଦିକ ଓ ଜଣେ ମହିଳା ମିଶି ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ କଟକ ସଦର ଅଞ୍ଚଳର ବହୁ ଶିକ୍ଷକ, ଡାକ୍ତର, ନର୍ସିଂହୋମ୍ ମାଲିକ ଓ ଅନ୍ୟାନ୍ୟ ଧନୀଶ୍ରେଣୀୟ ବ୍ୟକ୍ତିମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ। କିଛି ଦିନ ତଳେ, କଟିକଟା ବଜାରର ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ଯୋଜନାବଦ୍ଧ ଭାବେ ଜାଲରେ ଫସାଇ ତାଙ୍କଠାରୁ ୨.୫ଲକ୍ଷ ଟଙ୍କା ନେଇଥିଲେ। ଏହି ଔଷଧ ବ୍ୟବସାୟୀଙ୍କୁ ମଧ୍ୟ ଯୋଜନାବଦ୍ଧ ଭାବେ ଯାଜପୁର ଜିଲ୍ଲା ବଡ଼ଚଣା ଥାନାରେ ୩ଦିନ ରଖାଯାଇ ନିର୍ଯାତନା ମଧ୍ୟ ଦିଆଯାଇଥିଲା। ଘଟଣାର କିଛି ଦିନ ପରେ ଔଷଧ ଦୋକାନୀଙ୍କର ପୁଅ ପ୍ରଦୀପ୍ତ ସାହୁ ନିଶ୍ଚିନ୍ତକୋଇଲି ଥାନା ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ହୋଇ ସମସ୍ତ ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଏ ସଂକ୍ରାନ୍ତରେ ଔଷଧ ବ୍ୟବସାୟୀଙ୍କ ପୁଅ ପ୍ରଦୀପ୍ତ ସାହୁ ଦୁଇ ସାମ୍ବାଦିକ ଶୁଭାଶିଷ ବସନ୍ତରାୟ ଓ ଅସିତ ସାମଲଙ୍କ ନାଁରେ ଅଭିଯୋଗ କରିବା ପରେ ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ଦୁଇ ଅଭିଯୁକ୍ତ ସାମ୍ବାଦିକଙ୍କ ମଧ୍ୟରୁ ଶୁଭାଶିଷଙ୍କୁ ଗିରଫ କରାଯାଇଛି। ଟଙ୍କା କାରବାରରେ ନିଶ୍ଚିନ୍ତକୋଇଲି ବଜାରରେ ଚା' ଦୋକାନ କରିଥିବା ହିମାଂଶୁ ଶେଖର ଲେଙ୍କା ସଂପୃକ୍ତ ଥିବାରୁ ତାଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଏହାଛଡ଼ା ଏହି ହନିଟ୍ରାପ୍ ଘଟଣାରେ ସଂପୃକ୍ତ ଥିବା ମହିଳା ମାହାଙ୍ଗା ଶୁକ୍ଳେଶ୍ୱର ଅଞ୍ଚଳର ଇତିଶ୍ରୀ ମହାନ୍ତି ପୁଲିସ ଦ୍ୱାରା ଗିରଫ ହୋଇଛି। ସାମ୍ବାଦିକ ଅସିତ୍ ସାମଲ ଫେରାର ଥିବାରୁ ପୁଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।


**Office of the Principal**
**SCIENCE HIGHER SECONDARY SCHOOL, GUDARI, DIST. RAYAGADA**
Email ID – principalinchargesgic@gmail.com

**RECRUITMENT NOTICE**

Applications are invited from eligible candidates for filling up of 2 (Two) numbers of 4th grade (Peon) employee against the existing vacancy on 89 days basis. The appointment is purely temporary and with a consolidated remuneration of **Rs. 5000/- per month.** The minimum educational qualification of the applicants is H.S.C. or equivalent with Odia as a language subject and must be within the age group of 21–38 years.

Applicants should send their resume with necessary self-attested documents to the Principal-in-Charge, Science Higher Secondary School, Gudari, Dist- Rayagada, PIN-765026 within 20 days from the date of publication of this advertisement by Speed post only.

The interview will be held on 15.10.2025 at 11 AM in the institution premises. No TA/DA will be admissible for attending the interview. The authority reserves the right to cancel/modify/postpone the interview without assigning any reason thereof.

Principal-in-Charge-cum-Secretary
Science Higher Secondary School
Gudari, Dist- Rayagada

**OFFICE OF THE NODAL PRINCIPAL, KORAPUT**
Dist-Koraput (Odisha)
(WORKING UNDER ODISHA ADARSHA VIDYALAYA SANGATHAN)
Phone : 7978897651
E-mail : principalomavjeypore@gmail.com

Letter No. 014/25 Date : 20-09-2025

**EMPANELMENT OF PART TIME CONTRACTUAL TEACHER PGT(CHEMISTRY) (EXTENSION OF DATE IN THE ADVERTISEMNET PUBLISHED IN "THE SAKALA" ODIA NEWS PAPER DAILY DATED 17-09-2025)**

It is hereby notified that a Walk-in-Interview(Document Verification) will be conducted for one post of PGT(CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26. The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website (https://koraput.odisha.gov.in/notice/recruitment/archive-recruitment) published on 25 March 2025. Deserving candidate will have to be physically present along with prescribed filled-in application form along with all self attested copies of relevant documents on 26 September 2025, 10 AM at OAV, Machhara, near Koraput Town.

**Current Vacancy : PGT (CHEMISTRY) - 01 number at OAV, Nilabadi of Bandhugaon Block**

(By order of Collector & DM, Kora put)
Sd/-
Principal, OMAV, Jeypore
& Nodal Principal, OAVs. Koraout

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 2230/OSOU/2025 Dt. 22.09.2025

**NOTICE FOR EXTENSION OF EOI-CUM-RFP SUBMISSION DATE**

Ref No.: EOI- Notice No. 1999/OSOU/2025 Dtd. 26-08-2025

With reference to the notice cited above, this is for the information of all concerned that last date for submission of EOI and RFP documents for implementation of e-Evaluation of Answer scripts in Odisha State Open University, Sambalpur, Odisha is being extended till **09th October, 2025 (05.00 PM).**

All other Terms and Conditions of the EOI documents / Corrigendum shall remain unchanged and Prospective Bidders are advice to visit the University website www.osou.ac.in regularly for any updates.

Sd-
Registrar

**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, BOUDH**
Circuit House Campus, Boudh, P.O./Dist- BOUDH- 762 014
website : www.opepa.in email: dpcboudhssa.opepa@nic.in
ସମଗ୍ର ଶିକ୍ଷା समग्र शिक्षा Samagra Shiksha

No. 1367 Date 20.09.2025

**TENDER CALL NOTICE**

Sealed tenders are invited from the intending registered suppliers/ vendors having valid GSTIN and PAN for supply of Resource Materials for the Saksham Resource Centre for the CWSN to be opened at 3 (three) nos. of PM SHRI Schools of Boudh District. The supplier shall have to furnish their offer price item wise as mentioned in the bid after going through the terms and conditions of the tender published in **Boudh district website** www.boudh.odisha.gov.in **and OSEPA website** www.osepa.odisha.gov.in.

The tender should reach the office through Registered / Speed Post to the undersigned on or before 07.10.2025 by 5.00 P.M. The tenders shall be opened on **08.10.2025 at 10.00 A.M** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.

*By the order of Collector-cum-Chairman, SS,Boudh*
DEO-cum-DPC
Samagra Shiksha, Boudh

OIPR-27138/11/0001/2526 n-162

**GOVERNMENT OF ODISHA, "e"-PROCUREMENT NOTICE OFFICE OF THE BLOCK DEVELOPMENT OFFICER, NANDAPUR ON P.R & D.W DEPARTMENT**

i-318

**Tender call Notice**
E-mail-ori-nandapur@nic.in
Tender Call Notice No.-eTcn03/NANDAPUR/2025-26

Letter no: Dated:-

**Bid Identification No. B.D.O, Nandapur -eTcn03/Nandapur/2025-26**

The Block Development Officer, Nandapur on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 4 Nos
3. Tender Cost & EMD : To be remitted online through a process as mentioned In DTCN
4. Class of Contractor : As mentioned in DTCN
5. Available of Bid Document in the Website : From Dt.26.09.2025 11.00 AM to 10.10.2025 Upto 5.30 pm.
6. Date of opening of Bid : Dt.15.10.2025 at 11.00 AM
7. They have to participate in ONLINE bidding only. Further details can be seen From the Website: https://tenderodisha.gov.in. Any Addendum / Corrigendum /Cancellation of tender can also be seen in the said website.

Sd/- Block Development Officer, Nandapur

OIPR-19118/11/0005/2526

**କବଲା ହଜିଛି**

ମୁଁ ସୁବାଷ ଚନ୍ଦ୍ର ସାହୁ, ପିତା - ମାଟିଆ ସାହୁ, ପୋ- ଓଡଗାଁ, ଜିଲ୍ଲା- ନୟାଗଡରେ ବାସ କରେ । ମୁଁ ଜଣାଉଛି କି ମୁଁ ମୋ ଘରୁ ବଜାରକୁ ଯାଉଥିବା ସମୟରେ ଅରକ୍ଷିତ ସାହୁଙ୍କ ମୂଳ କବଲା ଡିଡ ନଂ. ୧୭୦୬, ତାରିଖ ୧୮.୦୮.୧୯୯୨ ଓ ତା ସହିତ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟିରେ ଝୁଲୁଥିବା ସମୟରେ ତା.୦୫.୦୯.୨୦୨୫ରିଖ ଦିନ ୨ ଘଟିକା ସମୟରେ ହଜିଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ।

**SALE**

TATA LPT 1512,MODEL 2023, Regn. No -OD-02-CH-6412, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**SALE**

TATA LPT 1512,MODEL 2023, Regn. No -OD-02-CJ-9801, in as is where is condition., Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

I Silalipi Sahoo W/o Srikant Kumar Sahoo, Resident of Plot No 1184/4, Nayapalli, Nilakantha Nagar, Near Debroy college, Bhubaneswar Urban, Odisha, PIN-751012, declare by this affidavit No.32 dtd 26.08.2025 that now onwards I shall be known as **SILALIPI SAHU** for all future purposes.

**AFFIDAVIT**

I, Balaram Khemundu, S/o- Mangaraj Khemundu, resident of Vill./Po.- Attanda, Ps.- Padwa, Dist.- Koraput, Odisha, Pin-764041 declare by this affidavit No-88, dtd- 22.09.2025 that, I have changed my daughter's name from **Suramilata Khemundu** to **Sarmilata Khemundu**. Henceforth she will be known as **Sarmilata Khemundu** for all future purposes.
Sd/- Balaram Khemundu

**କବଲା ହଜିଛି**

ମୁଁ ସୁମନ କୁମାର ମହାପାତ୍ର, ପିତା- ସୁବାଷ ଚନ୍ଦ୍ର ମହାପାତ୍ର, ମହିପୁର, ଜିଲ୍ଲା: ନୟାଗଡରେ ବାସ କରେ। ମୁଁ ଜଣାଇବାକୁ ଚାହୁଁଛି ଯେ, ମୋ ମା ମଞ୍ଜୁବାଳା ମହାପାତ୍ରଙ୍କର ମୂଳ କବଲା ନଂ. ୧୧୩୭୧୧୦୫୬୬୪, ତା.୦୪.୧୧.୨୦୧୧ରିଖ ଏବଂ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗ୍‌ଟି ସ୍କୁଟି ରେ ଲାଗିଥିବା ସମୟ ରେ ତା.୧୫.୦୫.୨୦୨୫ରିଖ ଦିନ ୧୨ଘ.୩୦ମି. ସମୟରେ ଚୋରି ହୋଇଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ।

**AFFIDAVIT**

By virtue of an affidavit C.F.No.1266 sworn before the executive Magistrate, Kuchinda, Dist: Sambalpur dated 04-09-2025, Somanath Kallo S/O Mayadhar Kallo resident of Vill: Gulujipali (Kalopada) PO: Katarkela, P.S: Jamankira Dist: Sambalpur declared that my correct name is Somanath Kallo and my wife's correct name is Bebby Pradhan in all documents but my sons birth certificate my name wrongly mentioned as Somanatha Kallo and my wife's name wrongly mentioned as Bebby Kallo. Henceforth, I declare that my real, actual name is Somanath Kallo and my wife's correct name is **Bebby Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh vide No.1193 dated. 20.09.2025, I Nakul Podh, S/o- Sadananda Podh, resident of Ghulipali, Ward no.-18, Bargarh, Po./Ps./Dist.- Bargarh state that, my daughter's name is **Jagyasini Podh** but in her Aadhar card her name is mentioned as **Titiska Podh,** which is her nick name. Hence **Jagyasini Podh** and **Titiska Podh**, D/o- Nakul Podh is same and one person.

**AFFIDAVIT**

I, Mehboob Bano Abidi, W/o- Syed Ali Abidi, resident of Danial Apartment, Medical Road, Akbar Market Dodhpur, Civil Lines, Aligarh, Uttar Pradesh, India vide affidavit no.123 dated 20.09.2025 state that, I have changed my name from **Mehboob Bano** to **MEHBOOB BANO ABIDI**. Henceforth I shall be known as **MEHBOOB BANO ABIDI** for all future purposes.
Sd/- **Mehboob Bano Abidi**

**AFFIDAVIT**

By virtue of an affidavit No- *5680* sworn before Executive Magistrate,Angul,dated - 22/09/2025 . I Jitu Behera, Address At-Sabalabanga PO-Kumurisingha Ps-Angul Sadar Dist-Angul PIN-759129 declare that I have changed my name from Jitendra Behera to Jitu Behera .Henceforth, I shall be known as **Jitu Behera** for all purposes.
Jitu Behera

**AFFIDAVIT**

By virtue of an affidavit sworn before the Executive Magistrate Jajpur, Dated 22nd. September 2025, No-9383, I, Kanakalata Kar, D/o-Late Madhusudan Mishra, Vill- Ghantiali, Post- Baniapal, Ps- Binjharpur, Dist- Jajpur, Odisha, Pin-755027 declare that I have changed my name from Ki-anaklata Kar to Kanakalata Kar. Henceforth, I shall be known as Kanakalata Kar for all Purposes.
**Sd/- Kanakalata Kar**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/09/2025. I, **Sai Swayam Sahu** (new name), formerly called as **Swayam Kumar Sahu** (old name), S/o- Biswa Ranjan Sahu, permanent resident of At- Sargiguda, W. No. 4, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Swayam Kumar Sahu** (old name) to **Sai Swayam Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sai Swayam Sahu** (new name).
**Sai Swayam Sahu**

**AFFIDAVIT**

By virtue of an affidavit sworn before Executive Magistrate ,Bhubaneswar dated 16.9.2025 CF no. 7 . I Smt. Pinki Patra, W/o- Sanjay Kumar Patra, At- Tamudia, P.o- Shyamsundar, Ps.: Rairangapur, Dist.: Mayurbhanj , Odisha, Pin-757050 have changed my minor son's name from Samanath Patra to Somanath Patra. Henceforth, he shall be known as Somanath Patra for all purposes.
**Pinki Patra**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 20/09/2025. I, **Neelima Panigrahi,** aged about 30 years, W/O Omkar Hota, permanent resident of R.T.O. Chowk, PO/PS/Dist- Balangir, Odisha, PIN- 767001 at present residing At/PO/PS- Titilagarh, Dist- Balangir, Odisha, PIN- 767033 declare that, now I want to change my name from **Neelima Panigrahi** (old name) to **Neelima Hota** (new name). Henceforth, I shall be known as **Neelima Hota** (new name) for all purposes.

**AFFIDAVIT**

By virtue of an affidavit before Executive Magistrate, Cuttack, I do hereby solemnly affirm that my actual name is Tilotama Naik wife of Chandan Naik as per my Aadhaar card No.891932006157. But in my Punjab National Bank Passbook No. 08682191038950 my name has been mentioned as Puja Nayak. I hereby declare that Tilotama Naik and Puja Nayak is one and same person i.e myself. That the aforesaid Passbook has been lost and inspite of my best effort I could not trace it out.

'ମେଡଭାନ୍ସ' ଶୀର୍ଷକ ମଧ୍ୟବର୍ତ୍ତିକାଳୀନ ସମ୍ମିଳନୀ

# ରୋଗ ନିର୍ଣ୍ଣୟ ଓ ଆଧୁନିକ ଚିକିତ୍ସା ପଦ୍ଧତିକୁ ଗୁରୁତ୍ୱ

**ଭବାନୀପାଟଣା, ୨୨।୯ (ସମିସ)**

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଶହୀଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ରାଜ୍ୟର ଭେଷଜ ବିଶେଷଜ୍ଞମାନଙ୍କ ମେଡଭାନ୍ସ ଶୀର୍ଷକ ମଧ୍ୟବର୍ତ୍ତିକାଳୀନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସମ୍ମିଳନୀରେ ୧୩୦ରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗ ଦେଇଥିବାବେଳେ ବହୁ ଅଭିଜ୍ଞ ଡାକ୍ତରଙ୍କ ଉପସ୍ଥିତିରେ ଅପସ୍ମାର, ଯକ୍ଷ୍ମା, ମାନସିକ ଅବକ୍ଷୟ, ହୃଦରୋଗ, ଖାଦ୍ୟନଳୀରୁ ରକ୍ତ କ୍ଷରଣ, ସିକ୍କଲ ସେଲଫ ଡିଜିଜ୍, (ରକ୍ତ ଶିକୁଳି), ଉଚ୍ଚ ରକ୍ତଚାପ, ମଧୁମେହ, ଥାଇରଏଡ୍ ରୋଗ (ଗଳଗଣ୍ଡରୋଗ), ବ୍ରେନଷ୍ଟୋକ୍, ଅନ୍ତଃସ୍ରାବୀ ରୋଗୀଙ୍କ ଚର୍ମ ଉପରେ ପ୍ରଭାବ, ଇନ୍ସୁଲିନ୍‌ର ବ୍ୟବହାର, ସାପକାମୁଡ଼ା, ରକ୍ତରୋଗ, କିଡିନୀରୋଗ ଆଦି ସମ୍ପର୍କରେ



ବକ୍ତାମାନେ ପ୍ରଶିକ୍ଷଣ ଦେଇଥିଲେ। ଡାକ୍ତର ଆର୍.କେ. ଦଳାଇ, ଡାକ୍ତର ଅଶୋକ ସିଂ, ଡାକ୍ତର ଜୟନ୍ତ ପଣ୍ଡା, ଡାକ୍ତର ଶରତଚନ୍ଦ୍ର ସିଂ, ଡାକ୍ତର ସୁନିଲ କୋଟା, ଡାକ୍ତର ମିତାଲି କର, ଡାକ୍ତର ଶତରୂପା ମହାପାତ୍ର, ଡାକ୍ତର ବିକ୍ରମାଦିତ୍ୟ ପାଢ଼ୀ, ଡାକ୍ତର ଅତନୁ ଠାକୁର, ଡାକ୍ତର ସୌରଭ ସୃଷ୍ଟି, ଡାକ୍ତର ଶାରଦା ମିଶ୍ର, ଡାକ୍ତର ଅନନ୍ତ ଚରଣ ମେହେର, ଡାକ୍ତର ଓମ୍ ପଦାର ବିନ୍ଦ ଦାସ ପ୍ରମୁଖ ତାଙ୍କ ବକ୍ତବ୍ୟ ମାଧ୍ୟମରେ ରୋଗ ନିର୍ଣ୍ଣୟ, ଆଧୁନିକ ଚିସ୍ତା ପଦ୍ଧତି ସମ୍ପର୍କରେ ଉପସ୍ଥିତ ଡାକ୍ତରଙ୍କୁ ଅବଗତ କରାଇଥିଲେ। ଭାରତୀୟ ଚିକିତ୍ସକ ସଂଘ, କଳାହାଣ୍ଡି ଶାଖା ସହଯୋଗୀତାରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିବା ବେଳେ ସର୍ବଭାରତୀୟ ଭେଷଜ ବିଶେଷଜ୍ଞ ସଂଘ ଓଡ଼ିଶା ଶାଖାର ସଭାପତି ପ୍ରଫେସର ଆର.କେ ଦଳାଇ, ଡାକ୍ତର ଅଶୋକ ସିଂ, ଡାକ୍ତର ଜୟନ୍ତ କୁମାର ପଣ୍ଡା, କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଡାକ୍ତର ଲିଟି ମହାନ୍ତି, ଡାକ୍ତର ଶରତ ଚନ୍ଦ୍ର ସିଂ, ଦୀନବନ୍ଧୁ ସାହୁ ପ୍ରମୁଖ ସାମ୍ପ୍ରତିକ ଚିକିତ୍ସାଧାରା ଏବଂ ଡାକ୍ତରଙ୍କ ନିୟମିତ ଶିକ୍ଷା ଗ୍ରହଣ ଉପରେ ଆଲୋଚନା କରିଥିଲେ। ନିମନ୍ତ୍ରିତ ଅତିଥିମାନଙ୍କୁ ଡା. ସାହୁଙ୍କ ଏକ ପେଣ୍ଟିଂ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲ୍ଲାର ବୟୋଜ୍ୟେଷ୍ଠ ଡାକ୍ତର ତଥା ଆଇ.ଏମ୍.ଏ, କଳାହାଣ୍ଡି ଜିଲ୍ଲା ଶାଖାର ସଭାପତି ଡାକ୍ତର ଲମ୍ବୋଦର ସାହୁ ଏବଂ ବୟୋଜ୍ୟେଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଜ୍ଞାନରଞ୍ଜନ ପାଢ଼ୀଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତି ଉପହାର ସହ ସମ୍ମାନିତ କରାଯାଇଥିଲା।

■ ଆମପାଣିକୁ ବ୍ଲକ ଘୋଷଣା ଦାବି ତେଜିଲା

# ମୁଖ୍ୟମନ୍ତ୍ରୀଙ୍କୁ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର

**କୋକସରା, ୨୨।୯ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା ଦାବି ଯୋର ଧରିଛି। ଏନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂର୍ବରୁ ଧର୍ମଗଡ଼ ଉପଜିଲ୍ଲାପାଳ ଓ



କଳାହାଣ୍ଡି ଜିଲ୍ଲାପାଳଙ୍କୁ ୧୦ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରିଥିଲେ। ସୋମବାର ଭୁବନେଶ୍ୱର ଠାରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ଆମପାଣି ପଞ୍ଚାୟତରେ ବ୍ଲକ ପାଇଁ ସବୁ ପ୍ରକାରର ଭିତ୍ତିଭୂମି ରହିଛି। ତେଣୁ ଆମପାଣି ଜୋନ-୧ ର ୮ ପଞ୍ଚାୟତ ଓ ଜୟପାଟଣା ବ୍ଲକର ଉଛୁଲା ଓ ପୁଝାରୀଗୁଡା ପଞ୍ଚାୟତକୁ ନେଇ ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟିର ଉପ-ସଭାପତି ଟିକିଚନ୍ଦ୍ର ଧ.ମାଝୀ, କୋଷାଧ୍ୟକ୍ଷ ସୁରେଶ ସାହୁ, ସାଧାରଣ ସମ୍ପାଦକ ଧନୁ ଦୁର୍ଗା, କାର୍ଯ୍ୟକର୍ତ୍ତା ତାପସ ରାୟ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟ ନର୍ତ୍ତକି ଦଣ୍ଡସେନା, ବଡ ପୋଡ଼ାଗୁଡ଼ା ସରପଞ୍ଚ ଯମୁନା ନାଏକ, କୁମୁଦ ଚନ୍ଦ୍ର ପୁଝାରୀ, ବିନୋଦ କୁମାର ସିଂ, ମୋନୋରଞ୍ଜନ ବାଣୁଆ, ପ୍ରଶାନ୍ତ କୁମାର ମୁନି, ବିଘ୍ନେଶ୍ୱର ନାଏକ, ତିଳୋତ୍ତମା ନାଏକ, ପ୍ରିୟଦର୍ଶନ ନାଏକ, ଧର୍ମାନନ୍ଦ ନାଏକ, ମଧୁବନ ପାତ୍ର, ତୁଳାରାମ ନାଏକ, ତ୍ରୈଲୋକ୍ୟ ବେଶ୍ରା, କୃଷ୍ଣ ଚନ୍ଦ୍ର ନାଏକ, ଅର୍ଜୁନ ଭାଟି, ସନ୍ତୋଷ କୁମାର ମାଝୀ, କୁମୁଦ ଚନ୍ଦ୍ର ସେଠୀ, ଭାସ୍କର ଦଣ୍ଡସେନା, ରାଜ କୁମାର ପଟେଲ, ବିଜୟ କୁମାର ପଣ୍ଡା, ପଦ୍ମନ ଲୋଚନ ମାଝୀ ସମେତ ଏକ ପ୍ରତିନିଧି ଦଳ ଉପସ୍ଥିତ ରହିଥିଲେ।

## ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ବଲାଙ୍ଗିର, ୨୨।୯ (ସମିସ):** ବଲାଙ୍ଗିର ସୁଦପଡ଼ା ନିକଟ ହରିହର ହସ୍ପିଟାଲ୍‌ରେ ଜଣେ ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳାରୁ ତାଙ୍କ ଜୀବନ ଯାଇଥିବା ତାଙ୍କ ପରିବାର ପକ୍ଷରୁ ବଲାଙ୍ଗିର ଟାଉନ ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ବେଲପଡ଼ାର ବିଜୟ ନାଗଙ୍କ ପତ୍ନୀ ବନିତା ନାଗ (୩୭)। ତାଙ୍କ ପେଟରେ ଟ୍ୟୁମର୍ ହୋଇଥିଲା। ଅସ୍ତ୍ରୋପଚାର ପାଇଁ ପରିବାର ଲୋକେ ଗତ ୧୯ ତାରିଖରେ ବନିତାଙ୍କୁ ହରିହର ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ୨୦ ତାରିଖ ସନ୍ଧ୍ୟାରେ ଟ୍ୟୁମର ଅସ୍ତ୍ରୋପ୍ରଚାର କରାଯାଇଥିଲା। ରବିବାର ଅପରାହ୍ନ ପ୍ରାୟ ୧ଟାରେ ବନିତା ହଠାତ୍ ଗୁରୁତର ହୋଇପଡ଼ିଥିଲେ। ଏ ସମ୍ପର୍କରେ କାର୍ଯ୍ୟରତ ନର୍ସ ଓ ଡାକ୍ତରଙ୍କୁ ପରିବାର ଲୋକ ଜଣାଇଥିଲେ ହେଁ ତାଙ୍କ ଚିକିତ୍ସା କରାଯାଇ ନ ଥିଲା। ବାରମ୍ବାର ଜଣାଇବା ପରେ ଅପରାହ୍ନ ୪ଟାରେ ଜଣେ ନର୍ସ ଆସି ବନିତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ଦେବାପରେ ବନିତାଙ୍କ ମୃତ୍ୟୁ ଘଟିଥିଲା। ହରିହର ନର୍ସିଂହୋମ୍ ଡାକ୍ତର ଓ ନର୍ସଙ୍କ ଅବହେଳାରୁ ବନିତାଙ୍କ ମୃତ୍ୟୁ ଘଟିଥିବା ପୁଅ ପୁରୁଷୋତ୍ତମ ନାଗ ବଲାଙ୍ଗିର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ସହ ନର୍ସିଂହୋମ୍ ସହ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୁଷୋତ୍ତମ ଦାବି କରିଛନ୍ତି। ଟାଉନ ପୁଲିସ ମାମଲା ତଦନ୍ତ କରୁଛି। ଏହାକୁ ନେଇ ଡାକ୍ତରଖାନା ପରିସର ରେ ଉତ୍ତେଜନା ଦେଖିବାକୁ ମିଳିଥିଲା।

## ବଜ୍ରପାତରେ ଦୁଇ ଜଣଙ୍କ ମୃତ୍ୟୁ

**ପାଟଣାଗଡ଼, ୨୨।୯ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ଥାନା ମାଲପଡ଼ାରେ ସୋମବାର ବଜ୍ରପାତରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବେଲପଡ଼ା ଥାନା ମାଲପଡ଼ା ଗାଁର ଟିକେଧର ମାଝୀ ଓ ଖପ୍ରାଖୋଲ ଥାନା ସାହାଜପାଣି ଗାଁର ଦିଲୀପ ମାଝୀ। ଉଭୟଙ୍କୁ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ବେଲପଡ଼ା ଥାନାରେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ବିଷୟରେ ବେଲପଡ଼ା ଥାନା ଅଧିକାରୀ ଅନନ୍ତ ପଧାନଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି କହିଛନ୍ତି। ଖପ୍ରାଖୋଲ ଥାନା ସାହାଜପାଣି ଗାଁର ଦିଲୀପ ମାଝୀ ତାଙ୍କ ସମ୍ପର୍କୀୟ ଟିକେଧର ମାଝୀଙ୍କ ଘରକୁ ଆସିଥିଲେ। ସୋମବାର ଅପରାହ୍ନ ୨ ଟାରେ ଉଭୟ ଦିଲୀପ ଓ ଟିକେଧର ଗାଧୋଇବାକୁ ଯାଉଥିଲେ। ଠିକ ଏହି ସମୟରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା। ଉଭୟ ଭୟରେ ଏକ ଗଛ ମୂଳରେ ଲୁଚିଥିବା ସମୟରେ ବଜ୍ରପାତ ହୋଇଥିଲା।

## କଣ୍ଟାବାଞ୍ଜି ରେଲଷ୍ଟେସନରୁ ଗଞ୍ଜେଇ ଜବତ

**କଣ୍ଟାବାଞ୍ଜି, ୨୨।୯ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଲଷ୍ଟେସନରୁ କଣ୍ଟାବାଞ୍ଜି ଅବକାରୀ ପୁଲିସ ୪ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଛତିଶଗଡ଼ ଅନିଲ ସିଂ (୨୮) ଗିରଫ ହୋଇଛି। ସେ ଅନେକ ସମୟରେ କଣ୍ଟାବାଞ୍ଜି ଅଞ୍ଚଳରୁ ଛତିଶଗଡ଼ ଗଞ୍ଜେଇ ଚୋରାଚାଲାଣ କରିଥାଏ ବୋଲି ଜଣା ପଡ଼ିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାକୁ କଣ୍ଟାବାଞ୍ଜି ଜେଲ ପଠାଇ ଦିଆଯାଇଥିବା ଓଆଇସି ପ୍ରବିଣ ସାହୁ ପ୍ରକାଶ କରିଛନ୍ତି।

## ଟିମନପୁରକୁ ବ୍ଲକ୍ ଘୋଷଣା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା, ୨୨।୯ (ସମିସ):** ନୂଆପଡ଼ା ଜିଲ୍ଲା ଅଧୀନ ସିନାପାଲି ପଞ୍ଚାୟତ ସମିତି ଓ ବୋଡ଼େନ ପଞ୍ଚାୟତ ସମିତିର ବିଭାଜନ ପୂର୍ବକ ଦୁଇଟି ପଞ୍ଚାୟତ ସମିତିର ମଧ୍ୟସ୍ଥଳରେ ଅବସ୍ଥିତ ଟିମନପୁର ପଞ୍ଚାୟତର ଟିମନପୁର ଗ୍ରାମକୁ କେନ୍ଦ୍ରକରି ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ଦାବି ହୋଇଛି। ଗ୍ରାମବାସୀ ନୂଆପଡ଼ା ଆସି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ନୂଆପଡ଼ା ଜିଲ୍ଲା ସିନାପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ଟିମନପୁର ପଞ୍ଚାୟତ, ଖର୍ସେଲ ପଞ୍ଚାୟତ, ନିଲଜୀ ପଞ୍ଚାୟତ, ଗୋର୍ଲା ପଞ୍ଚାୟତ,



ରାଣୀମୁଣ୍ଡା ପଞ୍ଚାୟତ, କଇଟପଦର୍ ପଞ୍ଚାୟତ, ଖଇରପଦର୍ ପଞ୍ଚାୟତ, ନଙ୍ଗଲବୋର୍ଡ ପଞ୍ଚାୟତ, ନୂଆମାଲପଡ଼ା ପଞ୍ଚାୟତ, ଘାଟମାଲ ପଞ୍ଚାୟତ, କେନ୍ଦୁମୁଣ୍ଡା ପଞ୍ଚାୟତ ତଥା ବୋଡ଼େନ ପଞ୍ଚାୟତ ସମିତିର ଲିଟିସର୍ଗି ପଞ୍ଚାୟତ ଏବଂ ବାବେବିର ପଞ୍ଚାୟତ ସରପଞ୍ଚ, ସମିତି ମେମ୍ବର, ୱାର୍ଡ ମେମ୍ବର, ବୁଦ୍ଧଜୀବୀ, ଜନସାଧାରଣ ତଥା ଏହି ଅଞ୍ଚଳର ବିକାଶ ପାଇଁ ଗଠିତ ଆଞ୍ଚଳିକ ବିକାଶ ପରିଷଦ ଟିମନପୁରର ସଭାପତି, ସମ୍ପାଦକ ଓ ସଦସ୍ୟ ଏକଜୁଟ ହୋଇ ନୂତନ ବ୍ଲକ ଗଠନ ପ୍ରସ୍ତାବ ଆଣିଥିଲେ। ପଞ୍ଚାୟତର ଗ୍ରାମଗୁଡ଼ିକ ପଞ୍ଚାୟତ ସମିତି ମହକୁମାଠାରୁ ୫୦ କିମିରୁ ଅଧିକ ଦୂରତାରେ ଅବସ୍ଥିତ ଏବଂ ପଞ୍ଚାୟତ ସମିତି ଗୁଡିକର ଲୋକସଂଖ୍ୟା ପଞ୍ଚାୟତ ସମିତି ଗଠନ ହେବା ବର୍ଷରୁ ଦୁଇଗୁଣରୁ ଉର୍ଦ୍ଧ୍ୱ ହୋଇ ସାରିଲାଣି। ଯାହାଫଳରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଗୁଡ଼ିକୁ ସଠିକ୍ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏହି ପରିପ୍ରେକ୍ଷୀରେ ସିନାପାଲି ପଞ୍ଚାୟତ ସମିତିର ୨୭ ଟି ପଞ୍ଚାୟତର ୧୨୫ ଟି ଗ୍ରାମର ପ୍ରାୟ ୧, ୪୦, ୦୦୦ ( ଏକ ଲକ୍ଷ ଚାଳିଶ ହଜାର)ରୁ ଉର୍ଦ୍ଧ୍ୱ ଲୋକଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସିନାପାଲି ପଞ୍ଚାୟତ ସମିତିକୁ ବିଭାଜନ ପୂର୍ବକ ବର୍ତ୍ତମାନର ପଞ୍ଚାୟତ ସମିତିର ମହକୁମା ସିନାପାଲିଠାରୁ ୧୭ କିମି ଦୂରରେ ଓ ବୋଡ଼େନ ପଞ୍ଚାୟତ ସମିତିର ସଦର ମହକୁମା ବୋଡ଼େନ ଠାରୁ ୧୭ କିମି ଦୂରତା ରେ ଅବସ୍ଥିତ ଟିମନପୁର ପଞ୍ଚାୟତର ଟିମନପୁର ଗ୍ରାମକୁ ନୂତନ ପଞ୍ଚାୟତ ସମିତିର ସଦର ମହକୁମା ନିର୍ଧାରଣ କରି ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ଉପରୋକ୍ତ ଉଭୟ ପଞ୍ଚାୟତ ସମିତି ର ସମୁଦାୟ ୧୪ ଟି ଗ୍ରାମ ପଞ୍ଚାୟତ କୁ ନେଇ ଯଥା ରୀତି ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ବିହିତ ପଦକ୍ଷେପ ଗ୍ରହଣ ସକାଶେ ନିବେଦନ କରିଛନ୍ତି।

ରୋଗୀଙ୍କ ଜୀବନ ସହ ଖେଳୁଛି ୧୦୮ ଆମ୍ବୁଲାନ୍ସ

## ବାଟରେ ଗାଡ଼ି ଖରାପ; ରୋଗୀ ହନ୍ତସନ୍ତ

**ଜୟପାଟଣା, ୨୨।୯ (ସମିସ):** ରୋଗୀଙ୍କ ବିପଦ ସମୟରେ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଲୋକେ ସହାୟତା ଆଶା କରିଥାନ୍ତି। କିନ୍ତୁ ୧୦୮ ଆମ୍ବୁଲାନ୍ସ ଯଦି ଅଧା ବାଟରେ ଧୋକା ଦିଏ, ତେବେ ରୋଗୀଙ୍କ ଅବସ୍ଥା କଣ ହେବ ତାହା ସହଜେ ଅନୁମେୟ। ଏଭଳି ଘଟଣା ଆଜି ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଗୁରୁତର ରୋଗୀକୁ ନେଉଥିବା ୧୦୮ ଆମ୍ବୁଲାନ୍ସ ଅଧା ବାଟରେ ଖରାପ ହେବାଫଳରେ ରୋଗୀ ହନ୍ତସନ୍ତ ହୋଇଛନ୍ତି। କୁଚା ଗାଁର ପୁଷ୍ପାଲତା ଦାସଙ୍କୁ ଆଜି ସକାଳେ



ଭୀଷଣ ଛାତି ଯନ୍ତ୍ରଣା ହେବାଫଳରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ଦେବାପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ଗାଡିର ବ୍ରେକ୍ ପାଇପ ଖାଲିଆଭଟା ନିକଟରେ ଫାଟି ଯିବା ଫଳରେ ଗାଡି ଗଡ଼ି ନ ଥିଲା। ଫଳରେ ଦୀର୍ଘ ସମୟ ଅକ୍ସିଜେନ ଲାଗିଥିବା ରୋଗୀ ଗାଡ଼ିରେ ପଡ଼ି ରହିଥିଲେ। ପରେ କୋକସରାରୁ ଆମ୍ବୁଲାନ୍ସ ଆସି ରୋଗୀଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ଦେଖିବାକୁ ମିଳିଛି। ରୋଗୀଙ୍କ ଜୀବନ ରକ୍ଷା କରିବା ପାଇଁ ସରକାର ଆମ୍ବୁଲାନ୍ସ ସେବା ପ୍ରଦାନ କରୁଥିବାବେଳେ ଏଠାରେ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛି ଆମ୍ବୁଲାନ୍ସ। ଏହି ଘଟଣାର ତଦନ୍ତ କରାଯାଉ ବୋଲି ଦାବି ହୋଇଛି।

## ଖରିଆରରୋଡ୍‌ର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ନୂଆପଡ଼ା, ୨୨।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବାକୁ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହଠାତ ଖରିଆରରୋଡ଼ ଏନଏସି ଅଧ୍ୟକ୍ଷା ଡ. ସୋନିଆ ଗୋଲଡି ଅଗ୍ରୱାଲଙ୍କ ନିବାସକୁ ଯାଇଥିଲେ। ସେଠାରେ ଅଧ୍ୟକ୍ଷାଙ୍କ ସମେତ ସହରବାସୀଙ୍କ ତରଫରୁ ସହରର ସାମଗ୍ରୀକ ବିକାଶ ପାଇଁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷା ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ନଗରବିକାଶ ପାଇଁ ୬୫କୋଟି ଟଙ୍କାର ଅନୁଦାନ ଏବଂ ୨୨ଗୋଟି ପ୍ରମୁଖ ପ୍ରକଳ୍ପ ଗୁଡିକର ପ୍ରସ୍ତାବ ରଖିଥିଲେ। ସେଥିରେ ବିଶେଷଭାବେ ଜୋଙ୍କ ନଦୀରେ ଚେକଡ୍ୟାମ ନିର୍ମାଣ, ଏନ୍‌ଏସିକୁ ମ୍ୟୁନିସିପାଲିଟିର ମର୍ଯ୍ୟାଦା, ବାଇପାସ୍ ରୋଡ୍, ଯୁକ୍ତ ଦୁଇ କଲେଜ ସ୍ଥାପନା, ଚୌପାଟି ନିର୍ମାଣ, ସହରର ଦୁଇ ପାର୍ଶ୍ୱରେ ଭବ୍ୟ ସ୍ୱାଗତ ଦ୍ୱାର, ବାସହରା ମାନଙ୍କ ପାଇଁ ଶେଲ୍ଟର୍ ହୋମ୍, ଗୋଶାଳା ନିର୍ମାଣ, ନୂଆ ସର୍ବସୁବିଧାଯୁକ୍ତ ଖେଳପଡ଼ିଆ, ୫୦୦ କ୍ଷମତା ବିଶିଷ୍ଟ ଅଡିଟୋରିୟମ୍, ୨୦ମିଟର ଉଚ୍ଚ ରାଷ୍ଟ୍ରୀୟ ପତାକା, ସ୍ମାର୍ଟ ପାର୍କ, ସ୍ୱାଗତ ଦ୍ୱାର, ମୋଡେଲ୍ ବଜାର୍ ଏବଂ ମିନିକୋଲ୍ଡ ଷ୍ଟୋରେଜ୍, ଏନଏସି କର୍ମଚାରୀଙ୍କ ପାଇଁ ବାସଗୃହ, ଯୋଙ୍କ ଶାନ୍ତି ଉଦ୍ୟାନର ପୁନରୁଦ୍ଧାର, କୁରୁମୁଣ୍ଡା ଷ୍ଟେଡିୟମ୍ ଉନ୍ନତି, ନୂଆ ପବ୍ଲିକ୍ ଲାଇବ୍ରେରୀ ସହର ସୌନ୍ଦର୍ଯ୍ୟକରଣ, ପୁରୁଣା ଏନଏସି କାର୍ଯ୍ୟାଳୟରେ ନୂଆ ମାର୍କେଟ୍ କମ୍ପ୍ଲେକ୍ସ, ସମସ୍ତ ୧୯ ଟି ୱାର୍ଡରେ ରାସ୍ତା ଓ ନାଳୀ ନିର୍ମାଣ, ୩ଟି ପୋଖରୀର ସ୍ମାର୍ଟ ବିକାଶ, ମିନି ଷ୍ଟେଡିୟମ୍ ଉନ୍ନତି, ଏନଏସି ପରିସରରେ ଗେଷ୍ଟ ହାଉସ, ହାଇଡ୍ରୋଲିକ୍ ଏସକେବାଟର ଏକ୍ସକା ଭେଟର ମେସିନ, ବିଭିନ୍ନ ୱାର୍ଡରେ ନୂଆ ସ୍କୁଲ ଭବନ, ଯୁବକମାନଙ୍କ ପାଇଁ ସ୍କିଲ୍ ଡେଭେଲପମେଣ୍ଟ ସେଣ୍ଟର୍, ନୂତନ ଆମ୍ବୁଲାନ୍ସ ଆଦି ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି।

## ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା

**ଗୋଲାମୁଣ୍ଡା, ୨୨।୯ (ସମିସ):** ନବରାତ୍ରିର ପ୍ରଥମ ଦିନକୁ ଅଗ୍ରସେନ ମହାରାଜ ଜୟନ୍ତୀ ଭାବରେ ପାଳନ କରାଯାଏ। ଅଗ୍ରସେନ ଜୟନ୍ତୀରେ, ଅଗ୍ରସେନ ମହାରାଜଙ୍କ ବଂଶଧରମାନେ ଅଗ୍ରସେନ ମହାରାଜଙ୍କ ଏକ ମହାନ ସାରଣୀ ଏବଂ ଶୋଭାଯାତ୍ରା ଆୟୋଜନ କରନ୍ତି, ଏବଂ ପୂଜା, ପାଠ ଏବଂ ଆରତି କରନ୍ତି। ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ମାରୱାଡି ସମାଜ ତରଫରୁ ଜଗନ୍ନାଥ ମନ୍ଦିର ଠାରୁ ମାଁ ମଙ୍ଗଳା ମନ୍ଦିର ଯାଏଁ ଶୋଭାଯାତ୍ରାରେ ବାହାରି ଥିଲା। ଏହି ଶୋଭାଯାତ୍ରାରେ ଉଭୟ ମାରୱାଡି ସମ୍ପ୍ରଦାୟର ମହିଳା ଏବଂ ପୁରୁଷ ମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ଅଗ୍ରୱାଲ, ପ୍ରକାଶ ଅଗ୍ରୱାଲ, ଭଜନ ଲାଲ ଅଗ୍ରୱାଲ, ସୁନୀଲ୍ କୁମାର ଅଗ୍ରୱାଲ, ରୁପେଷ ଅଗ୍ରୱାଲ, ଏସ୍‌କୁମାର ଅଗ୍ରୱାଲ ସହ ଅନେକ ଉପସ୍ଥିତ ଥିଲେ।



## ତୁରେକେଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



**କଣ୍ଟାବାଞ୍ଜି, ୨୨।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକର କାର୍ଯ୍ୟରତ ଜିପିଏଲଏଫ ଓ ମିଶନଶକ୍ତି ଓଏଲଏମ କର୍ମଚାରୀଙ୍କୁ ଦୀର୍ଘ ୬ ମାସ ହେଲା ଦରମା ମିଳୁନି। ସୋମବାର ତୁରେକେଲା ବ୍ଲକର ୧୯ଟି ପଞ୍ଚାୟତ ସମସ୍ତ କାର୍ଯ୍ୟରତ ଜିପିଏଲଏଫ ଓ ମିଶନଶକ୍ତି ଓଏଲଏମ କର୍ମଚାରୀ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିଛନ୍ତି। ତୁରେକେଲା ବ୍ଲକ ଓଏଲଏମ କାର୍ଯ୍ୟାଳୟକୁ ତାଲା ମାରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିଲେ। ସେଠାରେ ଶହ ଶହ ଜିପିଏଲଏଫ ଓ ମିଶନ ଶକ୍ତି ଓଏଲଏମ ମହିଳା କର୍ମଚାରୀ ଧାରଣ ଦେଇଥିଲେ। ୬ ମାସ ହେଲା ସେମାନଙ୍କ ପାରିଶ୍ରମିକ ମିଳୁନାହିଁ। ଏଣୁ ସେମାନେ ଅନେକ ଥର ପ୍ରଶାସନ ଦ୍ୱାରସ୍ଥ ହେଉଛନ୍ତି; ହେଲେ ଅଭିଯୋଗ ପ୍ରତି ପ୍ରଶାସନ ନଜର ନ ଦେଇ ଅଣଦେଖା କରିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ତୁରେକେଲା ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବ ସରକାର ଜିପିଏଲଏଫ ଓ ମିଶନଶକ୍ତି ଓଏଲଏମଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପଦକ୍ଷେପ ନେଇଥିଲା। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଆସିବା ପରେ ମହିଳାଙ୍କୁ ପ୍ରତାରଣା କରିବାକୁ ପଛାଇ ନାହିଁ ବୋଲି ଆଲୋଚନା ହେଉଛି।

## ଶୁଣିଲାନି ପ୍ରଶାସନ, କେନାଲ ସଫାକଲେ ଚାଷୀ

**କଲମପୁର, ୨୨।୯ (ସମିସ):** ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅଧୀନ କଲମପୁର ବ୍ଲକ ଦେପୁର ଗ୍ରାମର ଚାଷୀମାନେ କେନାଲରେ ଜଳ ଯୋଗାଣ ହୋଇ ପାରୁ ନ ଥିବାରୁ ପ୍ରଶାସନ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ଠାରେ ଫେରାଦ ହୋଇଥିଲେ।



କେହି କର୍ଣ୍ଣପାତ କଲେ ନାହିଁ। ଧାନ ଗଛ ଗର୍ଭିଣୀ ଅବସ୍ଥାକୁ ଆସୁଥିବାବେଳେ ପାଣିର ଅଭାବରୁ ଝାଉଁଳିବାକୁ ବସିଲାଣି। ଏପଟେ କେନାଲ ବିଭାଗ, ପାଣି ପଞ୍ଚାୟତ ସମେତ ନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ ଜଣାଇଲେ ବି କେହି ଶୁଣିଲେ ନାହିଁ। ଶେଷରେ ସେମାନେ ବାଧ୍ୟ ହୋଇ କେନାଲ ସଫା କରିଥିବା ଦେଖିବାକୁ ମିଳିଛି। ଦେପୁର ମୁଖ୍ୟ ଇନ୍ଦ୍ରାବତୀ ଡାହାଣ କେନାଲରୁ ଶାଖା କେନାଲ ମାଧ୍ୟମରେ ବିଭାଗ ପାଣି ଯୋଗାଣ କରି ଆସୁଛି, ରକ୍ଷଣାବେକ୍ଷଣ ପାଇଁ ସମ୍ପୃକ୍ତ ବିଭାଗ ସହିତ ପାଣି ପଞ୍ଚାୟତ ମଧ୍ୟ କାମ କରୁଛି, ପ୍ରତି ବର୍ଷ ଲଟାବୁଟା ସଫାକରି ପାଣି ଯୋଗାଣର ପ୍ରାବଧାନ ମଧ୍ୟ ରହିଛି, ହେଲେ କାଁଭାଁ ଭଳ ଥିବା ସ୍ଥାନମାନଙ୍କରେ କାମ କରିଦେଇ ବିଭାଗ ଦାୟିତ୍ୱ ସାରି ଦେଉଛି। ଫଳରେ ଜଳ ଯୋଗାଣ ସ୍ୱାଭାବିକ ହୋଇପାରୁନାହିଁ। ଚାଷୀ ଆଦିତ୍ୟ ପାତ୍ର, କୃଷ୍ଣ ଲେଞ୍ଜିଆ, ପାର୍ଥ ଦଣ୍ଡସେନା, ଦେମନ୍ତ ପୁଝାରୀ, ଗରିବ ପୁଝାରୀ, ଚୈତନ୍ୟ ଚନ୍ଦନ, ବୀର କିଶୋର ଲେଞ୍ଜିଆ, ଭକ୍ତରାମ ପୁଝାରୀ ପ୍ରମୁଖ ଶାଖ କେନାଲ ସଫାକରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ କଲମପୁର ଠାରେ ସମ୍ପୃକ୍ତ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି, ଏଠାରେ ପୂର୍ବରୁ ଶ୍ୟାମ ସୁନ୍ଦର ମାରାଣ୍ଡି ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ, ମାସେ ହେବ ସେ ବଦଳି ହୋଇ ଯିବା ପରେ କାର୍ଯ୍ୟାଳୟରେ କୌଣସି ଯନ୍ତ୍ରୀଙ୍କ ଦେଖା ଦର୍ଶନ ମିଳୁନାହିଁ।

ଗର୍ଜିଲେ ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍

## ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା

**କୋକସରା, ୨୨।୯ (ସମିସ)**

ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ସ୍ଥାୟୀ ଦରମା ଦାବି କରି ଆସୁଛନ୍ତି। ସଂଘର ବାରମ୍ବାର ଦାବି ସତ୍ତ୍ୱେ ସରକାର ଶୁଣୁନାହାନ୍ତି। ଏହାକୁ ନେଇ ସୋମବାର କୋକସରା ବ୍ଲକ ଜିପିଏଲ୍‌ଏଫ୍ କର୍ମୀ ସଂଘ ତରଫରୁ ୨୧ଟି ଜିପିଏଲ୍‌ଏଫ୍‌ର କମ୍ୟୁନିଟି ସପୋର୍ଟଷ୍ଟାଫ ବ୍ଲକ କାର୍ଯ୍ୟାଳୟ ଆଗରେ ଗର୍ଜିବା ସହିତ ଅନିର୍ଦ୍ଦିଷ୍ଟକାଳ ପାଇଁ ଗଣଧାରଣାରେ ବସିଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ଗତ ୬ମାସ ହେଲା ବିଡିଓ, ଜିଲ୍ଲାପାଳ, ମିଶନ ଶକ୍ତି ବିଭାଗର ମନ୍ତ୍ରୀଙ୍କୁ ପୂର୍ବରୁ ପାଉଥିବା ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପାଇବାପାଇଁ ଜଣେଇ ଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଅନ୍ୟପକ୍ଷରେ ବିଭାଗୀୟ ଅଫିସ ତରଫରୁ କୌଣସି ନିର୍ଦ୍ଧାରିତ



ପାରିଶ୍ରମିକ ରାଶି ସମ୍ବନ୍ଧୀୟ ଚିଠି ନ ଆସିବାରୁ ବ୍ଲକସ୍ତରୀୟ ଜିପିଏଲ୍‌ଏଫ୍ କର୍ମୀ ସଂଘ ସମସ୍ତ କାର୍ଯ୍ୟ ବନ୍ଦ କରି ସୋମବାରଠାରୁ ଓଏଲ୍‌ଏମ୍ ଅଫିସ ବନ୍ଦ କରିବା ସହ ବ୍ଲକ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛନ୍ତି। ଗଣଧାରଣା ଦେବାପୂର୍ବରୁ ବ୍ଲକ ଅର୍ଥ ଅଧିକାରୀ ଦିଲୀପ କୁମାର ଶବର ଏବଂ ବ୍ଲକ ମିଶନଶକ୍ତି ବିଭାଗର ବିଏଲସି ସୌମ୍ୟରଞ୍ଜନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହିଳା ସଶକ୍ତିକରଣକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଉଥିଲା। ସେମାନଙ୍କ ଅତୁଳନୀୟ ଅବଦାନ ଯୋଗୁଁ ବିଭିନ୍ନ ସମୟରେ ସରକାର ପ୍ରୋତ୍ସାହନ ରାଶି ବୃଦ୍ଧି କରିଥିଲେ। କିନ୍ତୁ ବର୍ତ୍ତମାନର ବିଜେପି ସରକାରରେ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉ ନଥିବାବେଳେ ୬ମାସ ହେଲାଣି ସରକାର ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଦାବିକୁ ଅଣଦେଖା କରି ଆସୁଛନ୍ତି। ଏହି ଗଣଧାରଣାରେ ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫର କୋକସରା ବ୍ଲକ ସଭାନେତ୍ରୀ କୁନି ରଣା, ସମ୍ପାଦିକା ଅଞ୍ଜଳି ସିଂ, ଯଶୋଦା ରାଉତ, ବୈଶାଳୀ ଠାକୁର, ମିତାଞ୍ଜଳି ବିଶି, ମିତା ନିଆଲ, ଗରିସୁତା ସୁନାନୀ, ଅଞ୍ଜଳି ଦଣ୍ଡସେନା, ସୁଶୀଳା ମାଝୀ, ସଭ୍ୟା ରାଣୀ ରାଉତ, ପ୍ରେମସିଲା ମହାନନ୍ଦ, ମାନୀନି କେତକୀ, ଦମୟନ୍ତୀ ତାଣ୍ଡି, ହେମଲତା ସୁନାନୀ, ସୁରଭି ବିଶି, ଗିତାଞ୍ଜଳି କରଙ୍କ ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଏମବିକେ, ସିଆରପି-ସିଏମ୍, ବ୍ୟାଙ୍କ ମିତ୍ର ସାମିଲ ହୋଇଛନ୍ତି।

# ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ଯୋଗାଇବାରେ ଟାଟା ପାୱାର ବିଫଳ

**ଝାରସୁଗୁଡ଼ା, ୨୨।୯ (ସମିସ)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳର ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ଯୋଗାଇବାରେ ଟାଟା ପାୱାର ବିଫଳ ହୋଇଥିବା ଅଭିଯୋଗ ହେଉଛି। ବ୍ରଜରାଜନଗର ବିଦ୍ୟୁତ୍ ଡିଭିଜନ ଅଧୀନ ଗାନ୍ଧୀଛକ ସେକ୍ସନ ଅଞ୍ଚଳର ରାଜପୁର, ଲୋଇସିଂହ, ଗୌଡ଼ମାଲ, ଚାନ୍ଦନୀମାଲ ପଞ୍ଚାୟତ ଅଞ୍ଚଳର ବିଦ୍ୟୁତ୍ ସରବରାହ ଏବଂ ବିଦ୍ୟୁତ ସମସ୍ୟାରେ ସୁଧାର ଆଣିବା ପାଇଁ ୨୦୧୨-୧୩ ମସିହାରେ ଜୁନାନିମୁଣ୍ଡା ଠାରେ ଏକ ୩୩/୧୧ କେଭି ବିଦ୍ୟୁତ୍ ସବଷ୍ଟେସନ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଆରଓଡବ୍ଲ୍ୟୁ ଓ ଅନ୍ୟାନ୍ୟ ସମସ୍ୟା କାରଣରୁ ନିର୍ମାଣ ଶେଷ ହେବା ପାଇଁ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ୨୦୨୩ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା। ଏହାପରେ ସମଗ୍ର ୪ଟି ପଞ୍ଚାୟତ ସମେତ ଗାନ୍ଧୀ ଛକ ଓ ବ୍ରଜରାଜନଗର ପୌର ପରିଷଦର କିଛି ଅଞ୍ଚଳ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇବା ପାଇଁ ଆଶା ରଖିଥିଲେ। କିନ୍ତୁ ଗାନ୍ଧୀ ଛକ ଜୁନାନିମୁଣ୍ଡା ସ୍ଥିତ ୩୩/୧୧ କେଭି ବିଦ୍ୟୁତ ସବ୍‌ଷ୍ଟେସନ ଠାରେ ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ବା ଟିପିଡବ୍ଲ୍ୟୁଓଡିଲ ପକ୍ଷରୁ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦେଇନଥିବା କାରଣରୁ ବିଦ୍ୟୁତ ସମସ୍ୟା ବାରମ୍ବାର ଦେଖା ଦେଉଛି ଏବଂ ଘଣ୍ଟା ଘଣ୍ଟା ଧରି ସମଗ୍ର ଅଞ୍ଚଳ ଅନ୍ଧାର ହୋଇଯାଉଛି। ଟି ପି ଡ ବ୍ଲୁ ୟଓ ଡି ଏ ଲ ର କୋହଲ ମନୋବୃତ୍ତି ଏବଂ ଟେକ୍ନୋଲୋଜି ନାମରେ ଏଠାରେ କୌଣସି କର୍ମଚାରୀ ନିଯୁକ୍ତି ନଦେବା କାରଣରୁ ଯେଉଁ ଉଦ୍ଦେଶ୍ୟରେ ଏହି ଗ୍ରୀଡର ସ୍ଥାପନ କରାଯାଇଥିଲା ତାହା ସାଧିତ ହୋଇପାରୁନାହିଁ।



- ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ନିର୍ମାଣାଧୀନ ଅବସ୍ଥାରେ ଗାନ୍ଧୀଛକ ଗ୍ରୀଡ୍
- କର୍ମଚାରୀ ଅଭାବରୁ ସମସ୍ୟା ଭୋଗୁଛନ୍ତି ଉପଭୋକ୍ତା
- ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅନେକ ଅଞ୍ଚଳ ଅନ୍ଧାରରେ

ଅଞ୍ଚଳର ହଜାର ହଜାର ଉପଭୋକ୍ତା ବିଦ୍ୟୁତ ସମସ୍ୟା ଭୋଗୁଛନ୍ତି। ଗତ ରବିବାର ପ୍ରାୟ ୩ଟା ସମୟରେ ଗାନ୍ଧୀଛକ ଅଞ୍ଚଳର ବିଜୁଳି ଘଡଘଡି ସହିତ ବର୍ଷା ଫଳରେ ବିଦ୍ୟୁତ ସମସ୍ୟା ଦେଖାଦେଇଥିଲା। କିଛି ସମୟ ପରେ ବର୍ଷା ଛାଡିଯାଇଥିବା ବେଳେ ବିଦ୍ୟୁତ ସରବରାହ ସୁଧାରିବା ପାଇଁ ଗାନ୍ଧୀଛକ ସେକ୍ସନରୁ କର୍ମଚାରୀ ବାହାରିଥିଲେ। କିନ୍ତୁ ଜୁନାନିମୁଣ୍ଡା ସ୍ଥିତ ୩୩/୧୧ କେଭି ସବ୍‌ଷ୍ଟେସନରେ କୌଣସି କର୍ମଚାରୀ ନଥିବା କାରଣରୁ ଯଥା ସମୟରେ ସଟଡାଉନ ନ ମିଳିବାରୁ କାର୍ଯ୍ୟ ଆଗେଇପାରି ନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପରେ ରାତି ହୋଇଯିବାରୁ ସମଗ୍ର ଅଞ୍ଚଳକୁ ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ସମ୍ଭବପର ହୋଇନଥିବା ବେଳେ ସୋମବାର ସକାଳ ୫ଟା ଯାଏଁ ମଧ୍ୟ ରାଜପୁର, ଲୋଇସିଂହ, ଗୌଡମାଲ, ଚାନ୍ଦନୀମାଲ ଆଦି ପଞ୍ଚାୟତ ପ୍ରାୟ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅନ୍ଧାରରେ ରହିଥିଲା। ବିଭିନ୍ନ ମହଲରୁ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜୁନାନିମୁଣ୍ଡା ସ୍ଥିତ ୩୩/୧୧ କେଭି ସବ୍‌ଷ୍ଟେସନରେ କୌଣସି କର୍ମଚାରୀ ନିଯୁକ୍ତ ନକରିବା କାରଣରୁ ଏପରି ପ୍ରାୟତଃ ୪ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ନିର୍ମାଣାଧୀନ ଅବସ୍ଥାରେ ପଡ଼ିରହି ଗାନ୍ଧୀ ଛକ ୩୩/୧୧ ଗ୍ରୀଡ କାର୍ଯ୍ୟକ୍ଷମ ହେବା ପରେ ମଧ୍ୟ କର୍ମଚାରୀ ଅଭାବରୁ ସ୍ଥାନୀୟ ଉପଭୋକ୍ତା ସମସ୍ୟା ଭୋଗୁଥିବା କାରଣରୁ ଏଥିପ୍ରତି ଟିପିଡବ୍ଲ୍ୟୁଓଡିଲ ଧ୍ୟାନ ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

# ସୋହେଲାରେ ଅଗ୍ରସେନ ଜୟନ୍ତୀ



**ସୋହେଲା, ୨୨।୯ (ସମିସ):** ସୋହେଲା ଅଗ୍ରସେନ ଭବନଠାରେ ଅଗ୍ରୱାଲ ସମାଜ ପକ୍ଷରୁ ସୋମବାର ଅଗ୍ରସେନ ଜୟନ୍ତୀ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ର ଚେମ୍ବର ଅଫ କମର୍ସର ସଭାପତି ତଥା ସମାଜସେବୀ ଜୟ ପ୍ରକାଶ ଲାଠ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଓ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ପ୍ରାନ୍ତୀୟ ସଚିବ ବିନୋଦ ଅଗ୍ରୱାଲ ତଥା ମୁଖ୍ୟ ବକ୍ତା ଭାବେ ମାରୱାଡି ସମ୍ମେଳନର ଉପାଧ୍ୟକ୍ଷ ତଥା ସାମ୍ବାଦିକ କିଶନ ଅଗ୍ରୱାଲ ଯୋଗ ଦେଇଥିଲେ। ଅଗ୍ରୱାଲ ସଭାର ସଭାପତି ଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ମଣ୍ଡଳର ସଭାନେତ୍ରୀ ଅଞ୍ଜୁଦେବୀ ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚର ସଭାପତି ପଙ୍କଜ ଅଗ୍ରୱାଲ ମଞ୍ଚାସୀନ ଥିଲେ। ସମାଜ ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦ୍ର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ ଓ ରିଶବ ଅଗ୍ରୱାଲ ବିବରଣୀ ପାଠ କରିଥିଲେ। ଅଗ୍ରସେନ ମହାରାଜଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ମାରୱାଡି ସମାଜ ଏକଜୁଟ ଓ ସଂଗଠିତ ହେବାକୁ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଡାକ୍ତରୀ, ଚାଟାର୍ଡ ଆକାଉଣ୍ଟାଣ୍ଟ, ଏମବିଏ, ଇଞ୍ଜିନିୟରିଂ ତଥା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଉତ୍କର୍ଷତା ଦେଖାଇଥିବା ସୋହେଲା ମାରୱାଡି ସମାଜର ୬ ଜଣ ଯୁବକ ଯୁବତୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ତଥା ବରଗଡ଼ ଚେମ୍ବର ଅଫ କମର୍ସର ସଭାପତି ଜୟପ୍ରକାଶ ଲାଠ ସୋହେଲା ଗୋଶାଳା ପରିଚାଳନା ପାଇଁ ଅଗ୍ରୱାଲ ସଭାକୁ ୫ଲକ୍ଷ ଟଙ୍କା ଅନୁଦାନ ବ୍ୟକ୍ତିଗତ ଭାବେ ଦେବାକୁ ଘୋଷଣା କରିଥିଲେ। ମହିଳା ମଣ୍ଡଳର ସମ୍ପାଦିକା ମୀନା ଦେବୀ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଏକ ବିରାଟ ଶୋଭାଯାତ୍ରାରେ ଅଗ୍ରସେନ ମହାରାଜଙ୍କ ଭୂମିକାରେ ଉତ୍ତମ ଅଗ୍ରୱାଲ ହାତୀ ଉପରେ ଏବଂ ମନ୍ତ୍ରୀ ଭାବେ ଆକାଶ ଓ ସୈନ୍ୟ ଭାବେ ରୁଦ୍ର ଓ ଅର୍ଣ୍ଣବ ଓଟରେ ଆରୁଢ଼ ହୋଇ ବସ୍ତି ପରିକ୍ରମା କରିଥିଲେ।

# ଆମ ବିଦ୍ୟାଳୟ ଓ ଗୁଣାତ୍ମକ ଶିକ୍ଷା ଶୀର୍ଷକ ଆଲୋଚନା ଚକ୍ର



**ବରଗଡ଼, ୨୨।୯ (ସମିସ):** ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ନନ୍ଦିନୀ ନିରୋଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜିତା ନାୟକ ଓ ପ୍ରାଧ୍ୟାପିକା ପୁଷ୍ପାଞ୍ଜଳୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଶୃଙ୍ଖଳା, କଠିନ ପରିଶ୍ରମ ଓ ଅଧ୍ୟବସାୟ ପିଲାମାନଙ୍କୁ ସଫଳତାର ଶୀର୍ଷ ପର୍ଯ୍ୟନ୍ତ ପହଞ୍ଚାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟାପକ ଡ.ପ୍ରଶାନ୍ତ ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ବିଭାଗର ପ୍ରଥମ ବର୍ଷ ଛାତ୍ରୀ ମାନଙ୍କୁ ପୁରାତନ ଛାତ୍ରୀମାନେ ଫୁଲ ଚନ୍ଦନ ଓ ଉପହାର ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଦ୍ୱିତୀୟ ଅଧିବେଶନରେ 'ଆମ ବିଦ୍ୟାଳୟ ଓ ଗୁଣାତ୍ମକ ଶିକ୍ଷା' ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟାପକ ଡ.ପ୍ରଶାନ୍ତ ଦାଶ, ଅଧ୍ୟାପିକା ରୀତାଞ୍ଜଳୀ ପାଣିଗ୍ରାହୀ ଓ ତୃତୀୟ ବର୍ଷ ଛାତ୍ରୀ ହିତେଶ୍ୱରୀ ଭୋଇ ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଓ ଶିକ୍ଷକ ମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ରୁଚିଦା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ




**ଅମ୍ବାଭୋନା, ୨୨।୯ (ସମିସ):** ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ସଭାପତିତ୍ୱରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସନ୍ୟାସୀ ଦେହେରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ପଧାନ, କଣ୍ଡପଲା ସରକାରୀ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁଦୀପ୍ତ ନାୟକ, ମୋ ସ୍କୁଲ୍ ଅଭିଯାନର ଅଧ୍ୟକ୍ଷ ଜୟପ୍ରକାଶ ବେହେରା ଯୋଗ ଦେଇଥିଲେ। ମଞ୍ଚାସୀନ ସମସ୍ତ ସଦସ୍ୟଙ୍କୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଫୁଲତୋଡା ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ ହିନ୍ଦୀ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ, ମୁଖ୍ୟ ବକ୍ତା ଶିକ୍ଷକ ସନ୍ୟାସୀ ଦେହେରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବୈଠକରର ସଭାପତି ଅଜୟ ମେହେର ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ହରବଲ୍ଲଭ ପ୍ରଧାନ, ରୀନା ମେହେର, ତନୟା ତନସନା, ପ୍ରଭାତ ନାୟକ, ପୁଷ୍ପାଙ୍ଗିନି ଭୁଏ, ମେନକା ମେହେର, ସବିତା ଦେହରୀ, ବଳରାମ ରଣା ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ରୀନା ମେହେର ଧନ୍ୟବାଦ

# ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟିତ

**ବରଗଡ଼, ୨୨।୯ (ସମିସ):** ବରଗଡ଼ ଜିଲ୍ଲା ସଦର ମହକୁମାରେ ଅବସ୍ଥିତ ଟାଉନ୍ ହାଇସ୍କୁଲରେ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପେଡ଼ାଗୋଜି କୋର୍ଡିନେଟର ପୁଷ୍ପାଞ୍ଜଳି ଦାଶ, ଡିଆଇଇଟି ବରଗଡ଼ର ପ୍ରଶିକ୍ଷକ ବେଣୁଧର ବରିହା ଯୋଗ ଦେଇଥିଲେ। ଜିଲ୍ଲାର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ଏହି ତାଲିମ୍ ଶିବିରରେ ବିଜେପୁର ବ୍ଲକ ଓ ସୋହେଲା ବ୍ଲକର ୫୬ ଜଣ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ୍ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଡିଆଇଇଟି ବରଗଡ଼ର ପ୍ରଶିକ୍ଷକ ବେଣୁଧର ବରିହା, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନାଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାପନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକରଣ, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଡିଆଇଇଟିର ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।




# ବୃତ୍ତିଗତ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

**କୋଲାବିରା, ୨୨।୯ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସିଲ୍ଟ ଭୁବନେଶ୍ୱର ଓ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ, ବାଙ୍ଗାଲୋରର ସହାଭାଗିତାରେ କୋଲାବିରା ବ୍ଲକ ଅଧୀନ ସମାସିଂହା କେଜି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ବିକାଶ ପାଇଁ ୫ ଦିନିଆ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବେଲପାହାଡ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ତାଲିମ ଶିବିରର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ସଚିନ୍ଦ୍ର ପଟେଲ ମଞ୍ଚ ସଞ୍ଚାଳନ ସହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସାଧନ କର୍ମୀ କୁଶ ସା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମ କାର୍ଯ୍ୟକ୍ରମ ମଧ୍ୟ ଭାଗରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆ ଶିବିରକୁ ପରିଦର୍ଶନ କରି ତାଲିମ ନେବା ପାଇଁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୫୦ ଜଣ ଯୋଗ ଦେଇଛନ୍ତି। ଏହାର ସଫଳରୂପାୟନ ପାଇଁ ଶିକ୍ଷକ ଅଶୋକ ସାହୁ, ମନୋଜ ମେଣ୍ଡୁଲି, ବିଜୟଲକ୍ଷ୍ମୀ ନାଏକ, ପୂର୍ଣ୍ଣଚନ୍ଦ୍ର ସାହୁ, ସବିତା ମହନ୍ତ, ବିଜୟ ଶଙ୍କର ସାହୁ, ଦେବୀପ୍ରସାଦ ବିଶ୍ୱଜିତ ପାତ୍ର ଓ କୁଶ ସାଙ୍କୁ ସାଧନ କର୍ମୀ ଭାବେ ନିୟୋଜିତ କରାଯାଇଛି।



# କିର୍ମିରାରେ ଜନ ଅଭିଯୋଗ ଶୁଣାଣି

**ଝାରସୁଗୁଡା, ୨୨।୯ (ସମିସ):** କିର୍ମିରା ବ୍ଲକ ମୁଖ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସିକ୍ତା ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶ୍ରୁରୁତ୍, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୮ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୭ଟି ସାମୂହିକ ଓ ୧୧ଟି ବ୍ୟକ୍ତିଗତ। ନକ୍ସାପାଲି ଗାଁର ମୁଖ୍ୟରାସ୍ତାର ସୀମା ନିର୍ଦ୍ଧାରଣ ଓ ରାସ୍ତା ନୂତନ ଭାବେ ନିର୍ମାଣ, କୋଲଥମାଲ ଗାଁ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ସହ ସଂଯୋଗ, କୋଲଥମାଲରେ ବିଦ୍ୟୁତ ଜନିତ ସମସ୍ୟା ସମାଧାନ ଓ ଦରୋପଡ଼ାରେ କ୍ଲବ୍ ଘର ନିର୍ମାଣ, କିର୍ମିରା ଆଦର୍ଶ ଆବାସିକ ବିଦ୍ୟାଳୟ ଶିକ୍ଷକ(ଗେଷ୍ଟ ଫ୍ୟାକଲ୍ଟି)ଙ୍କ ଦରମା ଓ ବକେୟା ପ୍ରାପ୍ୟ ପ୍ରଦାନ, ଅଲ୍ଟ୍ରାଟେକ ସିମେଣ୍ଟ ସିଏସ୍‌ଆର ପାଣ୍ଠି ବିନିଯୋଗରେ ମଶା ନିରୋଧକ ଧୂଆଁ ପ୍ରୟୋଗ ଓ ଅର୍ଡା ମୁଖ୍ୟ ରାସ୍ତାର ଦୁରାବସ୍ଥା ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିବା ବେଳେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# କେନ୍ଦେଇଜୁରିରେ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୨୨।୯ (ସମିସ):** ତିଲେଇବଣି ବ୍ଲକ କେନ୍ଦେଇଜୁରି ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୭୨ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ମଧ୍ୟରେ ୩୮ଟି ବ୍ୟକ୍ତିଗତ ଏବଂ ୩୪ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ବିଶେଷ କରି, ଜମି ପଟ୍ଟା, ରାଜସ୍ୱ ଗ୍ରାମ ମାନ୍ୟତା, ବିଦ୍ୟୁତ୍ ସଂଯୋଗୀ କରଣ, କଂକ୍ରିଟ ରାସ୍ତା ଓ ଜଙ୍ଗଲ ଜମି ପଟ୍ଟା ପ୍ରମୁଖ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନି ମିର୍ଦ୍ଧା, ଡେପୁଟି କଲେକ୍ଟର ଅଞ୍ଜନି କୁଜୁର, ତହସିଲଦାର କର୍ଣ୍ଣ ମଲିକ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାଜପୁର ଦେଉନା ବଏଲ ଯାତ୍ରା



**ଝାରସୁଗୁଡ଼ା, ୨୨।୯ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳରେ ମହାଳୟା ଅବସରରେ ରାଜପୁର ସମଲେଶ୍ୱରୀ ଦେବୀଙ୍କ ଦେଉନା ବଏଲ ଯାତ୍ରା ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ରାଜପୁର ଦେଓଗାଁ ଡଙ୍ଗା ଘାଟରେ କଳସ ସ୍ଥାପନ ଓ ଦେବୀଙ୍କ ତନ୍ତ୍ର ବିଧିରେ ଆବାହନ ପୂଜା କରି କାଲୋ (ବରୁଆ) ଶରୀରରେ ଶକ୍ତି ସଞ୍ଚାର କରାଯାଇଥିଲା। ବରୁଆ ଦେଓଗାଁ, ସର୍ଗୀମାଲ, ରୁଗୁଡିଡ଼ିପା, ଡୁମିରିପଡ଼ା, ବନ୍ଧଲିପଡ଼ା ଓ ମଝିଆପଡ଼ା ପରିକ୍ରମା କରି ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବରୁଆଙ୍କ ଗାଁ ପରିକ୍ରମା ସମୟରେ ଗ୍ରାମବାସୀ ନିଜ ନିଜ ଘର ସମ୍ମୁଖରେ ଦୀପ ପ୍ରଜ୍ୱଳିତ କରି ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ବିଳମ୍ବିତରାତିରେ ସମଲେଶ୍ୱରୀ ଓ ପାର୍ଶ୍ୱ ଦେବୀଙ୍କର ପୂଜାର୍ଚ୍ଚନା ପରେ ଦେଉନା ବଏଲ ଯାତ୍ରା ସମାପନ ହୋଇଥିଲା। ରାଜ ପୁରୋହିତ ପ୍ରଦୀପ ପାଟଯୋଶୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ମୋତିଲାଲ ମିଶ୍ର ଓ ବାସୁଦେବ ଦାସ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ସମ୍ବଲପୁର ୫ମ ମହାରାଜା ବଳିଆର ସିଂହ ରାଜଗାଦି ସମ୍ଭାଳିବା ପରେ ତାଙ୍କ ଦ୍ୱିତୀୟ ଭାଇ ଅନିରୁଦ୍ଧ ସାଏଙ୍କୁ ଖୃଣ୍ଡା ଓ ରାଜପୁର ଜମିଦାରୀ ଦେଇଥିଲେ। ଅନିରୁଦ୍ଧ ସାଏ ତାଙ୍କ ବଡ଼ ପୁତ୍ର ମାଧବ ସିଂହଙ୍କୁ ଖୃଣ୍ଡା ଓ ଦ୍ୱିତୀୟ ପୁଅ ରାଜ ସିଂହଙ୍କୁ ରାଜପୁର ଭରଣପୋଷଣ ପାଇଁ ଦେଇଥିଲେ। ରାଜ ସିଂହ ରାଜପୁରରେ ଚୌହାନ ବଂଶର ପ୍ରତିଷ୍ଠା କରି ଇଷ୍ଟଦେବୀ ସମଲେଶ୍ୱରୀଙ୍କ ମନ୍ଦିର ସ୍ଥାପନ କରିଥିଲେ। ସେହି ସମୟରୁ ରାଜପୁରରେ ବଏଲ ଯାତ୍ରା ଆରମ୍ଭ ହୋଇଥିବା ଜଣାଯାଏ।

# ବାପୁଜୀ କ୍ଲବ୍‌ର କର୍ମକର୍ତ୍ତା ମନୋନୟନ

**ଦେବଗଡ଼, ୨୨।୯ (ସମିସ):** ଆଗାମୀ ଅକ୍ଟୋବର ୨୦ରୁ ଆରମ୍ଭ ହୋଇ ସପ୍ତାହ ବ୍ୟାପୀ ପାଳନ ହେବାକୁ ଥିବା ଧନଲକ୍ଷ୍ମୀ ପୂଜା ପାଳନ ନିମନ୍ତେ ଦେବଗଡ଼ ପୌରାଞ୍ଚଳ ଅଧୀନ ଗୁରୁସାହି ସ୍ଥିତ ବାପୁଜୀ କ୍ଲବ୍‌ର କର୍ମକର୍ତ୍ତା ମନୋନୟନ ସୋମବାର କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆଜି କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ହୋଇ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଧନଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ ଭାବେ ପାଳନ ପାଇଁ ମତବ୍ୟକ୍ତ କରିବା ସହ ଚଳିତ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ମନୋନୟନ କରିଥିଲେ। ଏଥିରେ ସଭାପତି ଭାବେ ସତ୍ୟନାରାୟଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ଜଗନ୍ନାଥ ଦାଶ, ସମ୍ପାଦକ ଭାବେ ତୁଷାରକାନ୍ତ ନନ୍ଦ, ସହ ସମ୍ପାଦକ ଭାବେ ପ୍ରଭାତ ଗିରି, କୋଷାଧ୍ୟକ୍ଷ ଭାବେ ମଦନ ମୋହନ ବେହେରା ଓ ସହ କୋଷାଧ୍ୟକ୍ଷ ଭାବେ ଶୁଭ୍ରାଂଶୁ ଶେଖର ଗିରିଙ୍କୁ ମନୋନୀତ କରାଯାଇଥିଲା। ସେହିପରି ପୂଜା ମଣ୍ଡପ ଦାୟିତ୍ୱରେ ବିଶ୍ୱଜିତ ଗିରି, ଅନ୍ନପ୍ରସାଦ ବଣ୍ଟନ ଦାୟିତ୍ୱରେ ମନୋଜ ନନ୍ଦ, ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଟୁନା ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା କ୍ଲବ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବିକାଶ ସ୍କୁଲ୍ ଅଫ ବିଜନେସ୍ ମ୍ୟାନେଜମେଣ୍ଟରେ ଫ୍ରେସର୍ସ ଡେ




**ବରଗଡ଼, ୨୨।୯ (ସମିସ):** ବରଗଡ଼ ସ୍ଥିତ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଅଫ ବିଜନେସ୍ ମ୍ୟାନେଜମେଣ୍ଟରେ ୨୦୨୫-୨୮ ଶିକ୍ଷା ବର୍ଷର ବିବିଏ ଓ ବିସିଏ କୋର୍ସରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଫ୍ରେସର୍ସ ଡେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ଡ.କ୍ଷିରୋଦ ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ ଡି.ନାଗେଶ୍ୱର ରାଓ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ପରିଶ୍ରମୀ ଓ ସମୟାନୁବର୍ତ୍ତିତା ହୋଇ ନିଜର ଲକ୍ଷ୍ୟ ସାଧନ ପାଇଁ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗେମ୍ ସୋ ଅନୁଷ୍ଠିତ ହେବା ସହ ଅନେକ ଚିତ୍ତାକର୍ଷଣ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରିୟା ପ୍ରଧାନ ମିସ୍ ଫ୍ରେସର୍ସ ଓ କିସନ ଗୋଖୁରା ମିଷ୍ଟର ଫ୍ରେସର ୨୦୨୫ ବର୍ଷ ପାଇଁ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ସେହିପରି ଉତ୍କୃଷ୍ଟ ପରିଧାନରେ ଅର୍ଜୁନ ନାୟକ ଏବଂ ଶ୍ରଦ୍ଧା ପ୍ରତ୍ୟାଶା ମେହେର ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀ ଦେବାଂଶୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।





# ବିମାନର କକ୍‌ପିଟ୍ ଖୋଲିବାକୁ ଉଦ୍ୟମ





ବାରଣାସୀ, ୨୨।୯ (ଏଜେନ୍ସି): ବେଙ୍ଗାଲୁରୁରୁ ବାରାଣାସୀ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନରେ ଜଣେ ଯାତ୍ରୀ କକ୍‌ପିଟ୍‌ର ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସେ ଦ୍ୱାରର ପ୍ରକୃତ ପାସକୋଡ୍ ବି ମାରିଥିଲେ। କିନ୍ତୁ ହାଇଜାକ ହେବା ଭୟରେ ପାଇଲଟ୍ କକ୍‌ପିଟ୍‌ର ଦ୍ୱାରା ଖୋଲି ନଥିଲେ। କେବିନ କ୍ରୁ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉକ୍ତ ଯାତ୍ରୀଙ୍କ ସହ ତାଙ୍କ ନିଜର ଲୋକ ଆସିଥିଲେ ଓ କକ୍‌ପିଟ ଭିତରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏୟାର ଲାଇନ୍ସ କର୍ମୀ ଯାତ୍ରୀଙ୍କୁ ବିରୋଧ କରିବା ସହ ତାଙ୍କୁ ସିଟ୍‌ରେ ବସାଇଥିଲେ। ଏ ନେଇ କ୍ୟାପ୍ଟେନ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ଏଟିସି ମଧ୍ୟ ବିମାନବନ୍ଦର କର୍ତ୍ତୃପକ୍ଷକୁ ଅବଗତ କରାଇଥିଲେ। ବାରଣାସୀରେ ବିମାନ ଅବତରଣ କରିବା ପରେ ସିଆଇଏସ୍‌ଏଫ୍ ଅଭିଯୁକ୍ତ ଯାତ୍ରୀଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ସୂଚନା ମିଳିବା ମାତ୍ରେ ହିଁ ଏଟିସି, ଲୋକାଲ ଇଣ୍ଟେଲିଜେନ୍ସ ୟୁନିଟ (ଏଲଆଇୟୁ), ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଓ ସାଇବର କ୍ରାଇମର ଟିମ୍ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଅଭିଯୁକ୍ତ ବେଙ୍ଗାଲୁରୁରେ ରୁହନ୍ତି। ସ୍ଥାନୀୟ ପୁଲିସ ମାଧ୍ୟମରେ ଏମାନଙ୍କ ଠିକଣାର ଯାଞ୍ଚ କରାଯାଉଛି। ବାବତପୁର ଥାନାରେ ଏମାନଙ୍କୁ ପଚାରଉଚରା କରାଯାଉଛି। ସମସ୍ତଙ୍କର ମୋବାଇଲ୍ ଓ କଲ ଡିଟେଲ ଚେକ୍ କରାଯାଉଛି ବୋଲି ପୁଲିସ ସୂଚନା ଦେଇଛି।

# ପୁଣି ଏକାଠି ଦେଖାଦେଲେ ଟ୍ରମ୍ପ-ମସ୍କ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଦୀର୍ଘ କେତେମାସ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଟେସଲା ମାଲିକ ତଥା ବିଶିଷ୍ଟ ଶିଳ୍ପପତି ଏଲନ ମସ୍କ ଏକାଠି ନଜର ଆସିଛନ୍ତି। ବିବାଦ ପରେ ଦୁହେଁ ପାଖରେ ବସି ଏକାଠି ହେବା ସହ ପରସ୍ପର ସହ ହାତ ମିଳାଇଥିଲେ। ଆରିଜୋନାର ଗ୍ଲେଣ୍ଡେଲସ୍ଥିତ ଏକ ଷ୍ଟାଡିୟମରେ ଚାର୍ଲି କିର୍କଙ୍କ ସ୍ମୃତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଚାର୍ଲି କିର୍କଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଷ୍ଟାଡିୟମରେ ୨୦ ହଜାର ଲୋକଙ୍କ ସମେତ ଟ୍ରମ୍ପ ଓ ମସ୍କ ଏକାଠି ହୋଇଥିଲେ। ଚାର୍ଲି କିର୍କ ଜଣେ ଦକ୍ଷିଣପନ୍ଥୀ ନେତା ଓ ଟ୍ରମ୍ପଙ୍କ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଥିଲେ। ଗତ ସେପ୍ଟେମ୍ବର ୧୦ରେ ଉଟାହ ବିଶ୍ୱ ବିଦ୍ୟାଳୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଉଲ୍ଲେଖଥାଉ କି ଗତ ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ୧୭୦ ମିଲିଅନ୍ ଡଲାରରୁ ଅଧିକ ଅର୍ଥର ଚାନ୍ଦା ପ୍ରଦାନ କରିଥିଲେ ଓ ପରେ ମଧ୍ୟ ତାଙ୍କ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ପରେ ଦୁହିଁଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଟ୍ରମ୍ପଙ୍କ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ପାଗଳାମି ଓ ବିନାଶକାରୀ ବୋଲି ମସ୍କ କହିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଟ୍ରମ୍ପ ମସ୍କଙ୍କୁ ଆମେରିକା ବାହାରକୁ ପଠାଇବେ ବୋଲି କହିଥିଲେ। ଏହାପରେ ମସ୍କ ଆମେରିକା ଫାର୍ଷ୍ଟ ପାର୍ଟି ଗଠନ କରିବାକୁ ଘୋଷଣା କରିଥିଲେ। ଯଦିଓ ସେ ପରେ ପଛ ଘୁଞ୍ଚା ଦେଇଥିଲେ।

## ଅଭିନେତ୍ରୀ ଜ୍ୟାକଲିନ୍‌ଙ୍କୁ ସୁପ୍ରିମକୋର୍ଟ ଝଟ୍‌କା

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): କୁଖ୍ୟାତ ଠକ ସୁକେଶ ଚନ୍ଦ୍ରଶେଖର ସହିତ ଜଡିତ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟ ତାଙ୍କର ଏକ ଆବେଦନକୁ ଆଜି ଖାରଜ କରିଛନ୍ତି। ସୁକେଶ ସହିତ ଜଡିତ ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାକୁ ରଦ୍ଦ କରିବାକୁ ସେ ଆବେଦନ କରିଥିଲେ। ଏହି ମାମଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରୁଜୁ କରିଥିଲା। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିଙ୍କ ଖଣ୍ଡପୀଠ ଜ୍ୟାକଲିନ୍‌ଙ୍କ ଆବେଦନକୁ ଖାରଜ କରିଛନ୍ତି। ବରିଷ୍ଠ ଓକିଲ ମୁକୁଲ ରୋହତୋଗୀ ଜ୍ୟାକଲିନ୍‌ଙ୍କ ତରଫରୁ ତର୍କ ରଖିଥିଲେ। କିନ୍ତୁ ଅଭିଯୋଗ ପୂର୍ବ ଭଳି ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ପୂର୍ବରୁ ଜୁଲାଇ ୩ରେ ଦିଲ୍ଲୀ ହାଇକୋର୍ଟ ଜ୍ୟାକଲିନ୍‌ଙ୍କ ଏହିଭଳି ଆବେଦନକୁ ଖାରଜ କରିଥିଲେ। ଯଦି କୌଣସି ବନ୍ଧୁ କାହାକୁ କିଛି ଉପହାର ଦିଅନ୍ତି ଓ ପରେ ସେ କୌଣସି ଅପରାଧରେ ସାମିଲ ଥିବା ଜଣାପଡେ, ତାହେଲେ ମାମଲା ବହୁତ ଜଟିଳ ହେବ। ପୁଣି ଅଜାଣତରେ ଏହି ଉପହାର ଦିଆଯାଇନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ସୁକେଶ ଜ୍ୟାକଲିନ୍‌ଙ୍କୁ ବହୁତ ଦାମୀ ଉପହାର ଦେଇଥିଲା ଓ ତାଙ୍କ ପିଛା ପାଖାପାଖି ୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା। । ସୁକେଶ ଜ୍ୟାକଲିନ୍‌ଙ୍କୁ ଦାମୀ ଗହଣା, ୪ଟି ଦାମୀ ବିଲେଇ, ୫୭ ଲକ୍ଷ ଟଙ୍କାର ଘୋଡ଼ା, ବାହାରିନ୍‌ରେ ରହୁଥିବା ଜ୍ୟାକଲିନ୍ ମାତାପିତାଙ୍କୁ ୧.୮ ୯ କୋଟି ଟଙ୍କାର ଦୁଇଟି ଗାଡ଼ି (ପୋର୍ସ ଓ ମସୋରାଟି), ତାଙ୍କ ଭାଇଙ୍କୁ ଏସ୍‌ୟୁଭି ଓ ଭଉଣୀଙ୍କୁ ଦେଢ଼ କୋଟି ଟଙ୍କାର ବିଏମ୍‌ଡବ୍ଲ୍ୟୁ କାର ଉପହାର ଦେଇଥିଲା। ଏଥିପାଇଁ ଜ୍ୟାକଲିନ ମନି ଲଣ୍ଡରିଂ ମାମଲାରେ ଛନ୍ଦି ହେବା ସହ ଇଡି ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି।

## ଅକ୍ଟୋବର ୭ରେ ଉମର ଖାଲିଦଙ୍କ ଜାମିନ ଶୁଣାଣି

ନୂଆଦିଲ୍ଲୀ, ୨୨।୯: ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ଧରି ବିନା ବିଚାରରେ ଜେଲରେ ଥିବା ଉମର ଖାଲିଦ ସମେତ ୫ ଜଣ ଛାତ୍ରଙ୍କ ଜାମିନ ଆବେଦନର ଶୁଣାଣି କରିବେ ସୁପ୍ରିମ କୋର୍ଟ। ଜାମିନ ଆବେଦନ ଉପରେ କୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିବା ସହିତ ଉତ୍ତର ଲୋଡ଼ିଛନ୍ତି। ଉତ୍ତର ମିଳିଲା ପରେ ଆସନ୍ତା ଅକ୍ଟୋବର ୭ ତାରିଖରେ ମାମଲାର ଶୁଣାଣି କରାଯିବ ବୋଲି ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏମାନେ ଛାତ୍ର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ଦିଆଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଶେକ ମନୁ ସିଂହଭୀ ଯୁକ୍ତି କରିଥିଲେ। ଉମରଙ୍କ ସମେତ ସର୍ଜିଲ ଇମାମ, ମୀରାନ ହାଇଦର, ଗୁଲଫିସା ଫାତିମା ଓ ସିଫାଉର ରହେମାନ ଏହି ମାମଲାରେ ଜେଲରେ ଅଛନ୍ତି। ଦିଲ୍ଲୀ ହାଇକୋର୍ଟ ସେମାନଙ୍କର ଜାମିନ ଆବେଦନ ଖାରଜ କରିବା ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ନିଜ ଦେଶରେ ପାକିସ୍ତାନର ବୋମାବର୍ଷା

## ୩୦ ନିହତ, ଶତାଧିକ ଆହତ



ଇସଲାମାବାଦ୍, ୨୨।୯ (ଏଜେନ୍ସି): ପାକିସ୍ତାନ ବାୟୁ ସେନା ନିଜ ଦେଶରେ ବୋମା ବର୍ଷା କରିଛି। ଆଜି ବିଳମ୍ବିତ ରାତି ୨ଟା ବେଳେ ଖାଇବର ପଖତୁନଖ୍ୱା ପ୍ରଦେଶର ଏକ ଗାଁ ଉପରେ ବାୟୁସେନା ଯୁଦ୍ଧ ବିମାନରୁ ବୋମା ବର୍ଷା କରାଯିବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଥିବା କୁହାଯାଉଛି। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ପାକିସ୍ତାନ ଚୀନ ନିର୍ମିତ ଜେଟରୁ ବୋମାମାଡ଼ କରିଥିବା କୁହାଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଯୋଗୁଁ ମୃତ୍ୟୁ ଘଟିଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ରାତି ଦୁଇଟାରେ ଲୋକ ଶୋଇଥିବା ବେଳେ ତିରା ଉପତ୍ୟକାର ମାତ୍ରେ ଡାରା ଗାଁରେ ପାକିସ୍ତାନୀ ବାୟୁସେନା ଚୀନ୍‌ର ବିମାନ ଜେଏଫ୍-୧୭ରୁ ୮ଟି ଏଲ୍‌ଏସ୍-୬ ବୋମାମାଡ଼ କରିଥିଲା। ଏହା ଏକ ନରସଂହାର ଭଳି ସ୍ଥିତି ସୃଷ୍ଟି କରିଛି। ବୋମାମାଡ଼ ପରେ ଘଟଣାସ୍ଥଳର ବିଚଳିତ କଲା ଭଳି ଚିତ୍ର ସାମ୍ନାକୁ ଆସିଛି ଓ ଏହା ଭାଇରାଲ ହୋଇଛି। ମୃତଦେହଗୁଡିକ ବୀଭତ୍ସ ଭାବେ ଏପଟେ ସେପଟେ ପଡ଼ି ରହିଥିବା ବେଳେ ଆହତ ବ୍ୟକ୍ତିମାନେ ମଧ୍ୟ ଚିକିତ୍ସା ଅପେକ୍ଷାରେ ଚିତ୍କାର କରୁଥିବା ଦେଖାଯାଇଛି। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଆଶାଙ୍କା କରାଯାଉଛି।

ଏହି ଘଟଣା ନେଇ ପାକିସ୍ତାନ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇନାହିଁ। ତେବେ ବୋମା ମାଡ଼ ଏତେ ଭୟଙ୍କର ଥିଲା ଯେ, ଅଧା ଗାଁ ଧ୍ୱଂସ ହୋଇଯାଇଛି। କିଛି ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେପିକେରେ ଆତଙ୍କବାଦ ବିରୋଧୀ ଅଭିଯାନ ଚାଲୁଛି ଓ ଏଥିପାଇଁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଅଶାନ୍ତ ରହିଛି ଓ ପାକ୍ ସରକାରଙ୍କ କର୍ତ୍ତୃତ୍ୱ ଏଠାରେ ପ୍ରାୟ ନାହିଁ କହିଲେ ଚଳେ। ଏଠାରେ ଚାଲିଥିବା ଆତଙ୍କବାଦୀ ନିପାତ ଅଭିଯାନରେ ଅନେକ ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି।

ଆତଙ୍କବାଦୀ ସଂଗଠନ ତେହରିକ-ଇ- ତାଲିବାନ (ଟିଟିପି)କୁ ଟାର୍ଗେଟ କରି ବାୟୁସେନା ଏହି ବୋମା ମାଡ଼ କରିଥିଲା। କିନ୍ତୁ ଏହା ଗାଁ ଉପରେ ପଡ଼ିଥିଲା ଓ ସାଧାରଣ ଲୋକ ପ୍ରାଣ ହରାଇଥିଲେ ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମ ଉଲ୍ଲେଖ କରିଛନ୍ତି। ଗତ କିଛି ଦିନ ମଧ୍ୟରେ କେପିକେରେ ଆତଙ୍କବାଦୀଙ୍କ ବିରୋଧରେ କେତୋଟି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଆଫଗାନିସ୍ତାନ ସୀମାରେ ଥିବା ପାହାଡି ଅଞ୍ଚଳକୁ ଲାଗି ରହିଛି। ତେଣୁ ଏହାକୁ ଟିଟିପି ତଥା ଆତଙ୍କବାଦୀଙ୍କ ଚରାଭୂଇଁ ବୋଲି କୁହାଯାଇଥାଏ। ଏହି ଅଞ୍ଚଳରେ ଆତଙ୍କବାଦୀଙ୍କର ଏକାଧିକ ଠିକଣା ରହିଛି। କିଛିଦିନ ତଳେ ଏଠାରେ ହୋଇଥିବା ଆକ୍ରମଣରେ ୭ ଜଣ ଟିଟିପି ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ପାକିସ୍ତାନ ସେନା ତରଫରୁ କୁହାଯାଇଥିଲା। ଚଳିତବର୍ଷ ଅଗଷ୍ଟ ପର୍ଯ୍ୟନ୍ତ କେପିକେରେ ୬୦୫ଟି ଆତଙ୍କବାଦୀ ସମ୍ପର୍କିତ ଘଟଣା ଘଟିଥିଲା। ଏଥିରେ ୧୩୮ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୫୨ ଜଣ ଆହତ ହୋଇଥିଲେ। ସେହିପରି ୭୯ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩୦ ଜଣ ଆହତ ହୋଇଥିଲେ ବୋଲି କୁହାଯାଇଥିଲା। କେବଳ ଅଗଷ୍ଟରେ କେପିକେରେ ୧୨୯ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୧୯୮୯ରେ ସୋଭିଏତ ୟୁନିୟନ ଚାଲିଯିବା ପରେ ଏହି ଅଞ୍ଚଳରେ ଆରମ୍ଭ ହୋଇଥିବା ଅରାଜକତା ଏପର୍ଯ୍ୟନ୍ତ ଚାଲୁ ରହିଛି।

# ୨୪ ଘଣ୍ଟାରେ ୪ ଦେଶ ପାଲେଷ୍ଟାଇନ୍‌କୁ ଦେଲେ ମାନ୍ୟତା

ଲଣ୍ଡନ, ୨୨।୯ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅସ୍ଥିରତାର କେନ୍ଦ୍ର ବିନ୍ଦୁ କୁହାଯାଉଥିବା ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବାରେ ଏବେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ବିକଶିତ ଦେଶ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଦେଶଗୁଡିକ ହେଲେ ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ ଓ ପର୍ତ୍ତୁଗାଲ। ଫଳରେ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାରେ ଏବେ ଦେଶଗୁଡିକର ସଂଖ୍ୟା ୧୫୦ରେ ପହଞ୍ଚିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର ଦୁଇ ରାଷ୍ଟ୍ର ସମାଧାନ ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି କହିଛନ୍ତି। ସେହିପରି ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବା ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି ପର୍ତ୍ତୁଗାଲ ବୈଦେଶିକ ମନ୍ତ୍ରୀ ପାଓଲୋ ରାଙ୍ଗେଲ କହିଛନ୍ତି। ଏହା ଦ୍ୱାରା ଗାଜାରେ ଇସ୍ରାଏଲର ଆକ୍ରମଣ ଓ ମାନବୀୟ ସଙ୍କଟ କମ୍ ହେବ ଓ ଇସ୍ରାଏଲ ଉପରେ ଏ ନେଇ ଚାପ ବୃଦ୍ଧି ପାଇବ। ତେବେ ଆମେରିକା ଏବେ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ମାନ୍ୟତା ଦେଇନାହିଁ। ଫ୍ରାନ୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ପୂର୍ବରୁ ଘୋଷଣା କରିସାରିଛି ଓ ଜାତିସଂଘରେ ମାନ୍ୟତା ଦେବା ସପକ୍ଷରେ ଭୋଟ ଦେବାକୁ ଘୋଷଣା କରିସାରିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ଭିଡିଓ ବାର୍ତ୍ତାଦେଇ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଆମେରିକାର ନିକଟତମ ବନ୍ଧୁ ଦେଶଗୁଡିକ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେଉଛନ୍ତି।

**୧୫୦ ଦେଶ ସମର୍ଥନ କରିସାରିଛନ୍ତି**

**ଏବେ ମଧ୍ୟ ଆମେରିକାର ବିରୋଧ**

ସେପଟେ ଏଭଳି ପଦକ୍ଷେପ ଆତଙ୍କବାଦକୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ଜୋର୍ଡାନ ନଦୀର ପଶ୍ଚିମରେ ପାଲେଷ୍ଟାଇନ ଦେଶ ସୃଷ୍ଟି ହେବ ନାହିଁ। ସେହିପରି ୱେଷ୍ଟବ୍ୟାଙ୍କରେ ଇହୁଦୀ ବସ୍ତିକୁ ଦୁଇଗୁଣା କରାଯାଇଛି ଓ ଏହାକୁ ଆହୁରି ବୃଦ୍ଧି କରାଯିବ। ଆମେରିକାରୁ ଫେରିବା ପରେ ଯାଇ ଏହି ମାନ୍ୟତା ଦେବା ପ୍ରକ୍ରିୟାକୁ ନେଇ ଜବାବ ଦେବେ ବୋଲି ନେତାନ୍ୟାହୁ କହିଛନ୍ତି। ଗାଜାରେ ଦୁଇବର୍ଷ ହେବ ଚାଲିଥିବା ଯୁଦ୍ଧରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦୁର୍ଭିକ୍ଷ, ଧ୍ୱଂସର ଚିତ୍ର ସାରା ବିଶ୍ୱକୁ ବ୍ୟଥିତ କରିଛି। ଇସ୍ରାଏଲର ଲଗାତର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ବିଶ୍ୱରେ ସ୍ୱର ପରିବର୍ତ୍ତନ ହେବାରେ ଲାଗିଛି। ଫଳରେ ବହୁ ଦେଶ ଏବେ ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବାକୁ ଆଗଭର ହୋଇଛନ୍ତି।

## ବିନା ଆକ୍ରମଣରେ ପିଓକେ ଫେରିଆସିବ: ରାଜନାଥ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ନେଇ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ବିନା କୌଣସି ଯୁଦ୍ଧ, ସଂଘର୍ଷ ଓ ଲଢ଼େଇରେ ପିଓକେ ସ୍ୱତଃ ଭାରତରେ ମିଶିଯିବ ବୋଲି ସେ କହିଛନ୍ତି। ପିଓକେର ଲୋକ ସ୍ୱାଧୀନତା ପାଇଁ ଦାବି କରିଆସୁଛନ୍ତି ଓ ଏମିତି ଗୋଟିଏ ଦିନ ଆସିବ ସେମାନେ 'ମୁଁ ବି ଭାରତ' ବୋଲି କହି ଗର୍ବ କରିବେ। ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ମୋରୋକ୍କୋ ରାଜଧାନୀ ରାବାଟ୍‌ରେ ଭାରତୀୟ ସମୁଦାୟ ସହ କଥା ହେବା ବେଳେ ରାଜନାଥ ଏହି କଥା କହିଛନ୍ତି। ୫ ବର୍ଷ ପୂର୍ବେ କାଶ୍ମୀରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଥିବା ମନେ ପକାଇଦେଇଥିଲେ। ମେ ୭ରେ ଅପରେସନ ସିନ୍ଦୂର ଅବସରରେ ଆମେ ପିଓକେ ପୁଣି ହାସିଲ କରିବାର ସୁଯୋଗ ହାତଛଡା କରିଛୁ। ହଠାତ ଅସ୍ତ୍ର ବିରତି ଘୋଷଣା କରିବା ଫଳରେ ଭାରତ ଏହି ସୁଯୋଗ ହାତଛଡ଼ା କରିଥିଲା ବୋଲି ବିରୋଧୀ ଦଳର ନେତାମାନେ ଆକ୍ଷେପ କରି କହିଥିଲେ। ଫଳରେ ଏଭଳି ସ୍ଥିତିରେ ରାଜନାଥଙ୍କ ଏହି ମନ୍ତବ୍ୟ ଗୁରୁତ୍ୱ ବହନ କରୁଛି। ଭବିଷ୍ୟତରେ ଆମ ସରକାର ଯେକୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣକୁ କଡ଼ା ଜବାବ ଦେବା ନେଇ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଅପରେସନ ସିନ୍ଦୂର କେବଳ ରୋକା ଯାଇଛି ଓ ଆବଶ୍ୟକ ପଡ଼ିଲେ ପୁଣି ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ ଧର୍ମ ନୁହଁ କର୍ମ ଦେଖି ମାରିଛୁ ବୋଲି ସେ କହିଛନ୍ତି।

## ୫୮ ବର୍ଷ ପରେ ଜାତିସଂଘ ମହାସଭାରେ ସିରିଆ

ୱାଶିଂଟନ, ୨୨।୯ (ଏଜେନ୍ସି): ପଶ୍ଚିମ ଏସିଆ ଦେଶ ସିରିଆ ପାଖାପାଖି ୬ ଦଶନ୍ଧି ପରେ ଜାତିସଂଘ ଜେନେରାଲ ଆସେମ୍ବ୍ଲି ବା ମହାସଭାରେ ସାମିଲ ହେବ। ୫୮ ବର୍ଷ ପରେ ସିରିଆକୁ ଏହି ସୁଯୋଗ ମିଳିଥିବାରୁ ସିରିଆ ରାଷ୍ଟ୍ରପତି ଅହମ୍ମଦ ଅଲ- ଶରା ରବିବାର ନ୍ୟୁୟର୍କ ପହଞ୍ଚିଛନ୍ତି। ସେ ଜାତିସଂଘ ୮୦ତମ ମହାସଭାରେ ଅଂଶଗ୍ରହଣ କରିବେ। ମହାସଭା ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପୂର୍ବରୁ ୧୯୬୭ରେ ସେତେବେଳର ରାଷ୍ଟ୍ରପତି ନୁର ଅଲ-ଦିନ ଅଲ-ଅତାସୀ ୟୁଏନ୍‌ଜିଏରେ ଅଂଶଗ୍ରହଣ କରିଥିଲେ। ଏହାପରେ ସିରିଆରେ ଅସଦ ପରିବାର (ହାଫିଜ ଅସଦ ଓ ବସର ଅସଦ) ଦୀର୍ଘ ୫୦ ବର୍ଷ ଧରି ଶାସନ କରିଥିଲେ। ଗତବର୍ଷ ଅସଦ ପରିବାରକୁ ଶାସନରୁ ବିତାଡିତ କରି ଅଲ-ଶରା ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ସିରିଆ ସରକାର ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡିକ ସହ ରାଜନୈତିକ ତଥା କୂଟନୈତିକ ସମ୍ପର୍କ ସୁଧାରିବାକୁ ପ୍ରୟାସ କରିବେ। ଇସ୍ରାଏଲ ସହିତ ସିରିଆର ଏବେ ସମ୍ପର୍କ ସେତେଟା ଭଲ ନଥିବା ବେଳେ ଏହାକୁ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।

ଅହମଦାବାଦ ବିମାନ ଦୁର୍ଘଟଣା

# ପାଇଲଟଙ୍କ ତ୍ରୁଟିକୁ ନେଇ ଚର୍ଚ୍ଚା ଦୁର୍ଭାଗ୍ୟଜନକ: ସୁପ୍ରିମକୋର୍ଟ

**କେନ୍ଦ୍ର, ଡିଜିସିଏ, ଏଏଆଇବିଠାରୁ ଜବାବ ମାଗିଲେ**



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଅହମଦାବାଦ୍‌ରେ ହୋଇଥିବା ବିମାନ ଦୁର୍ଘଟଣାରେ ପାଇଲଟ୍‌ଙ୍କ ତ୍ରୁଟି ଥିବା ନେଇ ହେଉଥିବା ଚର୍ଚ୍ଚାକୁ ଦୁର୍ଭାଗ୍ୟଜନକ ଓ ଅବସୋସଜନକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ କୋର୍ଟ ସୋମବାର କେନ୍ଦ୍ର ସରକାର, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଓ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଠାରୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଏନ୍‌କେ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେସନ ନାମକ ଏନ୍‌ଜିଓ ଦ୍ୱାରା କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏଏଆଇବି, ଡିଜିସିଏକୁ ନୋଟିସ ଜାରି କରିଛନ୍ତି। କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁର୍ଘଟଣାର ତଦନ୍ତ ସ୍ୱତନ୍ତ୍ର ଭାବେ କରାଇବାକୁ ଏହି ଏନ୍‌ଜିଓ ଦାବି କରିଛି। ଦୁର୍ଘଟଣାର ତଦନ୍ତ ନେଇ ପ୍ରାରମ୍ଭିକ ରିପୋର୍ଟରେ ଆବଶ୍ୟକ ସୂଚନାକୁ ଲୁଚାଇବାକୁ ପ୍ରୟାସ କରାଯାଇଛି। ଏହା ଦ୍ୱାରା ନାଗରିକଙ୍କ ଜୀବନ, ସମାନତା ଓ ପ୍ରକୃତ ସୂଚନା ପାଇବାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ଏନ୍‌ଜିଓ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ବିମାନ ଟେକଅପ୍ କରିବାର କିଛି ସେକେଣ୍ଡ ପରେ ଏକ ମେଡିକାଲ କଲେଜ ହଷ୍ଟେଲ ବିଲ୍ଡିଂରେ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଏଥିରେ ମୋଟ୍ ୨୬୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟିବାର ୧୦୦ ଦିନ ବିତିଯାଇଥିଲେ ମଧ୍ୟ କେବଳ ପ୍ରାରମ୍ଭିକ ରିପୋର୍ଟ ଜାରି ହୋଇଛି ବୋଲି ଏନ୍‌ଜିଓ ତରଫରୁ ଓକିଲ ପ୍ରଶାନ୍ତ ଭୂଷଣ କୋର୍ଟରେ କହିଛନ୍ତି। ନିରପେକ୍ଷ ଯାଞ୍ଚ ହେବା ନେଇ ହେଉଥିବା ଦାବି ଠିକ୍। କିନ୍ତୁ ସବୁ ନିଷ୍କର୍ଷକୁ ସାର୍ବଜନୀନ କରାଯିବା ଯାଞ୍ଚ ପ୍ରଭାବିତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜୁଲାଇ ୧୨ରେ ଏଏଆଇବି ଦୁର୍ଘଟଣାର ରିପୋର୍ଟ ଜାରି କରିଥିଲା। ଏଥିରେ ଦୁଇ ପାଇଲଟଙ୍କ ମଧ୍ୟରେ କଥାବାର୍ତ୍ତା ବିଷୟରେ ଉଲ୍ଲେଖ କରାଯାଇଥିଲା।

## ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିକୁ ବୃଦ୍ଧି କରିବାକୁ ପୁଟିନ ରାଜି

ମସ୍କୋ, ୨୨।୯ (ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନ୍ୟୁ ଷ୍ଟ୍ରାଟେଜିକ ଆର୍ମ୍ସ ରିଡକସନ ଟ୍ରିଟି (ନ୍ୟୁ ଷ୍ଟାର୍ଟ)କୁ ଗୋଟିଏ ବର୍ଷ ବୃଦ୍ଧି କରିବାକୁ ଇଚ୍ଛା ଜାହିର କରିଛନ୍ତି ଓ ଏଥିପାଇଁ ରୁଷ୍ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ସେ ଗୋଟିଏ ସର୍ତ୍ତ ରଖିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଥିପାଇଁ ପ୍ରସ୍ତୁତ ହେବା ସହ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି। ୨୦୧୦ରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ଦୁଇ ମହାଶକ୍ତିଙ୍କ ମଧ୍ୟରେ ଶେଷ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ବୁଝାମଣା ଥିଲା। ଏହି ଚୁକ୍ତି ଅନୁସାରେ ଦୁଇଦେଶ ପାଖରେ ଥିବା ପରାମାଣୁ ଅସ୍ତ୍ର, ମିସାଇଲ ଓ ବମ୍ବରଗୁଡିକର ସଂଖ୍ୟା ଉପରେ କଟକଣା ଲାଗୁ ହୋଇଥିଲା। ଏହି ଚୁକ୍ତିକୁ ଆଗକୁ ବଢ଼ାଇବା ବିଶ୍ୱ ପାଇଁ ହିତକର ବୋଲି ପୁଟିନ କହିଛନ୍ତି। ତେବେ ଏ ନେଇ ଆମେରିକା ତା'ର ପ୍ରତିକ୍ରିୟା ଦେଇ ନାହିଁ। ସେତେବେଳେର ରାଷ୍ଟ୍ରପତି ବାରାକ ଓବାମା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

## ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି କଂଗ୍ରେସ: ପ୍ରଧାନମନ୍ତ୍ରୀ



ଇଟାନଗର, ୨୨।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ସୋମବାର ତ୍ରିପୁରା ପହଞ୍ଚିଛନ୍ତି। ଗୋମତି ଜିଲ୍ଲାରେ ସେ ପୁନଃନିର୍ମିତ ତ୍ରିପୁର ସୁନ୍ଦରୀ ମନ୍ଦିରର ଉଦ୍‌ଘାଟନ କରିଛନ୍ତି। ଏହି ମନ୍ଦିର ଦେଶରେ ଥିବା ୫୧ଟି ଶକ୍ତିପୀଠରୁ ଅନ୍ୟତମ। କେନ୍ଦ୍ର ସରକାରଙ୍କ ପିଲଗ୍ରିମେଜ ରେଜୁଭେନସନ ଆଣ୍ଡ ସ୍ପିରିଚୁଆଲିଟି ଅଗୁମେଣ୍ଟେସନ ଡ୍ରାଇଭ (ପ୍ରସାଦ) ଯୋଜାନ ଅନୁସାରେ ଏହି ମନ୍ଦିରର ପୁନଃନିର୍ମାଣ ପାଇଁ ୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀ ଅରୁଣାଚଳ ଓ ତ୍ରିପୁରା ଗସ୍ତରେ ଅଛନ୍ତି। ଏହାପୂର୍ବରୁ ଇଟାନଗରରେ ପହଞ୍ଚି ସେ ୫, ୧୦୦ କୋଟି ଟଙ୍କାର ନୂଆ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେ କଂଗ୍ରେସର ସମାଲୋଚନା କରି କହିଛନ୍ତି ଯେ ଏହି ଦଳର ସରକାର ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି। ଏବେ ମୋତେ ସେବା କରିବାର ସୁଯୋଗ ମିଳିଛି। କଂଗ୍ରେସର ଏହି ଚିନ୍ତାଧାରାରୁ ଦେଶକୁ ମୁକ୍ତି ମିଳିଛି। ଯେଉଁ ଉତ୍ତରପୂର୍ବାଞ୍ଚଳକୁ କଂଗ୍ରେସ ଭୁଲି ଯାଇଥିଲା, ସେଠାରେ ୨୦୧୪ରେ ପରେ ବିକାଶକୁ ପ୍ରାଥମିକତା ଦିଆଯାଇଛି। ଉତ୍ତରପୂର୍ବାଞ୍ଚଳର ୮ଟି ରାଜ୍ୟକୁ ଆମେ ଅଷ୍ଟଲକ୍ଷ୍ମୀ ବୋଲି ବିବେଚନା କରୁଛୁ। ଏହି ୮ଟି ରାଜ୍ୟ ହେଲା ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା। ଏହି ୮ଟି ରାଜ୍ୟ ବିକାଶର ଶୀର୍ଷକୁ ଛୁଇଁବ ବୋଲି ସେ କହିଛନ୍ତି।

# ମହାକାଶରେ ଉପଗ୍ରହର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍'



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ମହାକାଶରେ ଦିନକୁ ଦିନ ବୃଦ୍ଧି ପାଉଥିବା ବିପଦ ଓ ଶତ୍ରୁ ଦେଶଗୁଡିକର ଗିତିବିଧିକୁ ଲକ୍ଷ୍ୟ କରି ଭାରତ ସରକାର ନିଜର ଉପଗ୍ରହଗୁଡିକର ସୁରକ୍ଷା ପାଇଁ ନୂଆ ଯୋଜନା ହାତକୁ ନେବାକୁ ଯାଉଛି। ଏଥିପାଇଁ ଭାରତ ସରକାର ଏବେ ନିଜ ଉପଗ୍ରହଗୁଡିକର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍' ତିଆରି କରିବାକୁ ଯୋଜନା କରୁଛି। ଏହି ବଡିଗାର୍ଡ ସାଟେଲାଇଟ୍ ଭାରତୀୟ ଉପଗ୍ରହଗୁଡିକୁ ସୁରକ୍ଷା ଦେବା ସହ ସବୁପ୍ରକାର ସନ୍ଦିଗ୍ଧ ଗତିବିଧି ନେଇ ତୁରନ୍ତ ସୂଚନା ଦେବ। ୨୦୨୪ ମଧ୍ୟ ଭାଗରେ ଏକ ପଡୋଶୀ ଦେଶର ଉପଗ୍ରହ ଇସ୍ରୋ ଉପଗ୍ରହଠାରୁ ମାତ୍ର ୧ କିମି ଦୂରରେ ଚାଲିଯାଇଥିଲା। ଏହାକୁ ଲକ୍ଷ୍ୟ ରଖି ଭାରତ ଏବେ ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ସରକାର ଏବେ ଷ୍ଟାର୍ଟଅପ୍ ସହିତ ମିଶି ଏଲଆଇଡିଏଆର ସଟେଲାଇଟ୍ ଓ ଗ୍ରାଉଣ୍ଡ ବେସ୍‌ଡ ରାଡାର ଭଳି ସିଷ୍ଟମ ଉପରେ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ବହୁ ପୂର୍ବରୁ ବିପଦକୁ ଚିହ୍ନଟ କରି ଉପଗ୍ରହଗୁଡିକୁ ସୁରକ୍ଷିତ ସ୍ଥାନକୁ ପଠାଯାଇପାରିବ। ଉଲ୍ଲେଖଥାଉ କି ଭାରତ ପାଖରେ ଏବେ ୧୦୦ରୁ ଉର୍ଦ୍ଧ୍ୱ ଉପଗ୍ରହ ରହିଥିବା ବେଳେ ଚୀନ୍ ପାଖରେ ୯୩୦ରୁ ଉର୍ଦ୍ଧ୍ୱ ଓ ପାକିସ୍ତାନ ପାଖରେ ୮ଟି ଉପଗ୍ରହ ରହିଛି। ପୂର୍ବରୁ ଗତ ଜୁନ୍‌ରେ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତ୍ ଅନ୍ତରୀକ୍ଷ ସୁରକ୍ଷା ନେଇ ଚେତାବନୀ ଦେଇଥିଲେ। ଅନ୍ତରୀକ୍ଷ ହେଉଛି ସବୁଠାର ଉଚ୍ଚ ଓ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର। ଆମକୁ ଏହାକୁ ସୁରକ୍ଷିତ ରଖିବାକୁ ପଡ଼ିବ। ନହେଲେ ଆମକୁ ଭବିଷ୍ୟତରେ କୌଣସି ସୂଚନା ମିଳିବା କଷ୍ଟକର ହେବ ବୋଲି ସେ ସତର୍କ କରାଇଥିଲେ। ସରକାର ୨୦୨୯ ସୁଦ୍ଧା ଅର୍ଥାତ ଆଗାମୀ ୪ ବର୍ଷରେ ୫୨ଟି ସ୍ୱତନ୍ତ୍ର ପ୍ରତିରକ୍ଷା ସାଟେଲାଇଟ୍ ମହାକାଶକୁ ପଠାଇବ। ଏହି ସାଟେଲାଇଟ୍‌ଗୁଡିକ ଅନ୍ତରୀକ୍ଷରେ ଭାରତର ଆଖି ଭଳି କର୍ଯ୍ୟକରିବ ଓ ଜଗି ରହିବ ଓ ପାକିସ୍ତାନ- ଚୀନ୍ ସୀମା ଉପରେ କ୍ରମାଗତ ନଜର ରଖିବ।

## କାନାଡାରେ ଆତଙ୍କବାଦୀ ପନ୍ନୁର ସହଯୋଗୀ ଗିରଫ

ଓଟ୍ଟାୱା, ୨୨।୯ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ ଫର ଜଷ୍ଟିସ (ଏସ୍‌ଏଫ୍‌ଜେ) ମୁଖ୍ୟ ପନ୍ନୁର ଜଣେ ଘନିଷ୍ଠ ସହଯୋଗୀ ଇନ୍ଦରଜିତ୍ ସିଂହ ଗୋସାଲ କାନାଡାରେ ଗିରଫ ହୋଇଛି। ଇନ୍ଦରଜିତ କାନାଡାରେ ଏସ୍‌ଏଫ୍‌ଜେର ଜଣ ବଡ଼ ସମର୍ଥକ ତଥା ପ୍ରଚାରକ। ୨୦୨୩ ଜୁନ୍‌ରେ ହରଦୀପ ସିଂ ନିଜ୍ଜର ମୃତ୍ୟୁବରଣ କରିବା ପରେ ସେ ଦାୟିତ୍ୱରେ ରହିଛି। ରାଜଧାନୀ ଓଟାୱାରେ ବିଭିନ୍ନ ମାମଲାରେ ସେ ମୁଖ୍ୟ ଅଭିଯୁକ୍ତ ରହିଛି। ସେ ପନ୍ନୁର ଡାହାଣ ହାତ ଥିଲା। ସେ ମଧ୍ୟ ଏକଦା ପନ୍ନୁର ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ଭାବେ କାର୍ଯ୍ୟ କରୁଥିଲା। ଇନ୍ଦରଜିତର ଗିରଫ୍ ହେବା ପଛରେ ଭାରତର ହାତ ଅଛି ବୋଲି କୁହାଯାଉଛି। ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ତରଫରୁ ଲାଗାତର କୂଟନୈତିକ ଚାପ ଫଳରେ ତାକୁ ଗିରଫ କରାଯାଇଛି। ୩୯ ବର୍ଷୀୟ ଇନ୍ଦରଜିତକୁ ଗତବର୍ଷ ନଭେମ୍ବରରେ ଗ୍ରେଟର ଟରୋଣ୍ଟରେ ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ମାମଲାରେ ଗିରଫ କରାଯାଇଥିଲା। ପରେ ତାକୁ କେତୋଟି ସର୍ତ୍ତରେ ଛାଡି ଦିଆଯାଇଥିଲା।

## ବଲାଙ୍ଗିରର ବିଭିନ୍ନ ଶକ୍ତିପୀଠରେ ମା'ଙ୍କ ଶୈଳପୁତ୍ରୀ ବେଶ


ବଲାଙ୍ଗିରର ମା' ସମଲେଶ୍ୱରୀ


କୁଶଙ୍ଗର ମା' କୁଶୁଙ୍ଗେଇ


ବଲାଙ୍ଗିରର ମା' ଦୁର୍ଗା

## ନିଶାମୁକ୍ତ ଭାରତ ଗଠନ ନିମନ୍ତେ ମାରାଥନ

# ନିଶା ନୁହେଁ; ଆମେ ଜୀବନ ଚାହୁଁ

**ନୂଆପଡ଼ା, ୨୨।୯ (ସମିସ):** ସେବା ପଖୱାଡା ଅବସରରେ ନୂଆପଡ଼ାରେ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ଏକ ମାରାଥନ ଦୌଡ଼ର ଆୟୋଜନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ମାରାଥନକୁ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ କାର୍ଯ୍ୟାଳୟରୁ ଶୁଭାରମ୍ଭ କରିଥିଲେ। ଏହା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଯାତ୍ରା କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା 'ନିଶାମୁକ୍ତ ଭାରତ ପାଇଁ ପ୍ରୟାସ'। ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଜିଲ୍ଲା ଫୁଟବଲ୍ ସଂଘ ସମ୍ପାଦକ ସରୋଜ ସାହୁ, ଜଳବିଭାଜିକା ପ୍ରକଳ୍ପ ଉପନିର୍ଦ୍ଦେଶକ ରଶ୍ମୀରଞ୍ଜନ ପାତ୍ର, ସିଡିଏମଓ ଡ. ଧନେଶ୍ୱର ସେଠୀ, ସିଡିଏଓ ପ୍ରଦୀପ ନାୟକ, ପରିସଂଖ୍ୟାନ ଉପ ନିର୍ଦ୍ଦେଶକ



ଦିଲେଶ୍ୱର ଧରୁଆ, ଡିଇଜିଏମ୍ ବିରେନ୍ଦ୍ର ଦଣ୍ଡସେନା, ଡିଆଇପି ଆରଓ ବିଦ୍ୟାପତି ପଣ୍ଡା, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପ ରଞ୍ଜନ ସାହୁ, ମିଶନ ଶକ୍ତି ଅଧିକାରୀ ସୁନିଲ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ସମାଜକୁ ନିଶା ରୂପକ ଦାନବ କବଳରୁ ରକ୍ଷା କରନ୍ତୁ। 'ଆମେ ନିଶା ନୁହେଁ ଜୀବନ ଚାହୁଁ' ଏହି ବାର୍ତ୍ତା ସମାଜର ପ୍ରତି ସ୍ତରରେ ପହଞ୍ଚାଇବା ପ୍ରୟାସ ସମସ୍ତେ କରିବା ବୋଲି କହିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ସହଯୋଗ କରିଥିଲେ।

### ୟୁରିଆ ସାର କଳାବଜାର

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଧର୍ମଗଡ଼, ୨୨।୯ (ସମିସ):** ଡବଲ ଇଞ୍ଜିନ ସରକାରରେ କୃଷି ଓ କୃଷକ ସଶକ୍ତିକରଣକୁ ମିଶନ ଭାବରେ ଗ୍ରହଣ କରି ବିଭିନ୍ନ ସମୟରେ ଅନେକ ପ୍ରକାର ଯୋଜନାମାନ ପ୍ରଣୟନ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ସଠିକ ଭାବରେ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁ ନ ଥିବାରୁ



ସରକାରଙ୍କ ଲକ୍ଷ ପୂରଣ ହେଉନଥିବା ଅଭିଯୋଗ ହେଉଛି। ସରକାର ଚାଷୀଙ୍କୁ ସହଜ ଓ ଉଚିତ ମୂଲ୍ୟରେ ସାର ଯୋଗେଇ ଦେବାପାଇଁ ସମବାୟ ସମିତି ମାଧ୍ୟମରେ ବ୍ୟବସ୍ଥା କରିଥିବା ବେଳେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ସମବାୟ ସମିତି ଗୁଡ଼ିକରେ ସଠିକ ଭାବରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ଦିଆଯାଉନଥିବା ଅଭିଯୋଗ ହୋଇଛି। ସମବାୟ ସମିତି ଗୁଡ଼ିକୁ ସାର ଯୋଗେଇଦେବା ପାଇଁ ସରକାରଙ୍କର ସାର ଯୋଗାଣର ମୁଖ୍ୟ ସଂସ୍ଥା ମାର୍କଫେଡ ରହିଥିବା ବେଳେ ସେ ମଧ୍ୟ ସଠିକ ସମୟରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗେଇ ପାରୁନାହିଁ। ଏହି ମାର୍କଫେଡ ସଂସ୍ଥା ପର୍ଯ୍ୟାପ୍ତ ପରିମାଣରେ ସାର ଉଠାଉଥିବା ବେଳେ କଣ ପାଇଁ ସମବାୟ ସମିତି ଗୁଡ଼ିକୁ ସାର ଯୋଗେଇ ପାରୁ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ସମବାୟ ସମିତିଗୁଡ଼ିକରେ ସାର ମିଳୁ ନ ଥିବାରୁ ବଜାରରେ ବେଆଇନ ଭାବରେ ବହୁ ବ୍ୟବସାୟୀମାନେ ଚଢ଼ା ଦରରେ ସାରବିକ୍ରି କରୁଥିବା ନଜିର ରହିଛି। ଫଳରେ ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚାଷୀ ସାର କିଣି ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସୋମବାର ଧର୍ମଗଡ଼ ଅଞ୍ଚଳର ଚାଷୀମାନେ ସରକାରଙ୍କ ପକ୍ଷରୁ ଚାଷୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗେଇ ଦେବାପାଇଁ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷା ମନୀଷା ମିଶ୍ର ଏବଂ ସମାଜସେବୀ ବିବେକ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ବ୍ଲକ ଏବଂ ପଞ୍ଚାୟତକୁ ଏକ ୟୁନିଟ ଭାବେ ନିଆଯାଇ ୟୁରିଆ ସାରର ସୁଚାରୁ ବଣ୍ଟନ ବ୍ୟବସ୍ଥା, ସାର ବଣ୍ଟନରେ ଅନ୍‌ଲାଇନ୍ ନିରୀକ୍ଷଣ ବ୍ୟବସ୍ଥାକୁ କଡ଼ାକଡ଼ି ସହିତ ଲାଗୁ କରିବା, କଳାବଜାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଦଲାଲ ବଦଳରେ ଉଚିତ ଚାଷୀଙ୍କୁ ଅଗ୍ରାଧିକାର ଦେଇ ସାର ବଣ୍ଟନ କରିବା ଭଳି ଦାବି ରହିଛି। ଦାବି ଗୁଡ଼ିକ ପୂରଣ କରିବା ସହ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳକୁ ଆବଶ୍ୟକ ମୁତାବକ ୟୁରିଆ ଯୋଗାଇ ନ ଦେଲେ କୃଷକ ସମାଜ ରାଜରାସ୍ତାକୁ ଓହ୍ଲାଇ ତୀବ୍ର ଆନ୍ଦୋଳନର ପନ୍ଥା ଆପଣାଇବାକୁ ବାଧ୍ୟ ହେବୁ ଚେତାବନୀ ଦେଇଛନ୍ତି।

# ନ୍ୟାସନାଲ ମହାବିଦ୍ୟାଳୟରେ ବିକଶିତ ଭାରତ କାର୍ଯ୍ୟକ୍ରମ

**ନୂଆପଡ଼ା, ୨୨।୯ (ସମିସ):** ସୋମବାର ନ୍ୟାସନାଲ ମହାବିଦ୍ୟାଳୟ ନୂଆପଡ଼ାରେ ବିକଶିତ ଭାରତ ବିଷୟରେ ଏକ କର୍ମଶାଳା ଓ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ବିଷୟ ବିଶେଷଜ୍ଞ ଡ. କମଳ କିଶୋର ପଣ୍ଡା ଯୋଗଦେଇ ବିକଶିତ ଭାରତ ୨୦୪୭ ବିଷୟକୁ ବିଦ୍ୟାର୍ଥୀଙ୍କ ଉଦେଶ୍ୟରେ ନିଜ ଅଭିଭାଷଣ ରଖିଥିବା ସହ ପ୍ରାଧ୍ୟାପକ ବିଧାନ ଚନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ବୈଦନାଥ ଗଡ଼ତିଆ ଓ କ୍ରୀଡ଼ା ଅଧ୍ୟାପକ ପ୍ରକାଶ ସାହୁ ଯୋଗ ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ବିଚାରକ ଜୟନ୍ତ ଖମାରି ଯୋଗ ଦେଇ ଚିତ୍ରାଙ୍କନ ବିଷୟରେ ପ୍ରତିଯୋଗୀଙ୍କୁ ଅବଗତ କରାଇଥିଲେ। ପ୍ରଥମସ୍ଥାନ ବ୍ରଜରାଜ ଗୋପାଳ (ଖଡ଼ିଆଳ ଡିଗ୍ରୀ ମହାବିଦ୍ୟାଳୟ), ଦ୍ୱିତୀୟ ସ୍ଥାନ ଦୁର୍ଗାପ୍ରସାଦ ବାରିକ (ମହାମାୟା ଡିଗ୍ରୀ ମହାବିଦ୍ୟାଳୟ), ତୃତୀୟସ୍ଥାନ ଟାର୍ଜନ ସିଂ ମାଝୀ (ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନୂଆପଡ଼ା) ଅଧିକାର କରିଥିବାବେଳେ କଳା ପ୍ରଦର୍ଶନକୁ ପ୍ରଶଂସା ସହ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଆ ଅଧ୍ୟାପକ ଗୋପୀଗୋପାଳ ସୁନା ସଭାକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ କପିଳ ଦେବ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦକ୍ଷିଣ ପୂର୍ବ ରେଲୱେ ଟ୍ରେଡ୍ ୟୁନିଅନ୍‌ର କାର୍ଯ୍ୟାଳୟ ଉଦ୍‌ଘାଟିତ



**ରାଉରକେଲା, ୨୨।୯ (ସମିସ):** ଦକ୍ଷିଣ ପୂର୍ବ ରେଲୱେ ଟ୍ରେଡ ୟୁନିଅନର କାର୍ଯ୍ୟାଳୟ ରାଉରକେଲାର ଆନନ୍ଦ ଭବନ ଲେନ୍‌ର ହାୟତ ପାଲେସର ପ୍ରଥମ ମହଲାରେ ଉଦ୍‌ଘାଟିତ ହୋଇଯାଇଛି। ୟୁନିଅନ୍‌ର ମୁଖ୍ୟ ଜାହାଙ୍ଗୀର ହକ୍‌ଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ୟାମଲ ସହାୟ, ଅହମ୍ମଦ ମେହେମୁଦ ସଇଦ ଅନୱର, ତାପସ ବାନାର୍ଜୀ, ଆର୍‌କେ ଭୁକ୍ତା, ଗଗନ ପଣ୍ଡା, ସୁଷମା ସିଂ, ସାଧନା ମଣ୍ଡଳ, ମହମ୍ମଦ ସଦା ଉଲ୍ଲା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚକ୍ରଧରପୁର ଡିଭିଜନ ୟୁନିଅନର ସାଧାରଣ ସମ୍ପାଦକ ତଥା ମଣ୍ଡଳ ସଂଯୋଜକ ଶ୍ରୀ ହକ୍ ଏହି କାର୍ଯ୍ୟାଳୟ ମାଧ୍ୟମରେ ବନ୍ଧମୁଣ୍ଡା, ରାଜଗାଙ୍ଗପୁର, ଝାରସୁଗୁଡ଼ା, ରେଲୱେ କଲୋନୀର କର୍ମଚାରୀଙ୍କୁ ସେବା ଓ ଏଠାକାର ଥିବା ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ ସହଜ ହେବା ସହ କାର୍ଯ୍ୟକ୍ରମଗୁଡିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମତ ରଖିଥିଲେ। ଏହି କାର୍ଯ୍ୟାଳୟରେ ଟ୍ରେଡ ୟୁନିଅନର ସମସ୍ତ ସଦସ୍ୟ ନିଜ ନିଜର ମତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିପାରିବେ ବୋଲି ସୂଚନା ଦିଆଯାଇଛି।

### ୭୦ ପୁରୁଣା ମଦ ଦୋକାନ ଖୋଲିବେ ସରକାର

**କୋଣାର୍କ ସ୍ପିନିଂ ମିଲ୍ ପୁନରୁଦ୍ଧାର ପ୍ରସଙ୍ଗ**

# ଅଟକିଛି ସୂତାକଳ ଖୋଲିବା ପ୍ରସ୍ତାବ

**ଭବାନୀପାଟଣା, ୨୨।୯ (ସମିସ)**

କଳାହାଣ୍ଡି ଜିଲ୍ଲାର ବହୁ ଚର୍ଚ୍ଚିତ କେସିଙ୍ଗା କୋଣାର୍କ ସ୍ପିନିଙ୍ଗ ମିଲକୁ ପୁନଃଉଦ୍ଧାର କରିବାପାଇଁ ବାରମ୍ବାର ଦାବି କରାଯାଉଛି। ସବୁ ଅଧିକାରୀ, ମନ୍ତ୍ରୀ ନେତାଙ୍କୁ କଳାହାଣ୍ଡି ବାସୀ ଗୁହାରି ଜଣାଇଛନ୍ତି। ସରକାର ଶେଷରେ ମଦରୁ ରାଜସ୍ୱ ପାଇବା ଆଶାରେ ୭୦ପୁରୁଣା ବନ୍ଦ ହୋଇଥିବା ମଦ ଦୋକାନ ଖୋଲିବା ନିଷ୍ପତ୍ତି ନେଇଛନ୍ତି। ମୋହନ ସରକାର ବିକଶିତ ଓଡ଼ିଶା ପ୍ରସଙ୍ଗରେ ମଦ କଥା ଭୁଲିନାହାନ୍ତି କି ମଦୁଆଙ୍କ ସମସ୍ୟା ପ୍ରତି ଅଣଦେଖା କରିନାହାନ୍ତି। ମଦ ପିଇ ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି ହେଉ କିମ୍ବା ମଦ ପିଇ ଗାଡ଼ି ଚଳାଇ ଦୁର୍ଘଟଣା ଗ୍ରାଫ୍ ଉପରକୁ ବଢ଼ିଲେ ବି ସରକାର ବିଚଳିତ ନ ଥିବା ଅନୁମାନ କରାଯାଉଛି। ସୂଚନା ଯୋଗ୍ୟ ଯେ, ପୂର୍ବ ଜିଲ୍ଲାପାଳ ଜିନିଙ୍ଗ ମିଲ ଏବଂ ସ୍ପିନିଙ୍ଗ ମିଲକୁ ଆର୍ଥିକ ଅନୁଦାନ ଦେବାପାଇଁ ରାଜ୍ୟ ସରକାରଙ୍କୁ ନିବେଦନ ଜଣାଇଥିଲେ। ଯଦି ଏହି ଆର୍ଥିକ ଆବଣ୍ଟନ ସ୍ପିନିଙ୍ଗ ମିଲ ଓ ଜିନିଙ୍ଗ ମିଲ ପାଇଁ କରାଯାଏ ତାହେଲେ ନିଶ୍ଚିତ ଭାବରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା



ଏବଂ ନବରଙ୍ଗପୁର ଜିଲ୍ଲାର ଚାଷୀ ଏଠି ଉପକୃତ ହେବା ସହ ବାର୍ଷିକ ୪୦ ହଜାର କର୍ମସଂସ୍ଥାନ ଯୋଗାଇବାରେ ସକ୍ଷମ ହେଇପାରିବ। ଏହା ଜିଲ୍ଲାରେ ୨ ହଜାର କ୍ୱିଣ୍ଟାଲ କପା ଉତ୍ପାଦନରୁ ଆରମ୍ଭ ହୋଇଥିଲା। ଯାହା ଏବେ ୭ ଲକ୍ଷ କ୍ୱିଣ୍ଟାଲ ଉତ୍ପାଦନରେ ପହଞ୍ଚିଲାଣି। ଯେଉଁଥିରେ ଗୋଟିଏ ନୁହେଁ ୩ଟି ସୂତାକଳ ଚାଲି ପାରିବ। ସରକାର କେବିକେ ଜିଲ୍ଲାର କପାକୁ ଆକଳନ କରି କାରଖାନା ଆରମ୍ଭ କରିଥିଲେ। କେବିକେ କପା ଆକଳନ କୁ ଦେଖିଲେ ୮ ଟି ସୂତାକଳ ଏହି କପାରେ ଚାଲି ପାରିବ। ଏଠୁ କପା ମହାରାଷ୍ଟ୍ର, ତାମିଲନାଡୁ, ଗୁଜୁରାଟ ଯାଇ ସେଠୁ ସୁତା ହୋଇ ପୁଣି ରାଜ୍ୟକୁ ଆସୁଛି। ଏଠି ସୂତାକଳ ଥିଲେ ବୁଣାକାର ଶସ୍ତାରେ ସୂତା ପାଆନ୍ତେ। ହେଲେ ନିଜ ଜିନିଷ ଅନ୍ୟ ରାଜ୍ୟକୁ ଯିବା ଫଳରେ ବୁଣାକାର ମହଙ୍ଗାରେ ସୂତା କିଣୁଛି। ସୂତାକଳର ଭାଗ୍ୟ ବଦଳିଲେ ମନ ବିଭିନ୍ନ କପଡ଼ା ପ୍ରସ୍ତୁତ ସାମଗ୍ରୀର ଚାହିଦା ବି ବୃଦ୍ଧି ଘଟିବା ସହିତ ବେପାରୀ ଓ ଶ୍ରମିକ ଲାଭବାନ ହୋଇପାରନ୍ତେ। ଗୁଜରାତ ଭଳି ରାଜ୍ୟରେ ପ୍ରଯ୍ୟାପ୍ତ କଞ୍ଚାମାଲ ନ ଥାଇ ସୂତାକଳ କାରଖାନାମାନ ସ୍ଥାପନ କରି ଇତିହାସ ସୃଷ୍ଟି କରିଛି। ଏଥିପ୍ରତି ତୁରନ୍ତ ରାଜ୍ୟସରକାର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। କୋଣାର୍କ ସ୍ପିନିଙ୍ଗ ମିଲର ପୁନଃ ଉଦ୍ଧାର ପାଇଁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କେବଳ ସେତିକି ନୁହେଁ ପୂର୍ବରୁ ଓଡ଼ିଶା ଉଚ୍ଚତମ ନ୍ୟାୟାଳୟରେ ଡ. ଭବାନୀଶଙ୍କର ନିଆଲ ଏବଂ ନୀଳମାଧବ ସିଂହ ଦେଓ ଦୁଇଜଣ ଜନସ୍ୱାର୍ଥ ମାମଲା ରୁଜୁ ମଧ୍ୟ କରିଥିଲେ। କୋଣାର୍କ ସୂତାକାଳ ଭାଗ୍ୟ ବଦଳିବ ନା ଇତିହାସ ପାଲଟୁଛି ତାହା ଆଗକୁ ଦେଖିବାକୁ ପଡ଼ିବ।

**ଲୋକଙ୍କ ସରକାର କାହାପାଇଁ ବ୍ୟସ୍ତ**

# ଦେଓଗାଁ ବ୍ଲକ୍‌ରେ ଜନଶୁଣାଣି ଶିବିର

**ଦେଓଗାଁ, ୨୨।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରୀୟରଞ୍ଜନ କୁମାରଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଶିବାଜୀ ଇଶଲୱର ଓ ଏସପି ଅଭିଳାଶ ଜୀ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ସମସ୍ୟାଗୁଡିକର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ୪୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବ୍ଲକ ଫାଟକ ସମ୍ମୁଖରେ ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ଶୈଳେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଭୋଇ, ମକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ, ହିତେଷ ଦଲାଇ, ଅତି ବିକାଶ ବାରିକ, ବିରେନ ଦଲାଇ, ବୁଦ୍ଧଦେବ ପରୁଆ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବିଭିନ୍ନ ଉନ୍ନୟନ କାମ କରିଥିବା ହିତାଧିକାରୀ ବିଲ୍ ପାଇ ନ ଥିବା ଏମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହିଯୋଜନାରେ ଅନୁଦାନ ମହଜୁଦ ଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ବିଲ୍ ହୋଇପାରୁ ନ ଥିବା ହିତାଧିକାରୀ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ସେହିପରି ବ୍ଲକର ୨୬ ପଞ୍ଚାୟତର ଏମବିକେ, ସିଆରପି ସିଏମମାନଙ୍କୁ ମାସିକ ପାଉଣା ଦିଆଯାଉନାହିଁ ବୋଲି ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ସେହିଭଳି ମକୁନ୍ଦପୁର ପଞ୍ଚାୟତ କୋଠା ପାଇଁ ଅନୁଦାନ ଆସିଛି। ସ୍ଥାନୀୟ ତହସିଲଦାର ସ୍ଥାନ ଚିହ୍ନଟ କରିବାରେ ଅଣଦେଖା କରୁଛନ୍ତି। ଏଣୁ ନିର୍ମାଣ କାମ ବିଳମ୍ବ ହେଉଛି ବୋଲି ମକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ସମିତିସଭ୍ୟ ଅଭିମନ୍ୟୁ ମାଝୀ ଲିଖିତଭାବେ ଅଭିଯୋଗ କରିଥିଲେ। ବହଲି ନିକଟ ସିଆଳବାହାଲିଗାଁରେ ଅଙ୍ଗନବାଡି କୋଠା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି; ହେଲେ ବିଲ୍ ହେଉ ନ ଥିବାରୁ ଠିକାଦାର ହସ୍ତାନ୍ତର କରୁ ନାହାନ୍ତି ବୋଲି ଅଭିଯୋଗ ହୋଇଥିଲା।

# ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ସିସି କ୍ୟାଟ୍‌ଡଙ୍କୁ ବିପଦ ବ୍ୟବସ୍ଥାପନ ପ୍ରଶିକ୍ଷଣ



**ଭବାନୀପାଟଣା, ୨୨।୯ (ସମିସ):** ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଏନସିସି କ୍ୟାଡେଟମାନଙ୍କ ପାଇଁ ଏକ ଦିବସୀୟ ବିପଦ ପ୍ରଶମନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପତ୍ର ଅନୁସାରେ ଏନସିସି କ୍ୟାଡେଟମାନଙ୍କ ଜରୁରୀ ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ତାଙ୍କର ଦକ୍ଷତା ବୃଦ୍ଧି ପାଇଁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ଓ ମନୁଷ୍ୟକୃତ ବିପଦ ଆପଦ ସମୟରେ କିପରି ଧନ ଜୀବନ ରକ୍ଷା କରାଯାଇ ପାରିବ, ସେ ସମ୍ବନ୍ଧରେ ବଲାଙ୍ଗିରସ୍ଥିତ ଓଡ୍ରାଫ୍ ୟୁନିଟ୍ ତରଫରୁ ଟ୍ରେନିଂ ଦିଆଯାଇଥିଲା। ହାବିଲଦାର ପ୍ରସନ୍ନ କୁମାର ଓ ଶ୍ରୀୟକାନ୍ତ ନାଗଙ୍କ ନେତୃତ୍ୱରେ ବିଶ୍ୱଜିତ ନାଏକ, ସୋମନାଥ ସାଇ, ସଚ୍ଚିଦାନନ୍ଦ ମେହେର, ଅଭୟ ବାଗ ଓ ପିଣ୍ଟୁ ଥନପତି ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଆର୍ମି ଏନ୍‌ସିସି, ନାଭାଲ ଏନସିସି ଓ ଏୟାର ଏନସିସିର ପ୍ରାୟ ୧୯୦ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ଏନ୍‌ସିସି ଅଫିସର ମେଜର ଡ. ଜୟଦେବ ସାହୁ, ସିନିୟର ଅଣ୍ଡର ଅଫିସର ଶୁଭ୍ରାଂଶୁ ଶେଖର ରାଉତ, କ୍ୟାଡେଟ୍ କ୍ୟାପଟାନ ସୌମ୍ୟ ରଞ୍ଜନ ନାୟକ, ସିଏସ୍‌ୟୁଓଏସ୍ ସିଦ୍ଧାର୍ଥ ଆଚାରି ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୩୪ ୟୁନିଟ୍ ସଂଗ୍ରହ

**କର୍ଲାମୁଣ୍ଡା, ୨୧।୯ (ସମିସ):** କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ନେତୃତ୍ୱରେ ୧୩ଟି ବ୍ଲକରେ ସେବାପକ୍ଷ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି। ଆଜି ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର, ଓବିସି ମୋର୍ଚ୍ଚା ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ବାଗ, କର୍ଲାମୁଣ୍ଡା ମଣ୍ଡଳ ସଭାପତି ଡୋଳାମଣି ଭୋଇ, ଯୋରାଡବରା ମଣ୍ଡଳ ସଭାପତି ଯତୀନ୍ଦ୍ର ସାହୁ, ଜିଲ୍ଲାପ୍ରତିନିଧି ସଞ୍ଜୟ ଜୈନ, ଏସ୍‌ସି ମୋର୍ଚ୍ଚା ଜିଲ୍ଲା ସଭାପତି ଗଣେଶ କୁମାର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ପ୍ରଭାତୀ ଭୋଇ ଓ ପୁଷ୍ପକାନ୍ତି କୁମାର, ଶୁଭ୍ରାଂଶୁ ଶେଖର ସାହୁ, ଟିକେଧର ରଣା, ଆଇଟିସେଲ ସଂଯୋଜକ ନରହରି ପଟ୍ଟନାୟକ, ରାଜେନ୍ଦ୍ର ମିଶ୍ର, ଲିଙ୍ଗରାଜ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୩୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## କର୍ଲାମୁଣ୍ଡାରେ ଜନଶୁଣାଣି ଶିବିର

**କର୍ଲାମୁଣ୍ଡା, ୨୨।୯ (ସମିସ):** କର୍ଲାମୁଣ୍ଡା ବ୍ଲକ ପରିସର ରାଜୀବଗାନ୍ଧୀ ସେବା ଭବନ ଠାରେ ସୋମବାର ଏକ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲାପାଳ ଜିଲ୍ଲାପାଳ ସଚିନ ପାୱାର, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ବିଡିଓ ଦେବେନ୍ଦ୍ର ସାମଲ, ତହସିଲଦାର ଅରୁଣ ବର୍ଗେ, ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକ ଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ୍ ୮୫ ଜଣ ଆବେଦନକାରୀ ନିଜ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ।

# ତରବୋଡ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା

**ନୂଆପଡ଼ା, ୨୨।୯ (ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ନରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ତରବୋଡ଼ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସଚିବ ଆଇନସେବା ପ୍ରାଧିକରଣ ନବନୀତା ଦାଶ, ସିଡିଏମଓ ଡା. ଧନେଶ୍ୱର ସେଠୀ, କୋମନା ବିଡିଓ ସର୍ବେଶ୍ୱର ଜାଲ, ସରପଞ୍ଚ ଶ୍ୟାମପୃଷ୍ଟି, ନାଏବ ସରପଞ୍ଚ ସୁଭାଗିନି ବାଗ ପ୍ରମୁଖ ଯୋଗ



ଦେଇଥିଲେ। ଏହି ପଞ୍ଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଜିଲ୍ଲାପାଳ ନବଜାତକ ଶିଶୁକନ୍ୟା ପ୍ରତୀକ୍ଷାକୁ କୋଳରେ ଧରି ତା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ତାହାର ପିତାମାତାଙ୍କୁ ଉପହାର ସହିତ ନୂତନ ଚାରାରୋପଣ ପାଇଁ ପ୍ରଦାନ କରିଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ପାଞ୍ଚ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ। ଏହାପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ସ୍ୱାଗତ କରିଥିଲେ। ନୂଆପଡ଼ା ଥରେମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷଣା ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଯାଇଥିଲା। ଆମେ ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାପରେ ବନ ବିଭାଗ ପକ୍ଷରୁ ଆୟୋଜିତ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ପକ୍ଷୀମାନଙ୍କ ପାଇଁ ବସା ଓ ମାଟି ନିର୍ମିତ ପାଣି ଏବଂ ଖାଦ୍ୟ ପାତ୍ର ଗଛରେ ଝୁଲାଇ ଦିଆ ଯାଇଥିଲା। ଏହି ଶିବିରକୁ କୋମନା ବିଡିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, କୋମନା ସିଡିପିଓ ଦେବକୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ, ବନବିଭାଗ, ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ।

# ଖୋ-ଖୋ ଚୟନ ଶିବିର ଉଦ୍‌ଯାପିତ

**ବଲାଙ୍ଗିର, ୨୨।୯ (ସମିସ):** ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ ଆଠଗାଁ ହାଇସ୍କୁଲରେ ଅନୁଷ୍ଠିତ ଖୋ-ଖୋ ଚୟନ ଶିବିର ଉଦ୍‌ଯାପିତ ହୋଇଚି। ବ୍ଲକ ଶିକ୍ଷା ବିଭାଗ ଦ୍ୱାରା



ମହିମୁଣ୍ଡା ଜୋନ, ଛତାପିପଲ ଜୋନ, ବହଲ ପଦର ଜୋନ ଓ ବିଲେଇସର୍ଡା ଜୋନର ପ୍ରାୟ ୧୦୦ ଜଣରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରୋହିତ ଯୋଷୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୁଇନ୍ତଲା ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନମୟୀ ପୁରୋହିତ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାର ଖୋ ଖୋ ଖେଳର ଉଦ୍ୟୋକ୍ତା ପଦ୍ମଚରଣ ଦାସ ଓ ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକ ଯୋଗ ଦେଇଥିଲେ। ଖେଳର ବିଶେଷତ୍ୱ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବ୍ଲକ କ୍ରୀଡା ସମ୍ପାଦକ ସୁଶାନ୍ତ ନାଗ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାଲେର ହାଇସ୍କୁଲ ଖେଳ ଶିକ୍ଷକ ହେମନ୍ତ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସନାତନ ବାଗ ଧନ୍ୟବାଦ ଦେଇଥିଲେ। ସେହିପରି ସ୍ଥାନୀୟ ଖେଳ ଶିକ୍ଷକ ପ୍ରଦ୍ୟୁମ୍ନ ରାଉତ, ଖେଳ ଶିକ୍ଷକ ବୁଦ୍ଧିରାଜ ବିଶ୍ୱାଳ, ଦେବୀ ପ୍ରସାଦ ରାଉତ, ଯଶୋବନ୍ତ ନାଏକ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସୂଚାରୁ ରୂପେ ଖେଳ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ।

# ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ

## ଦକ୍ଷିଣ ଆଫ୍ରିକା ଟି-୨୦ ଓ ଦିନିକିଆ ଦଳରେ ସାମିଲ



ଜୋହାନ୍ସବର୍ଗ, ୨୨।୯ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ୱିକେଟ୍‌କିପର ବ୍ୟାଟର୍ କ୍ୱିଣ୍ଟନ ଡି କକ୍ ଦିନିକିଆ ଅବସରରୁ ୟୁ-ଟର୍ନ ନେଇଛନ୍ତି। ୫୦ ଓଭର ଫର୍ମାଟ୍‌ରୁ ଅବସର ନେବାର ଦୀର୍ଘ ୨ ବର୍ଷ ପରେ ଡି କକ୍‌ଙ୍କୁ ପୁଣିଥରେ ଜାତୀୟ ଦଳରେ ସ୍ଥାନ ମିଳିଛି। ଆଗାମୀ ପାକିସ୍ତାନ ବିପକ୍ଷ ଟୁର୍ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଥିଲା। ଉଭୟ ଦିନିକିଆ ଓ ଟି-୨୦ ଦଳରେ ୩୨ ବର୍ଷୀୟ ଡି କକ୍‌ଙ୍କୁ ସାମିଲ କରାଯାଇଛି। ପାକିସ୍ତାନ ଗସ୍ତରେ ଯାଇ ଦକ୍ଷିଣ ଆଫ୍ରିକା ଅକ୍ଟୋବର ୧୨ରୁ ପ୍ରଥମେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହାପରେ ଦୁଇ ଦଳ ମଧ୍ୟରେ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡି କକ୍ ୨୦୨୧ରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ଏହାପରେ ଭାରତରେ ୨୦୨୩ରେ ଅନୁଷ୍ଠିତ ବିଶ୍ୱକପ୍ ପରେ ସେ ଦିନିକିଆ ଫର୍ମାଟ୍‌କୁ ଅଲ୍‌ବିଦା କହିଥିଲେ। କିନ୍ତୁ ସେ ଟି-୨୦ କ୍ରିକେଟ୍‌ରେ ସକ୍ରିୟ ଥିଲେ। ୨୦୨୪ ଜୁନରେ ସେ ତାଙ୍କର ଶେଷ ଟି-୨୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ପାଇଁ ଖେଳିଥିଲେ। ଏବେ ପାଖାପାଖି ଦେଢ଼ବର୍ଷ ପରେ ସେ ଟି-୨୦ ଦଳକୁ ଫେରିଛନ୍ତି। ବାମହାତୀ ବ୍ୟାଟର୍ ଡି କକ୍ ଦକ୍ଷିଣ ଆଫ୍ରିକା ପାଇଁ ୧୫୫ ଦିନିକିଆ ଓ ୯୨ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୭୭୦ ରନ ଓ ୨୫୮୪ ରନ ସଂଗ୍ରହ କରିଛନ୍ତି।

# ଶ୍ରୀଲଙ୍କା-ପାକିସ୍ତାନ ପାଇଁ କର ବା ମର ସ୍ଥିତି

ଆବୁଧାବି, ୨୨।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସୁପର୍-୪ ମୁକାବିଲା ଖେଳାଯିବ। ଉଭୟ ଦଳ ଏଥିପୂର୍ବରୁ ସୁପର୍-୪ ପର୍ଯ୍ୟାୟରେ ନିଜ ନିଜର ପ୍ରଥମ ମ୍ୟାଚରେ ପରାଜୟର ସମ୍ମୁଖୀନ ହୋଇଥିଲେ। ଶ୍ରୀଲଙ୍କା ୪ ୱିକେଟ୍‌ରେ ବାଂଲାଦେଶ ନିକଟରୁ ପରାସ୍ତ ହୋଇଥିଲା। ସେହିଭଳି ପାକିସ୍ତାନ ୬ ୱିକେଟ୍‌ରେ ଭାରତ ନିକଟରୁ ହାରି ସୁପର୍-୪ ଅଭିଯାନ ଆରମ୍ଭ କରିଥିଲା। ତେଣୁ ଆସନ୍ତାକାଲିର ଏହି ମ୍ୟାଚ ଶ୍ରୀଲଙ୍କା ଓ ପାକିସ୍ତାନ ପାଇଁ କର-ବା-ମର ସ୍ଥିତି ସୃଷ୍ଟି କରିଛି। ଯେଉଁ ଦଳ ମଙ୍ଗଳବାର ମ୍ୟାଚରେ ବାଜିମାତ୍ କରିବ ସେହି ଦଳ ଫାଇନାଲ ଦୌଡ଼ରେ ତିଷ୍ଠି ରହିବ। ତେଣୁ ଉଭୟ ଦଳ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ। ଶ୍ରୀଲଙ୍କା ପାଇଁ ବ୍ୟାଟିଂରେ ଓପନର୍ ପାଥୁମ ନିଶାଙ୍କ ଭଲ ଫର୍ମରେ ରହିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ୧୪୬ ରନ ସଂଗ୍ରହ କରିସାରିଛନ୍ତି। ସେହିଭଳି ପାକିସ୍ତାନ ଓପନର ଶାହିବଜାଦା ଫରହାନ ୧୩୨ ରନ ସହ ଦଳ ପାଇଁ ଟପ୍ ସ୍କୋରର ରହିଛନ୍ତି। ଆବୁଧାବି ପିଚ୍ ଦ୍ରୁତ ବୋଲରଙ୍କୁ ସହାୟତା କରିବ। ତେଣୁ ଉଭୟ ଦଳ ଦୁଇ ଜଣ ଦ୍ରୁତ ବୋଲିଂ ସ୍ପେଶାଲିଷ୍ଟ ଓ ଜଣେ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବେ ବୋଲି ଅନୁମାନ କରାଯାଉଛି।

# ରୌଫ୍-ଫରହାନଙ୍କୁ ନେଇ ଅଡୁଆରେ ପାକିସ୍ତାନ

## ପଡ଼ିଆରେ 'ଆତଙ୍କବାଦୀ ମାନସିକତା'କୁ ପୂର୍ବତନ କ୍ରିକେଟରଙ୍କ ନିନ୍ଦା

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)



ଗୋଟିଏ ସପ୍ତାହ ମଧ୍ୟରେ ଦୁଇ ଦୁଇଥର ଭାରତ ନିକଟରୁ ପରାଜୟର ସମ୍ମୁଖୀନ ହୋଇଛି ପାକିସ୍ତାନ କ୍ରିକେଟ୍ ଦଳ। ତେବେ ଗତକାଲି ଭାରତ ବିପକ୍ଷ ସୁପର୍-୪ ମ୍ୟାଚରେ ପାକିସ୍ତାନ ଖେଳାଳିଙ୍କ କାର୍ଯ୍ୟକଳାପକୁ ନେଇ ଏବେ ସେମାନଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଓପନର୍ ଶାହିବଜାଦା ଫରହାନଙ୍କ ଏକେ-୪୭ ବନ୍ଧୁକରୁ ଗୁଳି ଚାଳନା କରିବା ଶୈଳୀରେ ସେଲିବ୍ରେସନ ଏବଂ ଦ୍ରୁତ ବୋଲର ହାରିସ ରୌଫ୍‌ଙ୍କ ବିମାନ ଖସାଇଦେବା ଇଙ୍ଗିତକୁ ନେଇ ଏବେ ସାମାଜିକ ଗଣମାଧ୍ୟମରେ ଉଭୟ ଟ୍ରୋଲର ସମ୍ମୁଖୀନ ହୋଇଛନ୍ତି। ଏହା ସେମାନଙ୍କର ପରାଜୟର ହତାଶାକୁ ପ୍ରଦର୍ଶନ କରୁଥିଲା ବୋଲି ଅନେକ କହିଛନ୍ତି। ସେହିଭଳି ଆଉ କେତେକ ଫରହାନ ଓ ରୌଫ୍‌ଙ୍କ ପ୍ରତିକ୍ରିୟା ପାକିସ୍ତାନର ଦଳର 'ମୁଜାହିଦ' ମାନସିକତାକୁ ସାମ୍ନାକୁ ଆଣିଛି ବୋଲି କହିଛନ୍ତି। ଏପରିକି ଏହି ଦୁଇ ଖେଳାଳିଙ୍କ ଏଭଳି ବ୍ୟବହାରକୁ ନେଇ ପାକିସ୍ତାନ ବୋର୍ଡ ମଧ୍ୟ ଅଡୁଆରେ ପଡ଼ିଛି। ପୂର୍ବରୁ ଯେବେବି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯାଇଛି, ସବୁବେଳେ ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି। କିନ୍ତୁ ପ୍ରଥମଥର ପାଇଁ ପାକିସ୍ତାନ ଖେଳାଳିମାନେ କ୍ରିକେଟ୍ ପଡ଼ିଆରେ ଆତଙ୍କବାଦୀ ମାନସିକତାର ପ୍ରଦର୍ଶନୀ କରିଛନ୍ତି। 'ଭଦ୍ର ଲୋକଙ୍କ ଖେଳ' ଭାବେ ପରିଚିତ କ୍ରିକେଟରେ ଫରହାନ ଓ ରୌଫ୍ ଆତଙ୍କବାଦୀ ପ୍ରତୀକକୁ ଆଣି ପୁରାଇଛନ୍ତି ବୋଲି ଅନେକ ପୂର୍ବତନ କ୍ରିକେଟର୍ କହିଛନ୍ତି।

### ଶେଷ ୭ଟି ଲଢ଼େଇରେ ଭାରତଠୁ ହାରିଛି ପାକିସ୍ତାନ

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ସପ୍ତାହ ମଧ୍ୟରେ ଭାରତ ଦୁଇ ଦୁଇଟି ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ରବିବାର ରାତିରେ ଦୁବାଇର ଷ୍ଟାଡିୟମରେ ଖେଳାଯାଇଥିବା ସୁପର୍-୪ ଲଢ଼େଇରେ ଭାରତ ୬ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫ ୱିକେଟ୍‌ରେ ୧୭୧ ରନ କରିଥିଲା। ଜବାବରେ ଓପନର୍ ଅଭିଷେକ ଶର୍ମା (୭୪ ରନ, ୩୯ ବଲ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ଭାରତ ୪ ୱିକେଟ୍ ହରାଇ ୭ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୭ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଥିଲା। ବିଶ୍ୱର ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ବିଜୟଧାରାକୁ ଗଲା ୩ ବର୍ଷ ହେଲା ବଜାୟ ରଖିଛି। ସେ ଦିନିକିଆ ବିଶ୍ୱକପ୍ ହେଉକି ଟି-୨୦ ବିଶ୍ୱକପ୍ କିମ୍ବା ଚାମ୍ପିଅନ୍ସ ଟ୍ରଫି ହେଉ ଅବା ଏସିଆ କପ୍। ୨୦୨୨ରୁ ଅଦ୍ୟାବଧି ବଡ଼ ବଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ୭ଟି ମ୍ୟାଚ୍ ଖେଳି ଶତପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି।

**ଭାରତ-ପାକିସ୍ତାନ ଶେଷ ୭ ମ୍ୟାଚ୍**

| ଟୁର୍ଣ୍ଣାମେଣ୍ଟ | ବର୍ଷ | ଫଳାଫଳ |
|---|---|---|
| ଏସିଆ କପ୍ | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୫ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଚାମ୍ପିଅନ୍ସ ଟ୍ରଫି | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୪ | ଭାରତ ୬ ରନରେ ବିଜୟୀ |
| ଦିନିକିଆ ବିଶ୍ୱକପ୍ | ୨୦୨୩ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୩ | ଭାରତ ୨୨୮ ରନରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୨ | ଭାରତ ୪ ୱିକେଟ୍‌ରେ ବିଜୟୀ |

### ବ୍ରହ୍ମାସ୍ତ୍ର ଲଞ୍ଚ କଲେ ଅଭିଷେକ-ଗିଲ୍: କାନେରିଆ

ପାକିସ୍ତାନ ବିପକ୍ଷ ସୁପର୍-୪ ମୁକାବିଲାକୁ ୬ ୱିକେଟ୍‌ରେ ଜିତିବା ପରେ ଭାରତର ଦୁଇ ଓପନର୍ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ବ୍ୟାଟିଂକୁ ଚାରିଆଡ଼ୁ ପ୍ରଶଂସା କରାଯାଇଛି। ୧୭୨ ରନର ଲକ୍ଷ୍ୟକୁ ପିଛା କରୁଥିବାବେଳେ ଅଭିଷେକ ଓ ଗିଲ୍ ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୧୦୫ ରନ ଉଠାଇ ବିଜୟପଥ ପରିଷ୍କାର କରିଥିଲେ। ଏହି ଶତକୀୟ ଭାଗୀଦାରିକୁ ପୂର୍ବତନ ପାକିସ୍ତାନ କ୍ରିକେଟର୍ ଦାନିସ କାନେରିଆ ବେଶ୍ ପ୍ରଶଂସା କରିଛନ୍ତି। ଖବର ସରବରାହ ସଂସ୍ଥା ଆଇଏଏନ୍‌ଏସ୍ ସହ ଏକ ସାକ୍ଷାତ୍‌କାର ଅବସରରେ କାନେରିଆ କହିଛନ୍ତି, 'ଶାହିବଜାଦା ଫରହାନ ଅର୍ଦ୍ଧଶତକ ପରେ ଏକେ-୪୭ ବନ୍ଧୁକରୁ ଗୁଳି ଚଳାଇବା ଶୈଳୀରେ ସେଲିବ୍ରେସନ କରିଥିଲେ। କିନ୍ତୁ ଏହାପରେ ଅଭିଷେକ ଓ ଗିଲ୍ ବିସ୍ଫୋରକ ବ୍ୟାଟିଂ ଜରିଆରେ ସେମାନଙ୍କ ବ୍ୟାଟରୁ ପାକିସ୍ତାନ ଉପରେ ବ୍ରହ୍ମାସ୍ତ୍ର ଲଞ୍ଚ କରିଥିଲେ। ଭାରତୀୟ ଓପନର୍‌ଙ୍କ ପ୍ରତି ଆକ୍ରମଣ ଏତେ ବିଧ୍ୱଂସୀ ଥିଲା ଯେ ପାକିସ୍ତାନ ଖେଳାଳି ଧରାଶାୟୀ ହୋଇପଡ଼ିଥିଲେ। ପାକିସ୍ତାନ ବୋଲରଙ୍କୁ ଗିଲ୍ ଓ ଅଭିଷେକ ପ୍ରଥମେ 'ଧୁଲାଇ' ଓ ପରେ 'ମହାଧୁଲାଇ' କରିଥିଲେ' ବୋଲି କହି କାନେରିଆ ନିଜ ଦେଶର ଖେଳାଳିଙ୍କୁ ଭର୍ତ୍ସନା କରିଛନ୍ତି।

### ପାକିସ୍ତାନ ୨୦୦ କରିଥିଲେ ମଧ୍ୟ ହାରିଥାନ୍ତା: ଅଖତର

ଭାରତ ନିକଟରୁ କ୍ରମାଗତ ଦୁଇଟି ମ୍ୟାଚ୍ ହାରିବା ପରେ ପୂର୍ବତନ ପାକିସ୍ତାନ କ୍ରିକେଟର୍ ନିଜ ଦଳର ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ବେଶ୍ ସମାଲୋଚନା କରିଛନ୍ତି। ରାୱଲପିଣ୍ଡି ଏକ୍ସପ୍ରେସ ଭାବେ ପରିଚିତ ସୋଏବ ଅଖତର ନିଜ ଦଳକୁ ସମାଲୋଚନା କରି କହିଛନ୍ତି, ଯଦି ପାକିସ୍ତାନ ୨୦୦ ରନ କରିଥାନ୍ତା ତେବେ ତଥାପି ମ୍ୟାଚ୍ ହାରିଥାନ୍ତା। ପାକିସ୍ତାନ ବୋଲିଂ ଲାଇନଅପ୍ ୨୦୦ ରନକୁ ମଧ୍ୟ ଡିଫେଣ୍ଡ କରିପାରି ନ ଥାନ୍ତା। ଦଳର ବୋଲିଂ ରଣନୀତି ସମ୍ପୂର୍ଣ୍ଣ ଭୁଲ୍ ଥିଲା। ଅବରାର ଅହମ୍ମଦଙ୍କ ଭଳି ପ୍ରମୁଖ ବୋଲରଙ୍କୁ ପଛରେ ରଖି ସଇମ ଆୟୁବଙ୍କୁ ପାୱାର ପ୍ଲେ'ରେ ବୋଲିଂ ଦେବା ବୋକାମୀ ଥିଲା' ବୋଲି ଏକ ଟିଭି ଶୋ'ରେ ଅଖତର କହିଛନ୍ତି। ଏହି ପୂର୍ବତନ ଦ୍ରୁତ ବୋଲର ଆହୁରି ମଧ୍ୟ ହାରିସ ରୌଫ୍‌ଙ୍କୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଅଖତର କହିଥିଲେ, ରୌଫ୍‌ଙ୍କୁ ଯେଉଁ ୱିକେଟ୍ ମିଳିଛି ତାହା ଭାରତୀୟ ବ୍ୟାଟର୍‌ଙ୍କ ଭୁଲ୍ ଯୋଗୁଁ ପାଇଛନ୍ତି। ସେ ନିଜ ଦକ୍ଷତା ବଳରେ ଜଣେ ବି ଭାରତୀୟ ବ୍ୟାଟର୍‌ଙ୍କୁ ଆଉଟ୍ କରିନାହାନ୍ତି। ସେହିଭଳି ଅଭିଷେକଙ୍କ ବ୍ୟାଟିଂ ବେଶ୍ ପ୍ରଶଂସନୀୟ ଥିଲା। ଯଦି ଅଭିଷେକ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥାନ୍ତେ ତେବେ ଭାରତ ୧୫ ଓଭରରେ ମ୍ୟାଚ୍ ଜିତିଯାଇଥାନ୍ତା। ସଞ୍ଜୁ ସାମସନଙ୍କ ସ୍ଥାନରେ ଲୋକେଶ ରାହୁଲ ଭାରତୀୟ ଦଳରେ ରହିଥିଲେ ପାକିସ୍ତାନର ସ୍ଥିତି ଆହୁରି ଖରାପ ହୋଇଥାନ୍ତା' ବୋଲି ସୋଏବ କହିଛନ୍ତି। ନିଜ ଦେଶର ଖେଳାଳିଙ୍କୁ ଅଖତରଙ୍କ ଏହି ସମାଲୋଚନା ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଗଭୀର ସମସ୍ୟାରେ ପକାଇଛି।

**DP WORLD ASIA CUP — ଆଜିର ମ୍ୟାଚ୍**
ଶ୍ରୀଲଙ୍କା-ପାକିସ୍ତାନ
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ସୁଲତାନ ଜୋହର କପ୍ ଜୁନିଅର ହକି

# ଭାରତୀୟ ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଗାମୀ ସୁଲତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ସୋମବାର ଭାରତୀୟ ଜୁନିଅର ପୁରୁଷ ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ରୋହିତ୍‌ଙ୍କୁ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ରୋସନ କୁଜୁର ଓ ଆଦ୍ରୋହିତ୍ ଏକ୍କା। ସେହିଭଳି ୫ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଏ ଭାବେ ଦଳରେ ରଖାଯାଇଛି।





ଏଥିରେ ମଧ୍ୟ ଓଡ଼ିଶାର ବିବେକ ଲାକ୍ରା ଓ ରୋହିତ୍ କୁଲ୍ଲୁଙ୍କୁ ସାମିଲ କରାଯାଇଛି। ୨୧ ବର୍ଷରୁ କମ୍ ଏହି ସମ୍ମାନଜନକ ହକି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ମାଲେସିଆରେ ଖେଳାଯିବ। ଆୟୋଜକ ମାଲେସିଆ ସମେତ ଭାରତ, ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନଭିତ୍ତିରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଅକ୍ଟୋବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଥିଲା।

# ନାଇଟ୍ ରାଇଡର୍ସଙ୍କୁ ୫ମ ସିପିଏଲ୍ ଟ୍ରଫି




ଗୁୟାନା, ୨୨।୯ (ଏଜେନ୍ସି): କାରିବୀଆନ ପ୍ରିମିୟର ଲିଗ୍ (ସିପିଏଲ୍)ର ୧୩ତମ ସଂସ୍କରଣରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଛି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ନାଇଟ୍ ରାଇଡର୍ସ ୩ ୱିକେଟ୍‌ରେ ଗୁୟାନା ଆମାଜନ ୱାରିୟର୍ସକୁ ପରାସ୍ତ କରି ରେକର୍ଡ ୫ମଥର ଲାଗି ସିପିଏଲ୍ ଟ୍ରଫି ଜିତିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୁୟାନା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୦ ରନ କରିଥିଲା। ଦଳ ପକ୍ଷରୁ ଇଫତିକାର ଅହମ୍ମଦ ସର୍ବାଧିକ ୩୦, ବେନ୍ ମ୍ୟାକଡର୍ମଟ୍ଟ ୨୮ ରନ କରିଥିଲେ। ଜବାବରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ୨ ଓଭର ବଳକା ଥାଇ ୭ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଲେକ୍ସ ହେଲ୍ସ ୨୬, କଲିନ ମୁନରୋ ୨୩, ସୁନିଲ ନାରାୟଣ ୨୨ ରନ କରିଥିଲେ। ଅଧିନାୟକ ନିକୋଲସ ପୁରନ ୧ ରନ କରି ନିରାଶ କରିଥିଲେ।

# ଜୟ ଶାହଙ୍କୁ ଭେଟିଲେ ସଞ୍ଜୟ



କଟକ,୨୨।୯ (ସମିସ): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଅଧ୍ୟକ୍ଷ ଜୟ ଶାହଙ୍କୁ ଅହମ୍ମଦାବାଦ୍‌ରେ ଭେଟିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଶ୍ରୀ ଶାହଙ୍କ ଜନ୍ମଦିନ ଉପଲକ୍ଷେ ସଞ୍ଜୟ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ରାଜ୍ୟ କ୍ରିକେଟ ବାବଦରେ ଆଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବା ନିମନ୍ତେ ସଞ୍ଜୟ ଶ୍ରୀ ଶାହଙ୍କୁ ନିମନ୍ତ୍ରଣ ଦେଇଥିଲେ।

# ୧୧ ବର୍ଷ ପରେ ଭାରତ ଆସିବେ ବୋଲ୍ଟ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଠଥରର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ମହାନ ଧାବକ ଉସେନ ବୋଲ୍ଟ ଭାରତରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବେ। ଅକ୍ଟୋବର ୧ରେ ମୁମ୍ବଇରେ ଏହି ଫୁଟ୍‌ବଲ ମ୍ୟାଚ୍ ଖେଳାଯିବ। ଏକ ସ୍ପୋର୍ଟ୍ସ ବ୍ରାଣ୍ଡର ଦୁଇ ଦିନିଆ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଆୟୋଜିତ ହେବ। ଏହି ଫୁଟବଲ୍ ମ୍ୟାଚ୍ ଇଣ୍ଡିଆନ ସୁପର୍ ଲିଗ୍‌ର ଦୁଇ ଦଳ ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏଥିରେ ବୋଲ୍ଟ ମୁମ୍ବାଇ ପାଇଁ ଗୋଟିଏ ହାଫ୍ ଓ ବେଙ୍ଗାଲୁରୁ ପାଇଁ ଅନ୍ୟ ହାଫ୍‌ଟି ଖେଳିବେ ବୋଲି ଜଣାପଡ଼ିଛି। ବଲିଉଡ୍‌ର କିଛି ଚର୍ଚ୍ଚିତ ଚେହେରାଙ୍କୁ ମଧ୍ୟ ଏହି ପ୍ରଦର୍ଶନୀ ମ୍ୟାଚରେ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଜାମାଇକା ତାରକା ବୋଲ୍ଟ ସେପ୍ଟେମ୍ବର ୨୬ରୁ ୨୮ ମଧ୍ୟରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ଉଲ୍ଲେଖଯୋଗ୍ୟ, ୩୯ ବର୍ଷୀୟ ବୋଲ୍ଟ ଦ୍ୱିତୀୟଥର ଲାଗି ଭାରତ ଗସ୍ତରେ ଆସିବେ। ଏଥିପୂର୍ବରୁ ସେ ୨୦୧୪ରେ ପ୍ରଥମଥର ଭାରତ ଗସ୍ତରେ ଆସି ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ରିକେଟର୍ ଯୁବରାଜ ସିଂହଙ୍କ ସହ ଏକ ୧୦୦ ମିଟର ରେସରେ ଭାଗନେଇଥିଲେ।

## ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ପୁରୀ ଟାଇଟନ୍ସର ଦ୍ୱିତୀୟ ବିଜୟ



କଟକ,୨୨।୯ (ସମିସ)

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସୋମବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ୪୫ ରନରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଛି। ଟାଇଟନ୍ସର ଏହା ଦ୍ୱିତୀୟ ବିଜୟ। ୪ଟି ମ୍ୟାଚ୍‌ରୁ ୮ ପଏଣ୍ଟ ହାସଲ କରି ପୁରୀ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଷ୍ଟିଲର୍ସ ଏଯାବତ୍ ବିଜୟ ଖାତା ଖୋଲିପାରିନି। ଏକ ମ୍ୟାଚ୍ ବାତିଲ ଯୋଗୁଁ ୨ ପଏଣ୍ଟ ହାସଲ କରି ଷ୍ଟିଲର୍ସ ଦଳ ଟେବଲର ଅନ୍ତିମ ସ୍ଥାନରେ ରହିଛି।

ଟାଇଟନ୍ସ ଏବଂ ଷ୍ଟିଲର୍ସ ମଧ୍ୟରେ ହୋଇଥିବା ମୁକାବିଲାରେ ବର୍ଷା ବାଧକ ସାଜିଥିଲା। ଖେଳ ୧୮ ଓଭର ବିଶିଷ୍ଟ କରାଯିବାକୁ ମ୍ୟାଚ୍ ରେଫରୀ ଘୋଷଣା କରିଥିଲେ। ରାଉରକେଲା ଷ୍ଟିଲର୍ସ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିଫଳତା ସତ୍ତ୍ୱେ ଟାଇଟନ୍ସ ୭ ୱିକେଟ ବିନିମୟରେ ୧୬୧ ରନ ସଂଗ୍ରହ କରି ପାରିଥିଲା। କାର୍ତ୍ତିକ ବିଶ୍ୱାଳ ୨୯ ବଲରୁ ୪୨ ରନ ଓ ମିଡିୟମ ପେସ୍ ବୋଲିଂ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତି ୪୫ ରନର ବିସ୍ଫୋରକ ପାଳି ଖେଳିଥିଲେ। ଏଥିରେ ୨ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା। ରାଉରକେଲାର ପ୍ରଦୀପ ପ୍ରଧାନ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ପୁର୍ନବାର ବର୍ଷା ଯୋଗୁଁ ଡିଏଲଏସ୍ ପଦ୍ଧତିର ସହାୟତା ନିଆଯାଇଥିଲା।




ଏଥିରେ ୧୦.୪ ଓଭରରେ ରାଉରକେଲା ସମ୍ମୁଖରେ ୯୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଷ୍ଟିଲର୍ସ ୫ ୱିକେଟ ହରାଇ ମାତ୍ର ୫୧ରନ ସଂଗ୍ରହ କରିଥିଲା। ଅମିନ ଖାନ ସର୍ବାଧିକ ୧୫ ରନ କରିଥିଲେ। ବିଜୟୀ ଟାଇଟନ୍ସ ପକ୍ଷରୁ ମହମ୍ମଦ ଡାନିସ୍ ୨ଟି ୱିକେଟ ଦଖଲ କରିଥିଲେ। କାର୍ତ୍ତିକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

## ● ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ସାଗରଙ୍କୁ ସ୍ୱର୍ଣ୍ଣ, ସୂରଜ ଜିତିଲେ ରୌପ୍ୟ




ଭୁବନେଶ୍ୱର, ୨୨।୯ (ସମିସ): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ସୋମବାରଠାରୁ ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୩୬ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ୨ଟି ପଦକ ସଫଳତା ମିଳିଛି। ପୁରୁଷ ହାଇଜମ୍ପରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସାଗର ୧.୯୦ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଡିସକସ୍ ଥ୍ରୋରେ ଓଡ଼ିଶାର ସୂରଜ ଗୋପେ ରୌପ୍ୟ ପଦକ ହାସଲ କରିଛନ୍ତି। ସୂରଜ ୪୩.୪୪ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତିନିଦିନିଆ ଏହି ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS